

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ

❋ ପଞ୍ଚମ ପୁଷ୍ପ ❋ ପଞ୍ଚମ ପାଖୁଡ଼ା ❋ ଚତୁର୍ବିଂଶତମ ସଂଖ୍ୟା ❋


ସଂପାଦକ : କେଶବଦାସ ବୃନ୍ଦାବନ

ପ୍ରକାଶକ : ଧୀରେନ୍ଦ୍ର ବେହେରା, ସାଧାରଣ ସଂପାଦକ
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍
କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ମୁଦ୍ରଣ : ଇନ୍ ପ୍ରିଣ୍ଟ, ଚାନ୍ଦିନୀଚୌକ, କଟକ ।

ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ଼,
କଟକ, ଫୋନ- ୨୩୧୧୪୩୧


## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ


ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ॥
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସତ୍ତ୍ୱ ସଂରକ୍ଷିତ ॥

❋ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ ❋ ତ୍ରିଚତ୍ୱାରିଂଶତ୍ ❋ ସ୍ନାନମାସ ❋ ଦେବସ୍ନାନ ପୂର୍ଣ୍ଣିମା ❋

# ସ୍ୱଦେଶୀ ପରିଚିତି

❋ ପଞ୍ଚମ ପୁଷ୍ପ ❋

ପଞ୍ଚମ ପାଖୁଡ଼ା

ଚତୁର୍ବିଂଶତମ ସଂଖ୍ୟା

❖ ବୈଦିକପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

ଦ୍ୱିତୀୟ ମହକ କେଶବାବ୍ଦ - ୫୨, ଦୋଳ ପୂର୍ଣ୍ଣିମା ୨୦୦୭ ମାର୍ଚ୍ଚ ୨


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀକେଶବ ସ୍ତୁତି | ୧ |
| **ସିଂହଦ୍ୱାର** | |
| ମିନତି ପୟରେ ଏତିକି | ୨ |
| ତୁମେ କରୁଣା ଅବତାର | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୮ |
| ପୁରାଣ ପୃଷ୍ଠାରୁ (ଗଳ୍ପାଂଶ) | ୯ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ | ୧୨ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୫ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି | ୧୮ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୧ |
| ଜିଜ୍ଞାସା : ଜିଜ୍ଞାସୁ : | ୨୪ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୭ |
| କେଶବ କୈବଲ୍ୟ କଣିକା | ୩୦ |
| କଲ୍ୟାଣ ଦେଲି ତୋତେ | ୩୧ |
| ବ୍ରହ୍ମବୈବର୍ତ୍ତ ପୁରାଣ: ନୃପତି ଉପାଖ୍ୟାନର ମୀମାଂସା ଭଙ୍ଗ | ୩୫ |
| ମାଳିକା ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା | ୩୮ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୪୧ |
| ଚରମ ଯଜ୍ଞ ସଂକଳନ | ୪୩ |
| ଆଶ୍ରମ ସନ୍ଦେଶ | ୪୮ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।

୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।

୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।

୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।

୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।

୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର     ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ     ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ର     ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା     ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣ ସ୍ତମ୍ଭ

**ମଙ୍ଗଳାଚରଣ**

ଧାୟେ ସଦା ମମହୃଦି ତବପାଦ ଯୁଗମ୍
ଗାୟତଃ ମେଧର ପ୍ରତୌ ତବନାମ ନିତ୍ୟମ୍ ।
ପଶ୍ୟାମିତେଽଖିଳ ରୂପଂ ଶୟନେ ଚ ସ୍ୱପ୍ନେ
ଶାନ୍ତିଂ କରୋତୁ କେଶବ ! ମମ ସର୍ବ ଦୁଃଖମ୍ ।।

## ଶ୍ରୀ କେଶବ ସ୍ତୁତି:

କଳୁଷ ନାଶନ କେଶବ ।
କୃପା ସାଗର ତୁ ମାଧବ ।।
ମାହାଙ୍ଗାପୁର ବିମଣ୍ଡନ ।
ଭକ୍ତ ହୃଦୟ ଗଣ୍ଠିଧନ ।।
ଜରିଆ ପୁଳିନ ବିହାରୀ ।
କଳୁଷ ନାଶ ଦଇତାରୀ ।।
ଜୟହେ ସୁକାନ୍ତି ତନୟ ।
ଆରତତ୍ରାଣ ଭବଭୟ ।।
ଜୟ ଭକତ ଗଣ୍ଠିଧନ ।
ଜୟ ତୁ ପ୍ରଭୁ ନିରଞ୍ଜନ ।।
ଜୟ ତୁ ଚିନ୍ତାମଣି ନାଥ ।
ବିପଦେ ଦେଖାଉତୁ ପଥ ।।
ଜୟହେ କୃପା ପାରାବାର ।
ଜୟ ଭକତ ହୃଦହାର ।।
ଭକତ ହୃଦେ ସଦା ଥାଉ ।
ଭକତ ବାଞ୍ଛା ଫଳ ଦେଉ ।।
ସୂକ୍ଷ୍ମ ରୂପରେ ରହିଥାଉ ।
ସନ୍ଦେଶ ରୂପେ ଦେଖାଦେଉ ।।
ତେଣୁ ସନ୍ଦେଶପଥ ଦେଲୁ ।
ଭକତ ହୃଦୟ କିଣିଲୁ ।।
ସନ୍ଦେଶ ପତ୍ର ତୋ ସ୍ୱରୂପ ।
ଅଷ୍ଟାଙ୍ଗ ଯୋଗର ଅଧୀପ ।।

ଓଁକାର ନାମ ମୁଖେ ନେଇ ।
ଓଁକାର ମୂର୍ତ୍ତି ହୃଦେ ଧ୍ୟାୟି ।।
ଅର୍ଘ୍ୟଫଳ ନିତ୍ୟ ଧାରଣ ।
କରିତା' ଧୌତ ଜଳପାନ ।।
ଧାରାକୁ ନିତ୍ୟ ମନେ ହେଜି ।
ବୀଜମନ୍ତ୍ରକୁ ନିତି ଭଜି ।।
ଭକତ ତୋ ପାଦକୁ ଧ୍ୟାୟି ।
ନିତ୍ୟ ତୋ ସନ୍ନିଧାନେ ରହି ।।
ତୁ ଦେବ ତ୍ରିପୁର ବିହାରି ।
ତେଣୁ ଅଚ୍ୟୁତ ନାମ ଧରି ।।
ଚ୍ୟୁତି ବିଚ୍ୟୁତି ନାହିଁ ତୋର ।
ସୂକ୍ଷ୍ମ କାରଣେ ତୋ ବିହାର ।।
ସୁକାନ୍ତି ତନୟ ପୟରେ ।
ଚିତ୍ତମୋ ରହୁ ନିରନ୍ତରେ ।।
ଜୟ କେଶବ କାରୁଣିକ ।
ଭକତ ହୃଦୟ ମାଣିକ ।।
ଭକତ ବସଳ ମାଧବ ।
କରୁଣା ସାଗର କେଶବ ।।
ଧନ୍ୟ ତୋ ମହିମା ଅପାର ।
କି ଗୁଣ ଗାଇବି ତୋହର ।।
ତୋ ଲୀଳା ତୋତେ ଅଗୋଚର ।
କିବା ଭଣିବି ମୁଁ ପାମର ।।




## ମିନତି ପୟରେ ଏତିକି :

ଜୀବନ ପଥରେ ସବୁ ଶୁଭମଣି ନୀରବ ରହିବି, ରହିଥିବି ।
ତୁମ ଶ୍ରୀପଦରେ ଦିବାନିଶି ମୁଁ ଯେ ସ୍ଥିରଭାବେ ଲୟ ରଖିଥିବି ॥
ଧୂପଦୀପ ପରି ଜଳିଜଳି ଯିବି ଆଲୋକ ସୁବାସ ବିତରିବି ।
ଜୀବନରେ ଅବା ମରଣରେ ମୁଁ ଯେ ତୁମ ଅପରୂପ ଦେଖୁଥିବି ॥
ତୁମରି ସୃଷ୍ଟିରେ ଭଲମନ୍ଦ ସବୁ ତୁମରି ବନ୍ଦନା ଗାଉଥିବେ ।
ତୁମ ଶୁଭନାମ ପରମ ନିଧାନ ପିୟୁଷ ପ୍ରସାଦ ପାଉଥିବେ ॥
ଆଲୋକରେ ଅବା ଅନ୍ଧାକାରେ ତୁମେ ପ୍ରତିଭାତ ହେଉଥିବ ।
ମହାର୍ଘ୍ୟ ଜୀବନ ଅର୍ଘ୍ୟ ଅଂଜଳି ମୋହାତରୁ ତୋଳି ନେଉଥିବ ॥
ପାଦ ଖସିଗଲେ ହାତଧରି ମୋର ଉଚିତ ମାର୍ଗରେ ଚଳାଇବ ।
ଶ୍ରୀମୁଖ ନିଃସୃତ ଅମୀୟ ପିୟୁଷ ଯଥାକାଳେ ମୋତେ ଚଖାଇବ ॥
ତୁମରି ସୃଷ୍ଟିକୁ ସରସସୁନ୍ଦର କରିବାକୁ ମୋତେ ବଳିଦିଅ ।
ଭୋକିଲାକୁ ଖାଦ୍ୟ ତୃଷିତକୁ ଜଳ ନଗ୍ନ ପାଇଁ ବାସ ଖଂଜିଦିଅ ॥
ଭୋଗ ପିପାସାର ଆତ୍ମକୈନ୍ଦ୍ରିକ ସ୍ୱାର୍ଥପରତା ଦୂରକର ।
ମଣିଷଟି ପରି ବଞ୍ଚିରହିବା ରାହାକୁ ଦେଖାଇ ପାରିକର ॥
ଅନେକ ଆଖିରୁ ତତଲା ଲୋତକ ପୋଛିବାର ପାଇଁ ବଳଦିଅ ।
ଅନେକ ଓଠରେ ହସର ପାଖୁଡ଼ା ମେଲିବା ଶକତି ଭରିଦିଅ ॥
ଶ୍ରୀପାଦପଦ୍ମରେ ଲୟ ସ୍ଥିର କରି ଥୟ ହେବା ପଥ କହିଦିଅ ।
ଆପଦେ ବିପଦେ ଡାକି ପାରୁଥିଲେ ଆପଣାର ହୋଇ ବହିନିଅ ॥
ମିନତି ପୟରେ ଏତିକି ଦାସର ଘେନାକର ପ୍ରଭୁ କରଘେନା ।
ଜୀବନ ମୋହର ବିଫଳ ବିଅର୍ଥ ପାଦପଦ୍ମ ଦରଶନ ବିନା ॥

# ହେ ମହାପ୍ରଭୁ ! ତୁମେ କରୁଣା ଅବତାର ।।

ରାଗ : ଖଣ୍ଡ କାମୋଦୀ । ତାଳ : ତ୍ରିପଟା ।।

ହେ ମହାପ୍ରଭୁ ! ତୁମେ କରୁଣା ଅବତାର

ବିଚିତ୍ର ଏ ରୀତି ତୁମର

ସକାମ ଭକ୍ତି କରି କରିଲା ଯେ ଗୁହାରୀ ପୂରଣ କଲ ସାଧ ତା'ର ହେ .... (୦)

ଗୀତାରେ ଦେଖାଇଛ ମାର୍ଗ

ସାର ନିଷ୍କାମ କର୍ମଯୋଗ

କରେ ଯେ ଆଚରଣ ହୁଏ ପ୍ରୀତିଭାଜନ ମୁକ୍ତି ବିଧାନ କର ତା'ର ହେ...... (୧)

ସକାମ ଭକ୍ତ ଜଣେ କେହି

ତୁମ ଚରଣ ମାତ୍ର ଧ୍ୟାୟି

ପାଇଗଲା ମୁକତି କିବା ଥିଲା ସୁକୃତି କରିଲ ସଦ୍‌ଗତି ତାହାର୍ଗ ହେ...... (୨)

କିଛି କାମନା ତୁମ ଠାରେ

ନକରି କେବେତ ଭ୍ରମରେ

ନିରତେ ତୁମ ନାମ ନେଇ ସକଳ କର୍ମ କରେ ଯେ କି ଦୋଷ ତାହାର ହେ ..... (୩)

ମନ ପୂରାଇ ବିଡ଼ମ୍ୱନ

ତାହାରେ କେତେଯେ କଷଣ

ପୂର୍ବ ଅର୍ଜିତ କହି ପାର ହେ ପ୍ରଭୁଦେଇ ସହେ ଭାଗ୍ୟକୁ ନିନ୍ଦି ତା'ର ହେ.... (୪)

ତଥାପି ଧୈର୍ଯ୍ୟ ନହରାଇ

ପଦପଙ୍କଜ ସଦା ଧ୍ୟାୟି

ଚାହେଁନା ପରିତ୍ରାଣ କିବା ମୋକ୍ଷ ନିର୍ବାଣ ତୁମେହିଁ ଆଶ୍ରୟ ତାହାର ହେ.... (୫)

# ମୁଖଶାଳା

## ସମ୍ପାଦକୀୟ

''ଭଜୁ କିନା ରାମ ନାମରେ ରାଜନ ବୋଲୁକିନା ରାମ ନାମ ।
ଭଜି ନପାରିଲେ କୁଳଚନ୍ଦ୍ରମାରେ ବାନ୍ଧିନେବ କାଳ ଯମ ॥
ସେହି କାଳଯମ ବଡ଼ ଦାରୁଣରେ ନଜାଣଇ ଦୁଃଖ ସୁଖ ।
ବାଛି ନେବ କଣ୍ଠା ରଖିବ ପାଟିଲା ଦେବଟି ଦାରୁଣ ଦୁଃଖ ॥''

ଯୋଗୀନ୍ଦ୍ର ଦେବଙ୍କ ବିପ୍ରଦାସ 'ଟୀକା ଗୋବିନ୍ଦ ଚନ୍ଦ୍ର'ର ପ୍ରାରମ୍ଭରେ ନାମ ଭଜନ କୀର୍ତ୍ତନର ମହିମା ଓ ମହତ୍ତ୍ୱ ଉପରେ ଗୁରୁତ୍ୱ ଆରୋପ କରି ସତର୍କ ସଂକେତ ଦେଇ କହିଛନ୍ତି ଯେ, ବୀଜନାମ (ମନ୍ତ୍ର) ମନନ ଭଜନ କରି ନପାରିଲେ ପ୍ରାଣୀ ଅକାଳ ମୃତ୍ୟୁ ମୁଖରେ ପତିତ ହେବା ଅବଶ୍ୟମ୍ଭାବୀ ।

ଶ୍ରୀମଦ୍‌ଭାଗବତରେ ଜଗନ୍ନାଥ ଦାସ ଗାଇ ଯାଇଛନ୍ତି :

''ମନୁଷ୍ୟ ଜନ୍ମର ଏ ଲାଭ ।
ଯେବେ ଗୋବିନ୍ଦେ କରେ ଭାବ ॥''

ଭଗବତ୍ ଭଜନ ବ୍ୟତୀତ ଆମେ ଯେଉଁ ସବୁ କର୍ମକୁ କର୍ତ୍ତବ୍ୟ ବୋଲି ବାଛି ନେଉଛୁ, ସେଥିରେ କ'ଣ ଆମର ସର୍ବାର୍ଥ ସିଦ୍ଧି ହେଉଛି ନା ହୋଇପାରିବ ? ବରଂ ତଦ୍ୱାରା ଆମର ଅଭାବ ବଢୁଛି, ନୁହେଁ କି ? ଆମେ ଆମର ବ୍ୟବହାର ପାଇଁ ଯେଉଁସବୁ ନୂଆ ନୂଆ ଜିନିଷ ପ୍ରୟୋଜନ କରୁଁ, ସେଥିପାଇଁ ଯେତେ ନୂଆନୂଆ ପଦାର୍ଥ ଉଦ୍ଭାବନ କରୁଁ; ଆମର ଅଭାବ ସେତେ ବଢ଼ି ଚାଲିଛି । ତେବେ ଆମର କର୍ତ୍ତବ୍ୟ କର୍ମ ଠିକ୍ ହେଲା ବୋଲି କହିବା କିପରି ?

ଭଗବାନଙ୍କର ଆଜ୍ଞାହିଁ କର୍ତ୍ତବ୍ୟ । ପ୍ରଭୁଙ୍କର ଆଜ୍ଞାପାଳନ କଲେ, ସେ ସନ୍ତୁଷ୍ଟ ହୁଅନ୍ତି । ଭଗବତ୍ ସନ୍ତୋଷ ପରେ ଆଉ କ'ଣ କିଛି ଅଛି ଯେ ଅଭାବ ରହିବ ? ଯେତେବେଳେ ଆମର ଅଭାବ ରହୁଛି, ସେତେବେଳେ ବୁଝିବାକୁ ହେବ ଯେ, ଆମର କର୍ତ୍ତବ୍ୟ କରିବା ଠିକ୍ ହୋଇ ନାହିଁ ବା ହେଉନାହିଁ । ଯାହା କରିବା ପରେ କରିବାକୁ ଆଉ କିଛି ନଥାଏ, ତାହାହିଁ ଠିକ୍ କର୍ତ୍ତବ୍ୟ । ଭଗବତ୍ ଭଜନ ବ୍ୟତୀତ/ପ୍ରଭୁଙ୍କର ଲୀଳା କୀର୍ତ୍ତନ ବ୍ୟତୀତ ଏପରି କର୍ତ୍ତବ୍ୟ ଆଉ କ'ଣ ଅଛି ଯେ, ଯେଉଁଥିରେ ଜୀବର ସର୍ବ ଅଭୀଷ୍ଟ ସିଦ୍ଧି ହେବ ? ତେଣୁ ଜଗନ୍ନାଥ ଦାସ ଶ୍ରୀମଦ୍ ଭାଗବତରେ କହିଛନ୍ତି :

''ଏରୂପେ ଭକ୍ତିଯୋଗ ପଥେ ।
ଯେ ପ୍ରାଣୀ ଆଶ୍ରେ କରେ ମୋତେ ॥
ସର୍ବ ସଂକଳ୍ପ ତା'ର ମିଳେ ।
ଯେ ମୋତେ ଭଜଇ ନିଷ୍ଠଳେ ॥''

ଭଗବାନ ଠାକୁରଙ୍କ ପ୍ରଦତ୍ତ ବୀଜମନ୍ତ୍ରର ମାନସ ଜପ ଯେ ଆମ୍ଭମାନଙ୍କର ପରମ ଓ ଚରମ କର୍ତ୍ତବ୍ୟ-ଏ ବିଷୟରେ କହିବାକୁ ଗଲେ, ଏତିକି ମାତ୍ର ଅବଶ୍ୟ ପ୍ରତ୍ୟେକ ନିଜନିଜକୁ ପ୍ରଶ୍ନକରିବା ଉଚିତ: ଆମ୍ଭେମାନେ ଘରଦ୍ୱାର କରିଛୁ, କ'ଣ ପାଇଁ ? ଆମର ସୁଖ ପାଇଁ ତ ? ସେହିପରି ଭଗବାନ ଏ ସୃଷ୍ଟି ରଚନା କରିଛନ୍ତି କାହିଁକି ? କେବଳ ତାଙ୍କର ସୁଖ ପାଇଁ । କିଭଳି ଭାବରେ ଆମେ ତାଙ୍କୁ ସୁଖ ଦେଇ ପାରିବା ? ସେବା ଦ୍ୱାରା । ସେବାର ସ୍ୱରୂପ କ'ଣ ? ଭଜନହିଁ ସେବା । ପ୍ରକୃତରେ ପ୍ରକୃଷ୍ଟ ସେବା । ସେବା ମାନେ

ସୁଖ ଦେବା । ଠାକୁରଙ୍କୁ ଭଜନ କଲେ (ତାଙ୍କ ପ୍ରଦତ୍ତ ବୀଜମନ୍ତ୍ର ଅନବରତ ମାନସ ଜପ କଲେ, ସେ ସୁଖୀ ହୁଅନ୍ତି । ସେ କେବଳ ସୁଖୀ ହେବା ପାଇଁ ଏ ବିଶାଳ ସୃଷ୍ଟି ରଚନା କରିଛନ୍ତି । ତାଙ୍କ ସୁଖରେ ସୁଖୀ ହେବା ଆମର କର୍ତ୍ତବ୍ୟ । ମାନସ ଜପ କରି ଅଖଣ୍ଡ ସୁଖ, ଆନନ୍ଦ ଓ ଶାନ୍ତି ଲାଭ କରିବା ଆମର ପ୍ରକୃଷ୍ଟ ସାଧନା । ଏହା ମାଧ୍ୟମରେ ଠାକୁରଙ୍କୁ ସୁଖ ଦେବା ସହିତ ତାଙ୍କରି ପରମ ଭାବରେ ଆମେ ନିବିଡ଼ ବନ୍ଧନରେ ବାନ୍ଧି ହୋଇଯାଇ ପାରିବା । ଫଳରେ କ୍ରମଶଃ ବିଷୟା ସଂସାରର ବିଷ ବନ୍ଧନ ଶିଥିଳ ହୋଇଯିବ । ଯଥା ସମୟରେ ଆମେ ବନ୍ଧନମୁକ୍ତ ହୋଇଯିବା । ମୁକ୍ତ ହୋଇଗଲେ, ଆମେ ଭକ୍ତ ହୋଇଯିବା । ତେଣିକି ପ୍ରଭୁ ଆମର ସକଳ ଦାୟିତ୍ୱ ବହନ କରିବେ । 'ଯୋଗକ୍ଷେମ ବହାମ୍ୟହମ୍ ।।' ଠାକୁରେ ଏ ସୃଷ୍ଟିର ସର୍ବମୟ କର୍ତ୍ତା । ସେ ପ୍ରଥମେ ପଶୁ, ପକ୍ଷୀ, କୀଟ, ପତଙ୍ଗ ଆଦି ସୃଷ୍ଟି କରିଛନ୍ତି । ମାତ୍ର ସେଥିରେ ସେ ସୁଖୀ ହୋଇ ନପାରି, ମନୁଷ୍ୟ ଶରୀର ସୃଷ୍ଟି କରନ୍ତି । କାରଣ-

''ସର୍ବ ଶରୀର ମଧ୍ୟେ ସାର ।
ଦୁର୍ଲଭ ନର କଳେବର ।।'' (ଶ୍ରୀମଦ୍‌ଭାଗବତ, ଏକାଦଶ ସ୍କନ୍ଧ-ଜଗନ୍ନାଥ ଦାସ ।)

ମନୁଷ୍ୟ ଶରୀର ଦୁର୍ଲଭ । କାରଣ, ଏହି ଦେହରେ କେବଳ ହରିଭଜନ କରାଯାଇ ପାରେ । ଅନ୍ୟ କୌଣସି ଦେହ ଧାରଣ କରି ତାହା କରାଯାଇ ପାରେନା । ମନୁଷ୍ୟ ଦେହରେ ହିଁ ଜ୍ଞାନ ବା ବିବେକ ରହିଛି ।

''ମନୁଷ୍ୟ ଦେହେ ଦିବଜ୍ଞାନ ।
ଦେଖି ସନ୍ତୋଷ ଭଗବାନ ।।'' (ଭାଗବତ)

ଏହି ଦିବ୍ୟଜ୍ଞାନ ଆଉ କ'ଣ କି? ଭଗବତ୍ ଭଜନ ହିଁ ଏହି ଦିବ୍ୟଜ୍ଞାନ । ଭଗବତ୍ ଭଜନର ଅସଲ ସ୍ୱରୂପ ହେଉଛି ବୀଜମନ୍ତ୍ରର ମନନ ଓ ମାନସଜପ । ଏହା ନକଲେ, ଦିବ୍ୟଜ୍ଞାନ ଉଦୟ ହେବ ବା କିପରି ?

''ମୁଁ ଯା'କୁ ହୁଅଇ ସଦୟ ।
ଜ୍ଞାନ ତା' ହୃଦୟୁ ଉଦୟ ।।'' (ଭାଗବତ)

ଗୁରୁସ୍ୱାମୀଙ୍କର କୃପା ବିନା ଦିବ୍ୟଜ୍ଞାନ ଲାଭ କରାଯାଇ ପାରେନା । ପ୍ରଭୁପାଦଙ୍କର କରୁଣାକଲ୍ୟାଣଘନ କୃପା ଲାଭ ନିମନ୍ତେ ତାଙ୍କୁ ସନ୍ତୁଷ୍ଟ କରିବାକୁ ହୁଏ । ତାଙ୍କୁ ସନ୍ତୁଷ୍ଟ କରିବାର ପ୍ରକୃଷ୍ଟ ପଥ ହେଉଛି ତାଙ୍କର ଆଜ୍ଞା ପାଳନ କରିବା । ତାଙ୍କର ଆଜ୍ଞା ପାଳନ କରିବା ମାନେ ତାଙ୍କ ପ୍ରଦତ୍ତ ଧର୍ମଧାରାରେ ରହି ପ୍ରତିଦିନ ଶ୍ରଦ୍ଧା ଓ ନିଷ୍ଠାର ସହିତ ଅଭ୍ୟାସ କର୍ମ ବିହିତ ଭାବରେ କରିବା । ଅଭ୍ୟାସ କର୍ମଧାରାର ସମସ୍ତ ଅଙ୍ଗ ଯଥାର୍ଥ ଭାବରେ କଲେ, ତାଙ୍କ ପ୍ରଦତ୍ତ ବୀଜମନ୍ତ୍ରର ମାନସଜପ ଆପଣାଛାଏଁ ଅଭ୍ୟାସଗତ ହୋଇଯିବ । ଠାକୁରେ ସୁଖୀ ହେବେ, ସନ୍ତୁଷ୍ଟ ହେବେ; କୃପା କରିବେ, ଦୟା କରିବେ; କରୁଣାସାଗର କରୁଣା କରିବେ, କଲ୍ୟାଣ କରିବେ ।

ଏହି ସବୁ ଗହନ ତତ୍ତ୍ୱ ରଖି ଠାକୁରେ ଏ ସୃଷ୍ଟିରେ ମନୁଷ୍ୟ ଦେହ ସୃଷ୍ଟି କରି ଅଛନ୍ତି । ଆମ୍ଭେମାନେ ମୂଢ଼ଜଡ଼ ହୋଇ ଏହି ସୃଷ୍ଟି ତତ୍ତ୍ୱର ରହସ୍ୟ ଭେଦ କରି ନପାରି ନାନା କୁକର୍ମରେ ଲିପ୍ତ ରହି ଯଥାର୍ଥ କର୍ତ୍ତବ୍ୟ ସାଧନ କରୁଛୁ ବୋଲି ମନକୁମନ ପରମ ସନ୍ତୋଷ ଲାଭ କରୁଛୁ; ତେଣେ ପ୍ରଭୁପାଦ ଗୁରୁସ୍ୱାମୀ ଭଗବାନ ଚରମ ଅସନ୍ତୋଷ ପୋଷଣ କରୁଅଛନ୍ତି । ଫଳ ମିଳୁଛି ଓଲଟା । ଲକ୍ଷ୍ମୀପୂଜା କରି ଦରିଦ୍ର, ସରସ୍ୱତୀ ପୂଜା କରି ମୂର୍ଖ, ଗଣେଶ ପୂଜାକରି ନିର୍ବୋଧ, କାର୍ତ୍ତିକେୟ ପୂଜାକରି ନିର୍ବଳ, ଶିବଶଙ୍କର ପୂଜା କରି ସଂସାରୀ, ଅନ୍ନପୂର୍ଣ୍ଣାଙ୍କର ପୂଜାକରି କ୍ଷୁଧିତ ଇତ୍ୟାଦି ଆମର ପ୍ରାପ୍ତ ଫଳ ହେଉଛି । ମନୋବାଞ୍ଛା ପୂର୍ଣ୍ଣ ହେଉନାହିଁ । ସକଳ ଦୁଃଖ ଦୁର୍ବିପାକରେ ସଢ଼ି ମରୁଛୁ । ଦୋଷ ଆମର, ଏତକ ମଧ୍ୟ ଉପଲବ୍ଧ କରି ନପାରି; ଦୋଷ ଦେଉଛୁ ଠାକୁରଙ୍କୁ ।

ଆମର କର୍ତ୍ତବ୍ୟ କ'ଣ ତାହା ପୂର୍ବରୁ ଦର୍ଶାଇ ଦିଆଯାଇଛି । କର୍ତ୍ତବ୍ୟ ନକଲେ, ଦଣ୍ଡଭୋଗିବାକୁ ହୁଏ, ହେଉଛି । ଶାସ୍ତ୍ର ମତରେ ଆମେ ଏହିଯେଉଁ ଚୌରାଶୀ ଲକ୍ଷ ଯୋନିରେ ଭ୍ରମଣ କରୁଛୁ, ଏତେ ଦୁଃଖକଷ୍ଟ ସହୁଛୁ, ତ୍ରିତାପଜ୍ୱାଳାରେ ପୋଡ଼ିଜଳି ଯାଉଛୁ, କ'ଣ ପାଇଁ ? କେବଳ କର୍ତ୍ତବ୍ୟରେ ତ୍ରୁଟି/ହେଳା କରିଥିବା ଯୋଗୁଁ । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଷାରେ:

''ଶୁଣ ବିଦେହ ମହୀପତି । ଯେ ହରିଭାବ ନଜାଣନ୍ତି ।।
ନାନା ପ୍ରକାରେ ତପ କରେ । ସେ ପ୍ରାଣୀ ସଂସାରୁ ନ ତରେ ।।
ହରି ବିମୁଖ ପ୍ରାଣୀ ଯେତେ । ସେ ଥାନ୍ତି ପଶୁଙ୍କ ସଙ୍ଗତେ ।।
ତାହାଙ୍କୁ ମୋହେ ବିଷ୍ଣୁ ମାୟା । ବିଷୟା ରସେ ବଢ଼େ ସ୍ପୃହା ।।''

**ଶ୍ରୀକେଶବ ସମର୍ପଣମସ୍ତୁ । ବିନୀତ, ସଂପାଦକ, ''ଚରମ''**

# ଚରମ'ର ଚିନ୍ତନ: ଏ ପାଖୁଡ଼ାରେ :

## ଭକ୍ତି (୩)

ଶାଣ୍ଡିଲ୍ୟ ସୂତ୍ରରେ ସ୍ପଷ୍ଟ ଉଲ୍ଲେଖ ଅଛି :

''ସା ପରାନୁରକ୍ତିରୀଶ୍ୱରେ ।'' ଅର୍ଥାତ୍: ପରମେଶ୍ୱରଙ୍କର ଠାରେ ପରମ ଅନୁରକ୍ତିକୁ ହିଁ ଭକ୍ତି କୁହାଯାଏ । ଯାହାଦ୍ୱାରା ବା ଯେଉଁ ସକଳ କର୍ମାଦି ଦ୍ୱାରା ପରମପୁରୁଷ ଠାକୁରଙ୍କର କୃପା ଆକୃଷ୍ଟ ହୁଏ, ଭକ୍ତର ମନୋବାଞ୍ଛା ପୂର୍ଣ୍ଣହୁଏ, ତାହାକୁ ଶାସ୍ତ୍ରତତ୍ତ୍ୱବିଦ୍‌ମାନେ ଭକ୍ତି କହନ୍ତି । ଜ୍ଞାନ, କର୍ମ ଭୁଲି, କାମନା ବାସନା ପରିହାର କରି, ସୁଖ ଦୁଃଖକୁ ପାଶୋରି ଦେଇ, ଧର୍ମ ଅଧର୍ମ ଜ୍ଞାନ ରଖି, ପାପପୂଣ୍ୟ ସ୍ମରଣ ନ ରଖି, ରୋଗ, ଶୋକକୁ ଭ୍ରୁକ୍ଷେପ ନ କରି, ଧନ ଐଶ୍ୱର୍ଯ୍ୟ ତୁଚ୍ଛ କରି, ସ୍ତ୍ରୀପୁତ୍ର ପରିବାର ପ୍ରତି ଆସକ୍ତ ନହୋଇ, ଏପରିକି ନିଜକୁ ଭୁଲିଯାଇ ଈଶ୍ୱରଙ୍କର ପାଦପଦ୍ମରେ ଯେଉଁ ଐକାନ୍ତିକ ଅନୁରକ୍ତି, ତାହାର ନାମ ଭକ୍ତି । କେବଳ ଚକ୍ଷୁ ମୁଦ୍ରିତ କରି 'ତୁମେ କରୁଣାମୟ, ଦୟାସାଗର' ବୋଲି କହିଦେଲେ, ତାହାକୁ ଭକ୍ତି କୁହାଯାଏ ନାହିଁ କି ତଦ୍ୱାରା ଭକ୍ତିଲାଭ ହୁଏନାହିଁ ।।

ଭକ୍ତିରସାଧନା ରାଗ ମାର୍ଗ । ସୁତରାଂ ଯାହାର ଯେପରି ଅନୁରାଗ, ସେ ଠାକୁରଙ୍କୁ ସେହିପରି ଭାବରେ ହୃଦୟରେ ଧାରଣ କରି ମନୋଜ୍ଞ ଭାବରେ ସଜାଇ ତାଙ୍କରି ପଦ୍ମପାଦରେ ତନ୍ମୟତା ଲାଭ କରନ୍ତି । ସେପରି ଭକ୍ତଠାରେ ବିଧି ନିଷେଧ, ଶାସ୍ତ୍ର ଉପଦେଶ ଆଦି ସକଳ ଜାଗତିକ କର୍ମ ଦୂରକୁ ଭାସିଯାଏ । ରାଗ ମାର୍ଗର ସାଧନା ଓ ସାଧକଙ୍କର ଅବସ୍ଥା ଭାଷାରେ ପ୍ରକାଶ କରିବା ବିଡ଼ମ୍ବନା ମାତ୍ର । ଗୋପିକା ଭାବରେ ଅଧିଷ୍ଠିତ ଭକ୍ତ ଶୟନେ, ସ୍ୱପ୍ନରେ ଏବଂ ଜାଗରଣରେ କେବଳ ପ୍ରେମାସ୍ପଦ ଠାକୁରଙ୍କର ଚିନ୍ତାରେ/ ସ୍ମରଣରେ ହିଁ କାଳାତିପାତ କରେ । ଭକ୍ତି ସାଧନା କରିବା ଫଳରେ କ୍ରମଶଃ ଭକ୍ତ ହୃଦୟରେ ବିପୁଳ ପ୍ରେମଭକ୍ତିର ଉଦୟ ହୁଏ । ସେତେବେଳେ ସାଧକ ଶାନ୍ତ, ଦାସ୍ୟ, ବାତ୍ସଲ୍ୟ, କାନ୍ତ ଓ ମଧୁର ପ୍ରଭୃତି ପ୍ରେମର ଉଚ୍ଚସ୍ତରର ମାଧୁରୀଲୀଳାରେ ବିଭୋର ହୋଇଯାଏ । ସାଧକ ସେହି ସ୍ତରରେ ସର୍ବତ୍ର ଠାକୁରଙ୍କର ଅସ୍ତିତ୍ୱ ହିଁ ଦର୍ଶନ କରେ । ସେତେବେଳେ ଭକ୍ତି ସାଧକଙ୍କର ଉପଲବ୍ଧିହୁଏ :

''ବିସ୍ତାରଃ ସର୍ବଭୂତସ୍ୟ ବିଷ୍ଣୋର୍ବିଶ୍ୱମିଦଂ ଜଗତ୍
ଦ୍ରଷ୍ଟବ୍ୟମାତ୍ମବତ୍ ତସ୍ମାଦଭେଦେନ ବିଚକ୍ଷଣୈଃ ।।'' -ବିଷ୍ଣୁପୁରାଣ ।।

-ଏହି ବିଶ୍ୱଜଗତ୍ ସର୍ବଭୂତ ଠାକୁରଙ୍କର ବିସ୍ତାର ମାତ୍ର ଅଟେ । ସେଥିପାଇଁ ବିଚକ୍ଷଣ ବ୍ୟକ୍ତି ସଦୃଶ ସାଧକ ଭକ୍ତ ସମସ୍ତଙ୍କୁ ନିଜ ସହିତ ଅଭେଦ ଦର୍ଶନ କରନ୍ତି । ନିଜଠାରେ ଠାକୁରଙ୍କୁ ଦର୍ଶନ କରିବା ପରି ସମସ୍ତଙ୍କ ଠାରେ ଠାକୁରଙ୍କୁ ଦର୍ଶନ କରି ପରମ ସନ୍ତୋଷ ଲାଭ କରନ୍ତି ।

କିନ୍ତୁ ସ୍ତ୍ରୀପୁରୁଷ ଭେଦଜ୍ଞାନ ଥିବା ପର୍ଯ୍ୟନ୍ତ ସାଧକ ପ୍ରେମଭକ୍ତିର ଅଧିକାରୀ ହୋଇ ପାରେ ନାହିଁ । ଭକ୍ତିଯୋଗରେ ସିଦ୍ଧ ହେଲେ, ସାଧକ ସେତେବେଳେ ଭକ୍ତି ବଳରେ, ପ୍ରେମ ବଳରେ ଜଗତରୂପୀ ଜଗନ୍ନାଥ ଶ୍ରୀଶ୍ରୀଠାକୁରଙ୍କୁ ଆପଣା ସହିତ ଲୟ କରିଥାଆନ୍ତି । ତେଣୁ ଈଶ୍ୱରଙ୍କର ସାକ୍ଷାତ୍‌କାର ନହେଲେ, ତାଙ୍କରି ପାଦପଦ୍ମରେ ଭକ୍ତି ନହେଲେ ଚିତ୍ତଶୁଦ୍ଧି ନହେଲେ; ସବୁ କିଛି ବୃଥା, ସବୁ କିଛି ନିଷ୍ଫଳ ।

ଭଗବାନଙ୍କୁ ଲାଭ କରିବା ନିମନ୍ତେ ଆମର ଶାସ୍ତ୍ରାଦି ତତ୍ତ୍ୱପୂର୍ଣ୍ଣ ଗ୍ରନ୍ଥମାନଙ୍କରେ ବହୁବିଧ ସାଧନପନ୍ଥା ନିର୍ଦ୍ଦିଷ୍ଟ ହୋଇଅଛି ।

ସନାତନ ହିନ୍ଦୁଧର୍ମର ବହୁ ସମ୍ପ୍ରଦାୟ ଏବଂ ସାମ୍ପ୍ରଦାୟିକ ଗୁରୁମାନେ ନିଜନିଜର ଶିଷ୍ୟଶିଷ୍ୟାମାନଙ୍କୁ ନାନାବିଧ ସାଧନ ମାର୍ଗ ଦର୍ଶେଇ ଯାଇଅଛନ୍ତି । କିନ୍ତୁ ସବୁ ମାର୍ଗର ସମୀକ୍ଷା କରାଗଲେ, ତହିଁରୁ ମୁଖ୍ୟତଃ ମାତ୍ର ଦୁଇଗୋଟି ପ୍ରଶସ୍ତ ମାର୍ଗର ସନ୍ଧାନ ମିଳେ । ସକଳ ମାର୍ଗ ଏହି ଦୁଇଗୋଟି ପ୍ରଶସ୍ତମାର୍ଗର ଶାଖା ପ୍ରଶାଖା ବୋଲି କୁହାଯାଇ ପାରେ । ଏହି ଦିଓଟି ପ୍ରଶସ୍ତ ମାର୍ଗ ମଧ୍ୟରୁ ଗୋଟିଏ ହେଉଛି ବିଚାର ମାର୍ଗ ବା ଜ୍ଞାନ ମାର୍ଗ । ଏହି ମାର୍ଗରେ ସାଧନ କରି ଆଗେଇବା ବଡ଼ କଠିନ । ଏମାର୍ଗ ସଂସାର ପ୍ରତି ଉଦାସୀନ ସନ୍ୟାସୀମାନଙ୍କ ପାଇଁ ପ୍ରକୃଷ୍ଟ । ବିଷୟ ସଂସାର ମଧ୍ୟରେ ବନ୍ଧାହୋଇ ପଡ଼ିଥିବା ବଦ୍ଧଜୀବମାନଙ୍କ ପାଇଁ କର୍ମଯୋଗ ପ୍ରକୃଷ୍ଟ । ମାତ୍ର ଯେଉଁ ବ୍ୟକ୍ତି ସଂସାରୀ ନୁହେଁ କିବା ସନ୍ୟାସୀ ନୁହେଁ, ବିଷୟ ସଂସାରରେ ବଦ୍ଧନୁହେଁ କିମ୍ବା ସଂସାର ପ୍ରତି ଉଦାସୀନ ମଧ ନୁହେଁ; କେବଳ ଉଦାରହୃଦୟ-ସେପ୍ରକାର ବ୍ୟକ୍ତିପାଇଁ ଭକ୍ତିସାଧନା ପ୍ରକୃଷ୍ଟ । ସାଧନର ଏହି ପଥଟି ହେଉଛି ଅନୁରାଗର ପଥ ବା ଭକ୍ତିର ପଥ । ଠାକୁରେ ମୋର ହୁଅନ୍ତୁ ବା ନହୁଅନ୍ତୁ ସେଥିରେ ପ୍ରକୃତଭକ୍ତର କିଛି ଯାଏ ଆସେନା; ସେ ଭାବେ: ମୁଁ ଠାକୁରଙ୍କର । ତାଙ୍କର ଐଶ୍ୱର୍ଯ୍ୟ କ'ଣ ମୁଁ ଜାଣେନି । ତାହା ଜାଣିବାର ଆବଶ୍ୟକତା ମଧ ମୋର ନାହିଁ । ମୁଁ ଚାହେଁ ତାଙ୍କର ମାଧୁର୍ଯ୍ୟ ଲୀଳା ଦର୍ଶନ, ତାଙ୍କର କୋମଳ ସ୍ପର୍ଶ, ମୁଁ ଚାହେଁ ତାଙ୍କର ଶ୍ରୀମୁଖକମଳର ମଧୁର ସମ୍ଭାଷଣ । ମୋଠାକୁରେ ଧନୀ କି ନିର୍ଦ୍ଧନ, ପଣ୍ଡିତ କି ମୂର୍ଖ, ବ୍ରାହ୍ମଣ କି ଶୂଦ୍ର, ସୁନ୍ଦର କି ଅସୁନ୍ଦର, ପୁରୁଷ କି ସ୍ତ୍ରୀ- ମୁଁ ଏସବୁ କିଛି ଜାଣେନା, ବୁଝେନା । ଜାଣିବା ମଧ ମୋର ଦରକାର ନାହିଁ ।।

ଅନୁରାଗ ମଣିଷର ସହଜାତ । ପତିପତ୍ନୀର ଅନୁରାଗ, ମାତାପୁତ୍ରର ଅନୁରାଗ, ବନ୍ଧୁବନ୍ଧୁର ଅନୁରାଗ ମଣିଷକୁ ଶିକ୍ଷା କରିବାକୁ ପଡ଼େନାହିଁ । ଅନୁରାଗ ଦେଇ ଠାକୁରଙ୍କୁ ଭଲ ପାଇଲେ, ସେ ପ୍ରତିଦାନରେ କ'ଣ ଦେବେ ତାହା ସ୍ଥିର କରି ନପାରି ପ୍ରେମିକ ଭକ୍ତ ପାଖରେ ବନ୍ଧା ପଡ଼ି ଯାଆନ୍ତି । ଏହି ପ୍ରକାର ଅନୁରାଗ ସ୍ୱତଃସ୍ଫୂର୍ତ୍ତ ଏବଂ ନିର୍ମଳ ହେବା ଆବଶ୍ୟକ । କାମନା ବା ସ୍ୱାର୍ଥପରତାର ସାମାନ୍ୟତମ ଗନ୍ଧ ତହିଁରେ ରହିଲେ, ତାହା କଳୁଷିତ ଓ ବିଷାକ୍ତ ହୋଇଯାଏ । ଠାକୁରେ ଏ ପ୍ରକାର ଅନୁରାଗରେ ସନ୍ତୁଷ୍ଟ ହୋଇ ପାରନ୍ତି ନାହିଁ । କଳୁଷିତ ଅନୁରାଗକୁ ଆଖି ଲୁହରେ ଧୋଇଲେ ହିଁ ତାହା ନିର୍ମଳ ଓ ପବିତ୍ର ହୋଇଯାଏ । ନିଜକୁ ଭୁଲିଯାଇ ତାଙ୍କ ପାଇଁ ବ୍ୟାକୁଳ ହୋଇ କାନ୍ଦିଲେ, ସେ ଲୁହ ପୋଛି ଦେବା ପାଇଁ ସତ୍ୱର ଆସନ୍ତି । ଠାକୁରେ କହନ୍ତି: ମୋ ପୂଜା ଯଦି ପ୍ରକୃତରେ କରିବାକୁ ଚାହଁ, ତେବେ ମୋତେ ଫଳ, ପୁଷ୍ପ ଓ ଜଳ ସମର୍ପଣ କର । ଏହା ବ୍ୟତୀତ ମୋର ଆଉ କିଛି ଲୋଡ଼ାନାହିଁ । (୧)ତୁମର କର୍ମଫଳ ମୋତେ ଅର୍ପଣ କର । (କୃତାଞ୍ଜଳି ଅର୍ଘ୍ୟ) (୨) ତୁମର ହୃଦୟପୁଷ୍ପ ମୋତେ ଅର୍ପଣ କର (ଅନୁରାଗ ବା ଭକ୍ତି) ତୁମର ଚକ୍ଷୁର ଜଳ (ଲୋତକ) ମୋତେ ଅର୍ପଣ କର (ବ୍ୟାକୁଳତା) ।

ଈର୍ଷା ଓ ଅସୂୟାର ବିକୃତ ଦୃଷ୍ଟିଭଙ୍ଗୀ ନେଇ ଠାକୁରଙ୍କର ଠାକୁରତ୍ୱ ଉପଲବ୍ଧ କରାଯାଏନି । ଅନ୍ତରରେ ସରଳତା ଓ ସ୍ନିଗ୍ଧତା ନଥିଲେ ତାଙ୍କର ମାଧୁରୀ ଲୀଳା ଉପଭୋଗ କରାଯାଇପାରେନାହିଁ । ବିଶ୍ୱବକ୍ଷରେ ନିଜକୁ ନିଃସ୍ୱ କରି ନପାରିଲେ ସଚ୍ଚିଦାନନ୍ଦ ଘନମୂର୍ତ୍ତି ଠାକୁରଙ୍କର କରୁଣାକଲ୍ୟାଣ ଲାଭ କରାଯାଇପାରେନି । ଅନ୍ତଃକରଣର ସକଳ ଉଦ୍‌ବେଗ ତାଙ୍କର ପଦ୍ମପାଦ ପୀଠରେ ଅର୍ପଣ କଲେଯାଇ, ତାଙ୍କଠାରୁ ପରମଆନନ୍ଦ ଲାଭ କରାଯାଇଥାଏ । ଭକ୍ତିର ସ୍ୱରୂପ ହିଁ ଆନନ୍ଦ । ଏହି ଆନନ୍ଦ ପରମାନନ୍ଦ । ଅନୁରକ୍ତି ଓ ଭକ୍ତି ମିଶ୍ରିତ ପ୍ରେମଭାବରୁ ଏହି ନିତ୍ୟ ଆନନ୍ଦର ସ୍ରୋତ ଉଚ୍ଛୁଳି ପଡ଼େ । ଏହି ଆନନ୍ଦ ସ୍ରୋତରେ ସତତ ସନ୍ତରଣ କରିବା ପାଇଁ ଶିଶୁ ସୁଲଭ ସରଳ ହୃଦୟର ବିମଳ ପ୍ରେମ ଭକ୍ତିର ଆବଶ୍ୟକତା ରହିଛି । ଏହି ଅନୁରାଗ ମାର୍ଗରେ ସାଧନ କରିବା ଆମର ଧ୍ୟେୟ ହେଉ ।




## ବନ୍ଦେମହାପୁରୁଷ! ତେ ଚରଣାରବିନ୍ଦମ!!! ଶିବକଳ୍ପ ''ପଞ୍ଚମନିର୍ଘଣ୍ଟ''ରୁ ଉଦ୍ଧୃତାଂଶ

'ମାଳିକା'ର ଅର୍ଥ ମାଳିଗୁଚ୍ଛ ବା ମାଳା । 'ମାଳିକା'ର ଅର୍ଥ ମଧ ପ୍ରବଚନ । ମହାପୁରୁଷ ଅଚ୍ୟୁତ ବହୁ ମାଳିକାର ରଚୟିତା । ତାଙ୍କର ଭବିଷ୍ୟତ ମାଳିକାଗୁଡ଼ିକ ଓଡ଼ିଶାର ଧର୍ମ ଓ ଆଧାତ୍ମିକ ଜୀବନକୁ ବହୁଭାବରେ ପ୍ରଭାବିତ କରିଆସିଅଛି । ମାତ୍ର, ଅଚ୍ୟୁତଙ୍କର ଠାର ବୁଝି ମାଳିକାର ନିର୍ଭୁଲ ବ୍ୟାଖ୍ୟା ସମସ୍ତଙ୍କ ପକ୍ଷରେ କରିବା ସମ୍ଭବପର ନୁହେଁ । ତେଣୁ ମାଳିକାର ଅର୍ଥ ନାମରେ ମନମୁଖୀ ବ୍ୟାଖ୍ୟା ଓ କଦର୍ଥର ଅପପ୍ରଚାର ଚାଲିଛି । ''ଚରମ''ର ମର୍ତ୍ତ୍ୟାବତରଣ ଠାରୁ ଏ ଯାବତ୍ ''ଚରମ'' ପୃଷ୍ଠାରେ ମାଳିକାର ଉଦ୍ଧୃତାଂଶ ଓ ଉଦ୍ଧୃତାଂଶର ନିର୍ଭୁଲ ସରଳ ବ୍ୟାଖ୍ୟା ସ୍ଥାନିତ ହୋଇଆସୁଛି । ଏହି ସଂକଟପୂର୍ଣ୍ଣ ଘଡ଼ିସନ୍ଧି ମୁହୂର୍ତ୍ତରେ ଏହାର ତାତ୍ପର୍ଯ୍ୟ ଅବଶ୍ୟ ଅନୁଶୀଳନ ଯୋଗ୍ୟ ।

ତ୍ରିଶୂଳ ସ୍ଥାପିଣ ବସୁପଣସ୍ଥାପି ପଦ୍ମାଲେଖ ଦକ୍ଷିଣରେ ।
କୁମାର ତୀର୍ଥକୁ ଉର୍ଦ୍ଧ୍ୱରେ ସ୍ଥାପିଣ ସମୁଦ୍ରଲେଖ ବାମରେ ॥୧॥
ଶୂନ୍ୟ ସ୍ଥାପିତଳେ ରକ୍ତୁ ଉର୍ଦ୍ଧ୍ୱେଦିଅ ଐରାବତ ତହିଁ ତଳେ ।
ବ୍ରହ୍ମନାୟତରୀ ପାବନ୍ଧତ ହୋଇ ବେଦରଖ ପାଦ ତଳେ ॥୨॥
ଓଢ଼ଣୀ ବେଢ଼ଣୀ ଯୁଗଳେ ଖଞ୍ଜିଣ ବ୍ରଜ ଛନ୍ଦକୁ ତା'ପାଶେ ।
ତେତ୍ରିଶ କିଳଣି ଲଗାଇ ଦେଉଳେ ଦିଅଁକୁ ଦେଖ ହରଷେ ॥୩॥
ଉର୍ଦ୍ଧ୍ୱେ ଅଷ୍ଟବସୁ ଗୋରଚନା ସ୍ଥାପି ସପ୍ତଫେଣୀ ଆଭରଣ ।
ଆଶାଭରସାକୁ ଦେହରୁ ଛଡ଼ାଇ ଆକାଶକୁ କର ଧ୍ୟାନ ॥୪॥
ନାମବ୍ରହ୍ମ ଘେନି ଶବଦ ଫେରୁଛି ତ୍ରୟ ବୀଜେ ଆତଯାତ ।
ଷଡ଼ବୀଜ ଘେନି ଭଜନ କରିଲେ ଦୟାକର ବେଦମାତ ॥୫॥
ତ୍ରିବେଣୀ କହୁଛି ଲିଭାଇବା ପାଇଁ ତ୍ରିକୁଟ ସଖିରହୁଳା ।
ତ୍ରିଗୁଣ ତେଜିଣ ତ୍ରିପୁରାକୁ ସେବ ମନ ଅମନରେ ଗଲା ॥୬॥
ବାରସୁଣ ମଧ୍ୟେ ଚମକି ପଡ଼ୁଛି ଗୋପ ବୃନ୍ଦାବନ ଯହିଁ ।
ମଥୁରା ନଗରେ କଂସ ବଧ କଲେ ରାଧିକାସୁତ କହାଇ ॥୭॥
କାଳିନ୍ଦୀ ହ୍ରଦରେ କମଳ ଫୁଟିଛି ଚନ୍ଦ୍ର ସୂର୍ଯ୍ୟ ତୁଲେ କର ।
ଯେ ଜାଣିବ ସେହିଗୁପତଭକତ କୃଷ୍ଣ ବଶ ଅଟେ ତା'ର ॥୮॥
ପଞ୍ଚଦଶମାତ୍ର ପଚିଶ ପ୍ରକୃତି ଷୋଳକଳା ଯେ ଅଟନ୍ତି ।
ପାରିଲେ ବନ୍ଧନ ହୋଇବେ ବହନ ତେବେ ଉପୁଜିବ ଭକ୍ତି ॥୯॥
କୃଷ୍ଣ ଭାବରସ ନୁହେଁ ବେଦାଭ୍ୟାସ ପୂର୍ବୁଁ ଯା'ର ଭାଗ୍ୟଥିବ ।
ତା'ର ତାକୁ ଦୟା ଝଳି ଦିଶେ କାୟା ନିଷ୍ଟେ ବାସନା ବାସିବ ॥୧୦॥
ତେର ମୂଳେ ବାର ଘେନି ଠାବ କର ଋତୁ ଦକ୍ଷିଣେ ତ୍ରିଗୁଣ ।
ଏଥି ମଧ୍ୟେ ଲୀଳା ଚହଟି ପଡ଼ିବ ଉଦେ ହେବେ ଭକ୍ତ ଗଣ ॥୧୧॥

ଉଦ୍ଧୃତାଂଶର ବ୍ୟାଖ୍ୟା ଏହି ସଂଖ୍ୟାର ରତ୍ନବେଦୀର ୩୮ ପୃଷ୍ଠାରେ ପଢ଼ିବାକୁ ପାଇବେ ।



# ପୁରାଣ ପୃଷ୍ଠାରୁ

## ଗଳ୍ପାଂଶ

ବ୍ରହ୍ମବୈବର୍ତ୍ତ ପୁରାଣକାର ସୁଦର୍ଶନ ଦାସ । କଥୋପକଥନ ପଦ୍ଧତିରେ ପୁରାଣର ରଚନା । ଏହାକୁ ସମ୍ବାଦ, ପ୍ରଶ୍ନୋତ୍ତର ବା ଉବାଚ ପ୍ରତ୍ୟୁବାଚ ରୀତି ମଧ କୁହାଯାଇଥାଏ । ପୁରାଣର ବର୍ଣ୍ଣ୍ୟ ବିଷୟ ବ୍ୟାପକ ପରିସରରୁ ସଂଗୃହୀତ ବା ପରିକଳ୍ପିତ । ସମଗ୍ର ପୁରାଣ ବିଷୟକୁ ଦୁଇଭାଗରେ ବିଭକ୍ତ କରାଯାଇ ପାରେ । ପ୍ରଥମଟି ପୁରାଣ ଆଖ୍ୟାନ ଓ ଦ୍ୱିତୀୟଟି ରୂପକ ଆଖ୍ୟାନ । ମାତ୍ର ସକଳ ଆଖ୍ୟାନରେ ଅନ୍ତଃସଲିଳା ଫଲ୍‌ଗୁ ପରି ଯୋଗମାର୍ଗର ତାତ୍ତ୍ୱିକ ତଥ୍ୟ ଅତି ଚତୁରତାର ସହିତ ପୁରାଣକାର ଗୁମ୍ଫନ କରି ଦେଇଥାଆନ୍ତି । ସେହି ଗୂଢ଼ ରହସ୍ୟର ଉଦ୍‌ଘାଟନ ନିମନ୍ତେ 'ଚରମ'ରେ ପ୍ରତ୍ୟେକ ପୁଷ୍ପର ପ୍ରତିଟି ପାଖୁଡ଼ାରେ ପୁରାଣପୃଷ୍ଠାରୁ ଗଳ୍ପାଂଶମାନ ନିର୍ବାଚନ କରି ତାହାର ମୀମାଂସାଖଣ୍ଡ ନିୟମିତ ଭାବରେ ପରିବେଷିତ କରାଯାଉଅଛି । ଏ ପାଖୁଡ଼ାରେ-

**ବ୍ରହ୍ମ ବୈବର୍ତ୍ତ ପୁରାଣ : ପ୍ରକୃତିଖଣ୍ଡରୁ ଉଦ୍ଧୃତ**

### ସୁଯଜ୍ଞ ନୃପତି ଉପାଖ୍ୟାନ:

ବହୁପୂର୍ବେ ଭାରତରେ ସୁଯଜ୍ଞ ନାମରେ ଜଣେ ରାଜା ଥିଲେ । ସେ ଅତ୍ୟନ୍ତ ଭକ୍ତି ସହକାରେ ପାତ୍ର ମିତ୍ରଙ୍କ ସହିତ ଆନନ୍ଦିତ ମନରେ ଶ୍ରୀରାଧାଙ୍କ ପୂଜା ଯତ୍ନ ସହକାରେ କରୁଥିଲେ । ଦୈବବଶରୁ ରାଜାଙ୍କୁ ବ୍ରହ୍ମଶାପ ହେଲା । ରାଜାବ୍ୟାଧି ଗ୍ରସ୍ତ ହୋଇ ସଂସାରରେ ଭ୍ରମଣ କରିବାକୁ ଲାଗିଲେ । ରାଜା ବ୍ରହ୍ମଦତ୍ତ ସ୍ତବରେ ଦେବୀ ଶ୍ରୀରାଧାଙ୍କୁ ସ୍ତବକଲେ ଓ ଶ୍ରୀରାଧାଙ୍କ ବରରେ ତାଙ୍କ ସକଳ ବିପଦ ଧ୍ୱଂସ ହେଲା । ରାଜା ରାଧାଙ୍କ କବଚ ଧାରଣ କରି ପୁଷ୍କରତୀର୍ଥରେ ଶହେବର୍ଷ ପୂଜାକଲେ । ଶେଷରେ ରାଜା ସ୍ୱର୍ଗର ଅମୂଲ୍ୟରଥ ଆରୋହଣ କରି ଗୋଲୋକ ଭୁବନକୁ ଗଲେ । ଏତିକି କହି ଦେବ ଦେବ ମହାଦେବ ମଉନ ହେଲେ ।

ମହେଶ୍ୱରଙ୍କ ଶ୍ରୀମୁଖରୁ ଏହା ଶୁଣି ଦେବୀ ପାର୍ବତୀ ପଚାରିଲେ, ହେ ପ୍ରଭୁ ! କେଉଁ କାରଣରୁ ରାଜାଙ୍କୁ ବ୍ରହ୍ମଶାପ ହେଲା ଏବଂ କେଉଁ ପରି ରାଧାଙ୍କବରରେ ରାଜା ଅଭିଶାପ ମୁକ୍ତ ହେଲେ ? ଏ ସମସ୍ତ କଥା ମତେ ବୁଝାଇ କୁହ । ରାଧାଙ୍କର ପଦରେଣୁ ପାଇବା ଆଶାରେ ସ୍ୱୟଂ ବ୍ରହ୍ମା ଷାଠିଏ ହଜାର ବର୍ଷ ତପ ଆଚରଣ କରିଥିଲେ । ରାଧା ତୁମ୍ଭମାନଙ୍କର ଅଦୃଶ୍ୟା ଅଟନ୍ତି । ରାଜା କିପରି ରାଧାଙ୍କୁ ଦର୍ଶନ କଲେ ଓ ସେବା ପୂଜାକଲେ, ଏ ସମସ୍ତ କଥା ମୋତେ ବୁଝାଇକୁହ ।

ମହେଶ୍ୱର ମହାଦେବ ପାର୍ବତୀଙ୍କର ପ୍ରଶ୍ନର ଉତ୍ତର ଦେଇ କହିଲେ- ମନୁଙ୍କ ପୁତ୍ର ଉତ୍ତାନ ପାଦ । ଉତ୍ତାନପାଦଙ୍କର ପୁତ୍ର ଧ୍ରୁବ ଏବଂ ଧ୍ରୁବଙ୍କ ପୁତ୍ର ଉତ୍କଳ ଅଟନ୍ତି । ରାଜା ଉତ୍କଳ ପୁଷ୍କରତୀର୍ଥରେ ରହି ବହୁ ତପ ଆଚରଣ କଲେ, ରାଜସୂୟଯଜ୍ଞ ସାଧନା କଲେ, ଏବଂ ଆହୁରି ନାନାଯଜ୍ଞ ଅନୁଷ୍ଠାନ କରିଥିଲେ । ତେଣୁ ତାଙ୍କର ନାମ ସୁଯଜ୍ଞ ହେଲା । ସେ ବ୍ରାହ୍ମଣମାନଙ୍କୁ ସବୁପ୍ରକାର ଦାନ ଓ ଭୋଜନ ଦେଉଥିଲେ । ତେଣୁ ଦେବଗଣ ତାଙ୍କଠାରେ ସନ୍ତୁଷ୍ଟ ଥିଲେ । ବ୍ରାହ୍ମଣଙ୍କର ଆଶୀର୍ବାଦରୁ ସେ ସୁଖରେ କାଳଯାପନ କରୁଥିଲେ । ଯଜ୍ଞ ଶେଷରେ ରାଜା ସର୍ବବିଧ ଉପଚାରରେ ରତ୍ନ ସିଂହାସନରେ ବସି ରାଜକାର୍ଯ୍ୟ ବୁଝୁଥିଲେ । ସେ ସମୟରେ ସେଠାରେ ଇନ୍ଦ୍ର, ଚନ୍ଦ୍ର, ରୁଦ୍ର, ବ୍ରହ୍ମା, ବିଷ୍ଣୁ, ମନୁ ଓ ମାନବାଦି ଉପସ୍ଥିତ ଥିଲେ । ଏହି ସମୟରେ ଜୀର୍ଣ୍ଣଶୀର୍ଣ୍ଣ ମଳିନ ବସନ ଜଣେ ବ୍ରାହ୍ମଣ ରାଜସଭା ମଧ୍ୟରେ ପ୍ରବେଶ କରି ରତ୍ନ ସିଂହାସନରେ ବିଜେ ହୋଇଥିବା ରାଜାଙ୍କୁ ଦର୍ଶନ କରି ହାତଟେକି ରାଜାକୁ ଆଶୀର୍ବାଦ କଲେ । ରାଜା ତରବରରେ ବ୍ରାହ୍ମଣଙ୍କୁ ପ୍ରଣାମ କରି ତାଙ୍କପାଇଁ ବସିବା ଆସନ ଯଥାଶୀଘ୍ର ଆଣିଦେଲେ । ରାଜସଭାରେ ଉପସ୍ଥିତ ଥିବା ସଭ୍ୟଗଣ ବ୍ରାହ୍ମଣଙ୍କର ଜୀର୍ଣ୍ଣ ଶୀର୍ଣ୍ଣଶରୀର ଓ ମଳିନ ବସନ ଦେଖି ତାଙ୍କୁସମ୍ମାନ କରିବା ତ ଦୂରର କଥା, ବରଂ ସର୍ବେମିଶି ଉପହାସ କଲେ । ବ୍ରାହ୍ମଣ ରାଜସଭାରେ ଉପସ୍ଥିତ ଥିବା ଦେବଗଣ ଓ ମୁନିଗଣଙ୍କୁ ନମସ୍କାର କଲେ ସତ, ମାତ୍ର ଅସମ୍ମାନ ଓ ଉପହାସ କାରଣରୁ ଅପମାନ ପାଇ କ୍ରୋଧରେ କମ୍ପିଉଠିଲେ । ରାଜାଙ୍କ ଉପସ୍ଥିତିରେ ରାଜସଭାର ସଭ୍ୟମାନେ ବ୍ରାହ୍ମଣଙ୍କୁ ଅସମ୍ମାନ ଓ ଉପହାସ କରିଥିବାରୁ ସେଥିପାଇଁ ରାଜାଙ୍କୁ ଦୋଷୀକରି ବ୍ରାହ୍ମଣ କହିଲେ-

ହେ ଦୁଷ୍ଟ ରାଜା ! ତୁ ମତେ ଅବଜ୍ଞା କରିଛୁ । ତେଣୁ ମୋ କଥାନୁସାରେ ତୁ ସର୍ବଶୂନ୍ୟ ହୋଇଯିବୁ । ତୋ ରାଜ ଭବନରେ ଲକ୍ଷ୍ମୀ ଆଉ ରହିବେ ନାହିଁ । ତୋର ବୁଦ୍ଧି ଭ୍ରଂଶ ହେବ ଏବଂ ଖୁବ୍ ଶୀଘ୍ର ବାର୍ଦ୍ଧକ୍ୟ ଆସି ତୋତେ ଆକ୍ରମଣ କରିବ । ରାଜସଭାରେ କ୍ରୋଧରେ ଥର ଥର କମ୍ପି ବ୍ରାହ୍ମଣ ରାଜାଙ୍କୁ ଏହି ଅଭିଶାପ ଦେଲେ । ରାଜା ସୁଯଜ୍ଞ ବ୍ରହ୍ମ ଅଭିଶାପ ଶୁଣି ବିନୟ ଭାବରେ ବସି କ୍ରନ୍ଦନ କରିବାକୁ ଲାଗିଲେ ।

ରାଜ ସଭାରେ ବସିଥିବା ମୁନିଋଷିଗଣ ବିନୟ ବାକ୍ୟରେ ଅନୁରୋଧ କରି କହିଲେ । ସନତ୍ କୁମାର କହିଲେ- ହେ ବିଜ୍ଞ ବ୍ରାହ୍ମଣ ! ଧୈର୍ଯ୍ୟଧରି ମୋ କଥା ଶୁଣ । ବ୍ରାହ୍ମଣ ଯେଉଁଠାରେ ବା ଯେଉଁଘରେ ଉପସ୍ଥିତ ରହନ୍ତି ସେ ସ୍ଥାନ ଛାଡ଼ିଲକ୍ଷ୍ମୀ କେବେ ଯାଆନ୍ତି ନାହିଁ । ପ୍ରକୃତ ବ୍ରାହ୍ମଣର ହୃଦୟ କୋମଳ ଅଟେ ଏବଂ ଭଗବାନଙ୍କର ପାଦପଦ୍ମରେ ତାଙ୍କର ମନ ସର୍ବଦା ବନ୍ଧା ହୋଇ ରହିଥାଏ । ତେଣୁ ହେ ଭଗବାନ ବ୍ରାହ୍ମଣ ! ରାଜାଙ୍କୁ କ୍ଷମାକରି ତାଙ୍କ ମସ୍ତକରେ ପଦରେଣୁ ସମର୍ପଣ କର । ତମକୁ ମୋର ଏତିକି ସବିନୟ ଅନୁରୋଧ ।

ସନତ କୁମାରଙ୍କ ପରେ ପୁଲସ୍ତ୍ୟ ବ୍ରାହ୍ମଣଙ୍କୁ ସମ୍ବୋଧନ କରି କହିଲେ- ଯେଉଁ ଲୋକ ଅତିଥିଙ୍କୁ ଅନାଦର କରେ, ତାହାର ସମସ୍ତ ସ୍ୱୀକୃତ ଓ ଧର୍ମନାଶ ହୁଏ । ହେ ବ୍ରାହ୍ମଣ ! ରାଜା ସୁଯଜ୍ଞ ପରମଦୋଷରୁ ଦୁଃଖରେ ପଡ଼ିଛି । କୃପାକରି ସଦୟ ଅନ୍ତରରେ ତାଙ୍କୁ କ୍ଷମାକର ।

ଏହାପରେ ପୁଲହ କହିଲେ- ହେ ଭଗବାନ ବ୍ରାହ୍ମଣ ! ବ୍ରାହ୍ମଣ ଯଦି ଅନାଚାର କାର୍ଯ୍ୟକରେ, ତଥାପି ତାଙ୍କୁ ଘୃଣା କରିବା ଉଚିତ୍ ନୁହେଁ । କର୍ମଦୋଷରୁ ରାଜାଦୋଷୀ, ତଥାପି ଆମ୍ଭେମାନେ ସମସ୍ତେ ବିନୟର ସହିତ ଅନୁରୋଧ କରୁଛୁକି, ଆପଣ ଦୟାକରି ରାଜାଙ୍କୁ କ୍ଷମା କରିଦିଅନ୍ତୁ ।

ଏହିପରି ଭାବରେ ସେଠାରେ ଉପସ୍ଥିତ ଥିବା ଅଙ୍ଗିରା, ମରୀଚି, କ୍ରତୁ, ଭୃଗୁ, କଶ୍ୟପ, ପ୍ରଚେତା, ଦୁର୍ବାସା, ବଶିଷ୍ଠ, ଶୁକ୍ର, ବୃହସ୍ପତି, ଗୌତମ, ଋଷ୍ୟଶୃଙ୍ଗ, କାତ୍ୟାୟନ, ସନନ୍ଦ, ସନାତନ, ପରାଶର, ଜରତ୍କାରୁ, ଭରଦ୍ୱାଜ, ବିଭାଣ୍ଡକ, ମାର୍କଣ୍ଡେୟ, ଦେବଳ, ନୈଗିସବ୍ୟ, ବାଲ୍ମୀକି, ଆସ୍ତିକ ଆଦି ସମସ୍ତେ ବ୍ରାହ୍ମଣଙ୍କୁ ଅନୁରୋଧ ଜଣାଇ ରାଜାଙ୍କୁ କ୍ଷମାଦେବା ପାଇଁ କହିଲେ ।

ଏହାପରେ ମୁନିଗଣ ନିଜ ନିଜ ସ୍ଥାନକୁ ଗମନ କଲେ । ରାଜା ଅଭିଶାପ ଗ୍ରସ୍ତ ହୋଇ ବଶିଷ୍ଠଙ୍କ ଆଦେଶରେ ଗଳଳଗ୍ନିକୃତ ବାସ ହୋଇ ଯୋଡ଼ହସ୍ତରେ ବ୍ରାହ୍ମଣଙ୍କ ନିକଟକୁ ଯାଇ ତାଙ୍କ ପାଦତଳେ ପଡ଼ିଲେ, ଏବଂ ଅପରାଧକ୍ଷମା କରିବା ପାଇଁ ଅନୁରୋଧ କଲେ । ଏଥିରେ ବ୍ରାହ୍ମଣ ସନ୍ତୁଷ୍ଟ ହୋଇ ସୁଯଜ୍ଞଙ୍କୁ ଆଶୀର୍ବାଦ କଲେ । କ୍ରୋଧ ପରିତ୍ୟକ୍ତ ବ୍ରାହ୍ମଣଙ୍କୁ ଦେଖିରାଜା ତାଙ୍କର ପରିଚୟ ଜାଣିବା ପାଇଁ ଇଚ୍ଛା ପ୍ରକାଶ କଲେ ।

ବ୍ରାହ୍ମଣ ସନ୍ତୁଷ୍ଟ ହୋଇ ନିଜର ପରିଚୟ ପ୍ରଦାନ କରି କହିଲେ ବ୍ରହ୍ମାଙ୍କର ପୁତ୍ର ମରୀଚି, ମରୀଚିଙ୍କର ପୁତ୍ର କଶ୍ୟପ, କଶ୍ୟପଙ୍କର ପୁତ୍ର ଅମର, ଅମଙ୍କରପୁତ୍ର ଗୁଣଧର, ଗୁଣଧରଙ୍କ ପୁତ୍ର ବିଶ୍ୱରୂପ, ବିଶ୍ୱରୂପଙ୍କର ପୁତ୍ର ସୁତପା । ମୁଁ ସେହି ସୁତପା । ମୋର ଗୁରୁଦେବ ହେଉଛନ୍ତି ଦେବଦେବ ଶଙ୍କର । ମୋର ବାଞ୍ଛିତ ଦେବତା ଜନାର୍ଦ୍ଦନ ଅଟନ୍ତି । ତାଙ୍କରି ପାଦପଦ୍ମକୁ ମୁଁ ଦିବାନିଶି ଭଜନ ଓ ବନ୍ଦନ କରୁଅଛି । ଅନ୍ତର୍ଗତ ଭାବରେ ହରିଙ୍କୁ ହୃଦୟରେ ବସାଇ ମୁଁ ହରିନାମ କୀର୍ତ୍ତନ ଓ ହରିପଦଧ୍ୟାନ କରୁଅଛି । ମୋ ହୃଦୟରେ ମୁକ୍ତିକାଂକ୍ଷା ଆଦୌନାହିଁ । ତମେ ଜଣେ ଭକ୍ତ ଓ ସାଧୁ । ସାଧୁ ସଙ୍ଗ କରିବା ପାଇଁ ମୁଁ ଏଠାକୁ ଆସିଅଛି । କାରଣ ଭକ୍ତଙ୍କର ଦର୍ଶନ ମାତ୍ରେ ପାପ ବିନାଶ ହୁଏ । ଭଗବାନଙ୍କ ସେବା ଅପେକ୍ଷା ଭକ୍ତର ସେବା ଅଧିକ ଫଳପ୍ରଦ । ଏହା ପରେ ମୁନୀ ସୁତପା ବିସ୍ତୃତ ଭାବରେ ରାଜା ସୁଯଜ୍ଞଙ୍କୁ କାର୍ତ୍ତିକ ପୂର୍ଣ୍ଣିମାଦିନ ଶ୍ରୀରାଧାପୂଜାସୂତ୍ରରେ ରାଧାଙ୍କୁ ପୂଜା କରିବା ଓ ସ୍ତୁତି କରିବା ପାଇଁ ଉପଦେଶ ଦେଲେ ।

ରାଜା ସୁଯଜ୍ଞ ସୁତପାଙ୍କ ଆଶୀର୍ବାଦରୁ ରାଧାଙ୍କ ପୂଜାର୍ଚ୍ଚନା କରି ଅଭିଶାପ ମୁକ୍ତ ହେଲେ ଏବଂ ଶ୍ରୀରାଧାଙ୍କୁ ଦର୍ଶନ କଲେ ।

ମନ୍ଦିରେ ଶରୀରକୁ ରଖି ।
ମନକୁ ଅନ୍ୟ ଭାବେ ଯୋଖି ।।
ଦେବଙ୍କୁ ଦୋଷ ଦେଉଅଛୁ ।
ଜାଣି ବି ଅଜଣା ହେଉଛୁ ।।

ପରହିତରେ ଗ୍ରାମ ବାସ ।
ଦିଅନ୍ତି ଅନ୍ନଜଳ ଗ୍ରାସ ।।
ପର ଦାରାକୁ ଚିତ୍ତ ନାହିଁ ।
ଡ଼ୋର କୌପୁନୀ ମାରି ରହି ।।

ପୁରାଣ ପୃଷ୍ଠାରୁ: ଗଙ୍ଗାଂଶର ମୀମାଂସା ଖଣ୍ଡ ଏହି ପାଖୁଡ଼ାର ରତ୍ନବେଦୀର ୩୫ ପୃଷ୍ଠାରେ ।।

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ

*ସ୍ଥୂଳ ଶକଟଙ୍କ ମଣ୍ଡଳରେ ସ୍ଥୂଳ ନରଦେହ ଧରି ମାୟାପଣରେ ପରିପକ୍ୱ ହୋଇ ଜୀବ ମୋହାନ୍ଧକାରରେ ଅନ୍ଧ ହୋଇ ଜୀବଧର୍ମବଶରୁ ଇହକାଳ ପରିକାଳର ସକଳ ଉନ୍ନୟନର ମାର୍ଗ ରୁଦ୍ଧ କରେ । ସାଧାରଣ ବିଷୟୀ ସଂସାରୀମାନଙ୍କ ପ୍ରସଙ୍ଗ ତ ଦୂରର କଥା, ଅନେକତ୍ର ଯୋଗୀ ସନ୍ନ୍ୟାସୀମାନଙ୍କ ମଧ୍ୟରୁ ଅନେକେ ସାମାନ୍ୟତମ ତ୍ରୁଟିବିଚ୍ୟୁତି ପାଇଁ ଅସାବଧାନତା ଓ ଅନ୍ୟମନସ୍କତାର କାରଣରୁ ମାୟା ଆସକ୍ତିରେ ଆଚ୍ଛନ୍ନ ହୋଇ ମୋହାନ୍ଧ ଘୂର୍ଣ୍ଣିରେ ଯୋଗଭ୍ରଷ୍ଟ, ପଥଚ୍ୟୁତ ହୋଇ ପଣ୍ଡାରାପରେ ଦଗ୍ଧୀମାନ ହେବାର ଉଦାହରଣ ଆଧ୍ୟାତ୍ମିକ ଇତିହାସରେ ଦୁର୍ଲଭ ନୁହେଁ । ପରମଦୟାଳୁ ଠାକୁରଙ୍କର କରୁଣାରୁ 'ଚରମ'ର ପାଠକ/ପାଠିକାମାନଙ୍କୁ 'ମୋହ' ସମ୍ପର୍କରେ ସବିଶେଷ ଜ୍ଞାନାପଣ ନିମନ୍ତେ ନିୟମିତ ଧାରାବାହିକ ଭାବରେ ''ଚରମ''ରେ ଠାକୁରଙ୍କ ଦର୍ଶନରୁ ''ମୋହ'' ପ୍ରବୃତ୍ତ ହୋଇ ଆସୁଅଛି ।*

## ଆର୍ତ୍ତସାକ୍ତ ମୋହ:

**ଶିଷ୍ୟ ଉବାଚ:**

ପ୍ରଭୁ ହେ, ଜଗତ କାରଣ, ଆର୍ତ୍ତସାକ୍ତ ମୋହ କଅଣ ??
କହିବ ଦେବ ଦୟାକରି ଜଣାଏ ଅନୁନୟ କରି ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ:**

ଅନ୍ତରେ ଆର୍ତ୍ତ ଭାବ ସଞ୍ଚି । ନିର୍ଦ୍ଦିଷ୍ଟ ଲକ୍ଷ୍ୟେ ନ ପହଞ୍ଚି ॥
ଅବସ୍ଥା ଚକ୍ରେ ଛାଡ଼େ ଦେହ । ତାହାହିଁ ଆର୍ତ୍ତସାକ୍ତ ମୋହ ॥

X X X X X X

ଆର୍ତ୍ତଭାବରେ ପ୍ରାଣୀ କେବେ । ପ୍ରାପତ ନ ହୁଏ ଏ ଭବେ ॥
କିନ୍ତୁ ଅନ୍ତରେ ଖୋଜୁଥାଏ । ଅବସ୍ଥା ଚକ୍ରେ ପଡ଼ିଯାଏ ॥
ଏହାକୁ ଆର୍ତ୍ତସାକ୍ତ ମୋହ । ବୋଲିଣ ବତ୍ସ ହୋ ତୁ କହ ॥

ଗୁର୍ବାଗଞ୍ଜନ ମୋହର ଦ୍ୱାଦଶ ଓ ତ୍ରୟୋଦଶ ପ୍ରକାରଣ ଯଥାକ୍ରମେ ବିକ୍ଷରିତ ଅଂଶ ମୋହ ଓ କ୍ଷରିତ ଅଂଶ ମୋହ ସମ୍ବନ୍ଧରେ ଅବଗତ ହେବାପରେ ଜିଜ୍ଞାସୁ ଶିଷ୍ୟ ଚତୁର୍ଦ୍ଦଶ ପ୍ରକରଣ ଆର୍ତ୍ତସାକ୍ତ ମୋହ ବିଷୟରେ ଜାଣିବାର ଇଚ୍ଛା ପ୍ରକାଶ କଲା ଉତ୍ତାରୁ ଶ୍ରୀ ଗୁରୁସ୍ୱାମୀ କହନ୍ତି :

ଯେଉଁ ବ୍ୟକ୍ତି ଅନ୍ତଃକରଣରେ ଆର୍ତ୍ତ ବା ଭୟଭାବ ସଞ୍ଚୟ କରି ରଖିଥାଏ ଓ ଏହି ଭୟଭାବରୁ ସଂସାରରେ ବହୁ ଦୁଃଖ ଯାତନା ସହ୍ୟ କରି ନ ପାରି ସୁଖ ଲାଭ ଆଶାରୁ ବିମୁଖ ହୋଇ ଶେଷରେ ଗୁରୁଗ୍ରହଣ, ଗୁରୁବରଣ, ଦୀକ୍ଷା (ଧାରା) ଗ୍ରହଣ କରି ନିତିପ୍ରତି ନାମ ଭଜନ, ଧ୍ୟାନ, ଜପ ଇତ୍ୟାଦି ଯଥାବିଧି ସମ୍ପାଦନ କରୁଥାଏ । ମାତ୍ର ଲକ୍ଷ୍ୟ ସ୍ଥଳରେ ପହଂଚି ପାରିନଥାଏ, ସେହି ବ୍ୟକ୍ତି କାଳଚକ୍ରରେ ପଡ଼ି ଦେହତ୍ୟାଗ କଲେ ତାହାକୁ ଆର୍ତ୍ତସାକ୍ତ ମୋହ କୁହାଯାଏ । ପ୍ରାଣୀ ଏ ସ୍ଥୂଳ ଜଗତରେ ପୂର୍ବ ଜନ୍ମ ଜନ୍ମାନ୍ତରର କର୍ମଫଳ ଭୋଗ କରିବାପାଇଁ ଦେହ ଧାରଣ କରି ମାତୃଗର୍ଭରୁ ଭୂମିଷ୍ଠ ହୁଏ । ପର୍ଯ୍ୟାୟକ୍ରମରେ ପ୍ରାଣୀ କର୍ମଫଳ ଦୋଷରୁ ନାନାଦି ଦୁଃଖ ଯାତନ ଭୋଗ କରିଚାଲେ । ତ୍ରିତାପରେ ଦଗ୍ଧହୋଇ ପ୍ରାଣୀ କ୍ରମଶଃ ସିଦ୍ଧହୁଏ । ଅନେକେ ଏହି ପର୍ଯ୍ୟାୟ ଭୋଗର ରହସ୍ୟ ଜ୍ଞାତ ନ ହୋଇ ଦୁଃଖଶୋକ ଜରାବ୍ୟାଧିରେ ମ୍ରିୟମାଣ ଓ କାତର ହୋଇ ପଡ଼ନ୍ତି । ସେହିମାନଙ୍କ ଅନ୍ତଃକରଣରେ ସୂକ୍ଷ୍ମରେ ଆର୍ତ୍ତଭାବର ଉଦ୍ରେକ ହୁଏ । ଫଳତଃ ସ୍ଥୂଳଭାବରେ ମଧ୍ୟ ସେମାନେ ଆର୍ତ୍ତଭାବ ପୋଷଣ କରିଥାଆନ୍ତି । ସେମାନଙ୍କ ମଧ୍ୟରୁ କେତେକ ଦୁଃଖଶୋକ ଜରାବ୍ୟାଧି ସହ୍ୟ କରି ଅବଶ ହୋଇପଡ଼ିଲେ, ତହିଁରୁ ମୁକ୍ତି ପାଇବା ଆଶା ପୋଷଣ କରି ଗୁରୁବରଣ କରନ୍ତି । ଗୁରୁଙ୍କ ଠାରୁ ଧାରା (ଦୀକ୍ଷା) ଗ୍ରହଣ କରନ୍ତି । ଗୁରୁଙ୍କ ନିର୍ଦ୍ଦେଶିତ ପଥରେ ପରିଚାଳିତ ହୋଇ ଦୈନିକ ଯଥାବିଧି ଧ୍ୟାନ, ଧାରଣା, ପ୍ରାର୍ଥନା, ପୂଜାର୍ଚ୍ଚନା, ଭଜନ, ଜଣାଣ, କୀର୍ତ୍ତନାଦି ଅଭ୍ୟାସଯୋଗ କରିଚାଲନ୍ତି । ପ୍ରଚ୍ଛନ୍ନରେ ସେମାନଙ୍କର ଏକମାତ୍ର ଲକ୍ଷ୍ୟଥାଏ ଜାଗତିକ ସକଳ ଦୁଃଖଶୋକରୁ ମୁକ୍ତି ପାଇବା ଓ ସୁଖଶାନ୍ତି ଆନନ୍ଦ ଲାଭ କରିବା । ଏତାଦୃଶ ଆର୍ତ୍ତଜୀବମାନେ, ବିମୁଖପ୍ରାଣୀମାନେ ଲକ୍ଷ୍ୟପ୍ରାପ୍ତି କାମନା ପୋଷଣ କରି, ମନରେ ଆର୍ତ୍ତଭାବ ସଞ୍ଚୟ କରିଥିବାହେତୁ ଏ ସ୍ଥୂଳଜଗତରେ ତାହା ପ୍ରାପ୍ତ ହୁଅନ୍ତି ନାହିଁ ।

ଆର୍ତ୍ତ ଭାବରେ ପ୍ରାଣୀ କେବେ ।
ପ୍ରାପତ ନ ହୁଏ ଏ ଭବେ ॥

ଏହିପରି ଭାବରେ ଅନ୍ତରରେ ପ୍ରାପ୍ତି ଆଶାରଖି, ଆର୍ତ୍ତଭାବ ସଞ୍ଚିତ କରିଥିବା ପ୍ରାଣୀ ଅବସ୍ଥାକ୍ରମେ କାଳଚକ୍ରର ଗତି ଅନୁସାରେ ଦେହତ୍ୟାଗ (ମୃତ୍ୟୁବରଣ) କଲେ, ତାହାକୁ ଆର୍ତ୍ତସାକ୍ତ ମୋହ ବୋଲାଯାଏ ।

ଭକ୍ତବତ୍ସଳ ଭାବଗ୍ରାହୀ ଠାକୁରେ ଆର୍ତ୍ତସାକ୍ତ ମୋହର ସଂଜ୍ଞା ନିରୂପଣ କରିବାକୁ ଯାଇ କହନ୍ତି : 'ପ୍ରାଣୀ ଅନ୍ତରରେ ଆର୍ତ୍ତଭାବ ରଖି ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ଦେହ ତ୍ୟାଗ କରିବା ଅବସ୍ଥାକୁ ଆର୍ତ୍ତସାକ୍ତ ମୋହ କୁହାଯାଏ ।'

**ଶିଷ୍ୟ ଉବାଚ :**

କହିଲେ ଯେଉଁ ଆର୍ତ୍ତଭାବ । ତାହାର କେମନ୍ତ ସ୍ୱଭାବ ।
ଭୋ ଦେବ ଥରେ କୃପାବହି । ବତ୍ସକୁ ତୁମ ଦେବ କହି ॥

କରୁଣାସାଗର ଠାକୁରଙ୍କ ଶ୍ରୀମୁଖରୁ ଆର୍ତ୍ତସାକ୍ତ ମୋହ ବିଷୟରେ ଶୁଣିବା ପରେ ''ଆର୍ତ୍ତଭାବ'' ସ୍ୱରୂପ ଓ ସ୍ୱଭାବ ସମ୍ପର୍କରେ ଜାଣିବା ନିମନ୍ତେ ପ୍ରାର୍ଥନା କରନ୍ତେ ଭକ୍ତ ବତ୍ସଳ ଠାକୁରେ କହନ୍ତି:

**-:ଶ୍ରୀ ଗୁରୁସ୍ୱାମୀ ଉବାଚ:-**

ଅନ୍ତର୍ଜଗତରେ ସଂସାରୀ । ବିଷୟ ଭାବଟି ନ ଧରି ॥
ପୋଷଣ ନ କରି ସେଭାବ । ଈଶ୍ୱର ନାମ କରେ ଜପ ॥
ନାମ ଭଜନ କରିବାରେ । ଭାବକୁ ବାରେକ ବିଚାରେ ॥
ତାହାକୁ ଆର୍ତ୍ତଭାବ କହି । ଏହାର ପଥ ଅଛି ଦୁଇ ॥
ଗୋଟିଏ ସଂସାରର ପଥ । ଅନ୍ୟଟି ସନ୍ନ୍ୟାସୀର ବ୍ରତ ॥
ସଂସାରୀ ସଂସାରରେ ରହି । ବାହ୍ୟ ଆସକ୍ତି ଭାବ ବହି ॥

ଅନ୍ତରେ ପ୍ରଭୁଙ୍କ ଆଶାରେ । ପ୍ରାପତି ପାଇଁ ଧ୍ୟାନ କରେ ॥
ସନ୍ୟାସୀ ସଂସାରେ ଆସକ୍ତି । ନ ରଖି, ଭଗବତ ଭକ୍ତି ॥
ଭାବକୁ ହୃଦୟରେ ଧରି । ଈଶ୍ୱର ନାମ ଜପ କରି ॥
ଈଶ୍ୱର ପ୍ରାପ୍ତି ପାଇଁ ଧ୍ୟାନ । କରଇ ଦେଇ ଚଇତନ ॥
ଉଭୟ ପଥ ସିନା ଭିନ୍ନ । ଫଳଟି ହୁଅଇ ଅଭିନ୍ନ ॥

ଦୟାମୟ ଠାକୁରେ ଜିଜ୍ଞାସୁ ବତ୍ସର ଅନ୍ତର୍ଗତ ଭାବକୁ ଠିକ୍ ଭାବରେ ଗ୍ରହଣ କରି ଜିଜ୍ଞାସାର ଅବସାନ ନିମନ୍ତେ ସୁନ୍ଦର ସହଜ ଭାଷାରେ ବୁଝାଇବାକୁ ଯାଇ କହନ୍ତି- ''ପ୍ରାଣୀ ଭଗବତ୍ ସାନିଧ୍ୟ ଲାଭ ପାଇ ମନରୁ ବିଷୟକୁ ତ୍ୟାଗ କରି ଐକାନ୍ତିକ ଅନ୍ତଃକରଣରେ ବିଷୟାଭାବ ନ ଧରି ଭଗବାନଙ୍କର ନାମ ଜପ କରିବାର ଭାବକୁ ହିଁ ଆର୍ତ୍ତଭାବ କୁହାଯାଏ । ଏହାର ଦୁଇଟି ପଥ ଅଛି । ପ୍ରଥମତଃ-ସଂସାରୀର ପଥ । ସଂସାରୀ ସଂସାରରେ ରହି ବିଷୟ ସଂସାର ପ୍ରତି ବାହ୍ୟତଃ ଆସକ୍ତି ଭାବ ପୋଷଣ କରୁଥିଲେ ହେଁ, ଅନ୍ତର୍ଗତ ଭାବରେ ଅନ୍ତଃକରଣରେ ଭଗବତ୍ ପ୍ରାପ୍ତି ନିମନ୍ତେ ଦୃଢ଼ ପୋଷଣ କରି ନାମ ଭଜନ ଓ ଧ୍ୟାନାଦି କର୍ମମାନ କରୁଥିଲେ । ତାହା ସଂସାରୀର ଆର୍ତ୍ତଭାବ ବୋଲି ଧରାଯାଏ ।

ଦ୍ୱିତୀୟତଃ ସନ୍ୟାସୀ ସନ୍ୟାସବ୍ରତ ଗ୍ରହଣ କରି ବିଷୟସଂସାର ପ୍ରତି ଆଦୌ ଆସକ୍ତି ନ ରଖି ଭଗବତ୍ ଭକ୍ତି ଭାବକୁ ହୃଦୟରେ ଧରି ଈଶ୍ୱରଙ୍କର ନାମ ଭଜନ କୀର୍ତ୍ତନ କରି ଚୈତନ୍ୟର ସହିତ ଈଶ୍ୱରଙ୍କ ସହିତ ଯୁକ୍ତ ହୋଇ ରହିଥାଆନ୍ତି । ତାଙ୍କର ମଧ୍ୟ ଈଶ୍ୱର ପ୍ରାପ୍ତି ଲକ୍ଷ୍ୟ ରହିଥାଏ । ଏହି ଉଭୟ ପଥ ଭିନ ଭିନ ପ୍ରତୀୟମାନ ହେଲେ ମଧ୍ୟ ଏହି ପଥଦ୍ୱୟ ମଧ୍ୟରୁ ଯେ କୌଣସି ଗୋଟିଏ ପଥରେ ଆଗେଇ ଯାଇ ପାରିଲେ, ଫଳ କିନ୍ତୁ ସମାନ ଓ ଅଭିନ ଭାବରେ ମିଳିଥାଏ । ସଂସାରୀ ମଧ୍ୟ ସନ୍ୟାସୀଙ୍କର ଫଳ ପ୍ରାପ୍ତି କରି ପାରନ୍ତି । ଉଭୟ ସନ୍ୟାସୀ ଏବଂ ସଂସାରୀ ସମାନ ଆର୍ତ୍ତଭାବକୁ ଧାରଣ କରି ହୃଦଗତ ଭାବରେ ତାହା ଘୋଷଣା କରି ଆର୍ତ୍ତରୂପରେ ପରିଚିତ ହୋଇଥାଆନ୍ତି ଏବଂ ଉଭୟେ ସମାନ ଭାବରେ ଈଶ୍ୱର ପ୍ରାପ୍ତି ଆଶା ପୋଷଣ କରିଥାଆନ୍ତି । ଜୀବ ଯାହା ଖୋଜୁଥାଏ ବା ଯାହା ଆଶା କରୁଥାଏ, ତାହା ନ ପାଇବା ପର୍ଯ୍ୟନ୍ତ ମନକୋଣରେ ଯେଉଁ ବିକଳ ଭାବର ସୃଷ୍ଟି ହୁଏ, ତାହାହିଁ ବାସ୍ତବରେ ଆର୍ତ୍ତଭାବ ଅଟେ । ଏହି ଭାବରେ ପ୍ରାଣୀ ବହୁ ଦୁଃଖ, ଅନ୍ତର୍ବେଦନା, ଶୋକ, ମାନସିକ ଓ ଶାରୀରିକ ଯାତନା ଲାଭ କରେ । ସର୍ବମୋଟରେ ଖୋଜିବା, ପାଇବା, ଭୋଗକରିବା ଆଦି ଭାବକୁ ଅତୁଟରଖି ମଧ୍ୟ ଏହି ମୋହଗ୍ରସ୍ତ ଜୀବ ସଂସାରୀ ହେଉ ବା ସନ୍ୟାସୀ ହେଉ ଦେହ ତ୍ୟାଗ ପର୍ଯ୍ୟନ୍ତ ଈଶ୍ୱର ସାନିଧ୍ୟ ଲାଭ କରି ପାରନ୍ତି ନାହିଁ ଓ ଆର୍ତ୍ତସାକ୍ତ ମୋହଗ୍ରସ୍ତ ହୋଇ ଶେଷ ପର୍ଯ୍ୟନ୍ତ ରହିଯାଆନ୍ତି ।

ଆର୍ତ୍ତସାକ୍ତ ମୋହ ସମ୍ବନ୍ଧରେ ଆଲୋଚନା ସମୟରେ ପ୍ରସଙ୍ଗତଃ ଜିଜ୍ଞାସୁ ଶିଷ୍ୟ ଜୀବ/ପ୍ରାଣୀ/ବ୍ୟକ୍ତିର ସ୍ଥୂଳଧ୍ୟାନର ସ୍ୱରୂପ ସଂପର୍କରେ ଜାଣିବା ନିମନ୍ତେ ଇଚ୍ଛା ପ୍ରକାଶ କରି ଶ୍ରୀ ଶ୍ରୀ ଠାକୁରଙ୍କୁ ବିନୀତ ପ୍ରାର୍ଥନା ନିବେଦନ କଲା ଉତାରୁ ଭକ୍ତବତ୍ସଳ ଭାବଗ୍ରାହୀ ଠାକୁରେ ସ୍ମିତ ହସି କହନ୍ତି:- ''ପ୍ରାଣୀ ଭଗବଦ୍ ପ୍ରେମଭକ୍ତିର ସୂକ୍ଷ୍ମ କେନ୍ଦ୍ରରେ ଧ୍ୟାନ ସମୟରେ ଶ୍ରୀଗୁରୁଗୋବିନ୍ଦଙ୍କୁ ନୀରିକ୍ଷଣ କରି ନ ପାରି ଅଜ୍ଞାନତା/ଅଜ୍ଞତା ବଶତଃ ଯେଉଁସବୁ ସ୍ଥୂଳଦର୍ଶନ ଓ ସ୍ଥୂଳ ଚିନ୍ତନ, ସ୍ଥୂଳମନନ, ସ୍ଥୂଳ କୀର୍ତ୍ତନ ଭଜନ ଅର୍ଚ୍ଚନ ଆଦିରେ ମଜ୍ଜି ରହିଲେ ଯାଇ ସୁଫଳ ଲାଭ କରିଥାଆନ୍ତି । ଉପର ଠାଉରିଆ ଭାବରେ ବା ଲୋକ ଦେଖାଣିଆ ଭାବରେ ଏହା କଲେ, କୌଣସି ସୁଫଳ ତ ପ୍ରାଣୀ ଲାଭ କରିପାରେ ନାହିଁ, ବରଂ ଗୁର୍ବାଗଂଜନ ମୋହଗ୍ରସ୍ତହୋଇ ଶ୍ରୀଗୁରୁସ୍ୱାମୀଙ୍କୁ ଯାତନା/କଷଣ/ଗଂଜନା ଦେବା ଦୋଷରେ ଦୋଷଦୁଷ୍ଟ ହୋଇ ଆଧାତ୍ମିକ ଅଧଃପତନର ସମ୍ମୁଖୀନ ହୋଇଥାଏ ।

ତେଣୁ, ଗୁରୁବରଣ କରି ଧାରାଗ୍ରହଣ କରିଥିବା ଶିଷ୍ୟ/ଭକ୍ତ/ଦାସବୃନ୍ଦ ଏଥିପ୍ରତି ସଜାଗ ଓ ସତତ ସଚେତନ ରହି ନିତ୍ୟନୈମିତିକ ଧର୍ମଧାରା ଓ କର୍ମଯୋଗ ନିଷ୍ଠା, ଭକ୍ତି ଓ ବିଶ୍ୱାସର ସହିତ ଅଭ୍ୟାସ କରିବା ଏକାନ୍ତ ବାଞ୍ଛନୀୟ ଅଟେ ।




**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ:**

| | |
|---|---|
| ''ମୋହ ଜାଲରେ ତୁ ବାନ୍ଧି ଦେଲୁ । ମୋହିନୀ ରୂପରେ ଫାନ୍ଦ କଲୁ ।।'' | ''ତନୁ, ମନ, ତୋର ତରଙ୍ଗ ପିଣ୍ଡ । ବନ୍ଧନ ଫିଟା ତୁ ଦେଖେ ବ୍ରହ୍ମାଣ୍ଡ ।।'' |

*ମମତାମୟୀ ମାଆର କରୁଣାବିନା ମାୟା ବନ୍ଧନ ଫିଟିବା ଅସମ୍ଭବ । ମାୟା, ବନ୍ଧନର ଫାଶରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ଆତ୍ମ ଦର୍ଶନ କଦାପି ହୋଇପାରେ ନାହିଁ । ଆତ୍ମଦର୍ଶନ ନ ମିଳିବା ଯାଏ ଜନ୍ମ, ମୃତ୍ୟୁ ଚକ୍ରରୁ ଜୀବ ଉଦ୍ଧାର ପାଏନାହିଁ । ତେଣୁ ସକଳ ବନ୍ଧନର ସୂତ୍ର ମାଆର ନିକଟରେ । ସୂକ୍ଷ୍ମରେ ସେ ମାୟାପାଶ ଧାରଣ କରି ଧରିତ୍ରୀରେ ତା'ର ସ୍ଥୂଳ ଅବତାର ''ନାରୀ'' ରୂପରେ ବିଦ୍ୟମାନ । ମାଆ, ପତ୍ନୀ, ଭଗ୍ନୀ, ସହଚରୀ ଇତ୍ୟାଦି ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣା ହୋଇ ସେ ଜୀବକୁ କାଷ୍ଠପିତ୍ତୁଳା ପ୍ରାୟ ଖେଳାଇଚାଲିଛି । ଆଜିର ସମାଜରେ ତା'ର ଅବସ୍ଥା ଦେଖିଲେ ମନେ ହୁଏ, ସେ ତା'ର ମାତୃତ୍ୱକୁ ସଂପୂର୍ଣ୍ଣ ଭାବରେ ପରିହାର କରି କେବଳ ସଂହାର କର୍ତ୍ତ୍ରୀ ରୂପରେ ଆବିର୍ଭୂତା ହୋଇଛି । ସେଥିରୁ ନିବୃତ୍ତ କରାଇ ତା'ର ମାତୃତ୍ୱ ପୁନଃଜାଗ୍ରତ କରାଇବାର ଅଭିପ୍ରାୟରେ ଆମର ନିରବଚ୍ଛିନ୍ନ ବନ୍ଦନା ''ଚମର''ର ଏହି ସ୍ତମ୍ଭରେ ।।*

**''ଚରମ'': ପଞ୍ଚମପୁଷ୍ପ: ଚତୁର୍ଥ ପାଖୁଡ଼ା: ତ୍ରୟୋବିଂଶ ସଂଖ୍ୟା ଅନୁଶ୍ରୁତିରୁ:**

## ନାରୀଧର୍ମ

ଅଦ୍ୱୈତବାଦୀ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କାଶୀରେ ଅଦ୍ୱୈତବାଦୀର ପ୍ରଚାର କରୁଥିବା ସମୟରେ ତାଙ୍କର ବିଦ୍‌ବତା, ବ୍ରହ୍ମସୂତ୍ରର ବ୍ୟାଖ୍ୟା ଓ ଅଲୌକିକ ଯୋଗସିଦ୍ଧିରେ ଜ୍ଞାନୀଲୋକମାନେ ଚମତ୍କୃତ ହେବା ସଂଗେ ସଂଗେ ସମସ୍ତେ ତାଙ୍କୁ ଗୁରୁ ରୂପରେ ଗ୍ରହଣ କରି ଚାଲିଥିଲେ । ନିରକ୍ଷର ସାଧାରଣ ଲୋକେ ଶ୍ରଦ୍ଧା ଓ ବିଶ୍ୱାସ ନେଇ ଆଚାର୍ଯ୍ୟଙ୍କ ନିକଟକୁ ଆସୁଥିଲେ ମଧ୍ୟ ସେମାନେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଜ୍ଞାନ ଗର୍ଭକ ବ୍ୟାଖ୍ୟାକୁ ସହଜରେ ବୁଝି ପାରୁନଥିଲେ । ଶଙ୍କର ଉକ୍ତ ଅଭାବନୀୟ ସମସ୍ୟା ହୃଦୟଙ୍ଗମ କରି କାଶୀ ଈଶ୍ୱରୀ ମା' ଅନ୍ନପୂର୍ଣ୍ଣାଙ୍କୁ ପ୍ରାର୍ଥନା କଲେ ସମସ୍ୟାର ସମାଧାନ ପାଇଁ । ଏହାପରେ ଦିନେ ଶଙ୍କର ମଣିକର୍ଣ୍ଣିକା ଘାଟକୁ ସ୍ନାନ ନିମନ୍ତେ ଯାଉଥିବା ସମୟରେ ଦେଖିଲେ ଜଣେ ବିଧବା ଯୁବତୀ ନିଜ ମୃତପତିଙ୍କ ଶବକୁ ରାସ୍ତାର ଦୁଇପାର୍ଶ୍ୱକୁ ସର୍ଣ

କଲାଭଳି ଅବସ୍ଥାରେ ରଖି ଶବଦାହ ନିମନ୍ତେ ପଇସା ଭିକ୍ଷା ମାଗୁଅଛି ଓ ଅତ୍ୟୁଚ୍ଚ ସ୍ୱରରେ ବିକଳ କ୍ରନ୍ଦନ କରୁଅଛି । ରାସ୍ତା ଅବରୋଧ ହୋଇଥିବାରୁ ଶଙ୍କର ନମ୍ର ଓ ସଂଭ୍ରମ ସହକାରେ ହାତଯୋଡ଼ି ତରୁଣୀକୁ ଅନୁରୋଧ କଲେ ଶବଟିକୁ ଏକ ପାର୍ଶ୍ୱରେ ରଖି ରାସ୍ତା ପରିଷ୍କାର କରିଦେବା ପାଇଁ । ମାତ୍ର ତରୁଣୀ ଆଚାର୍ଯ୍ୟଙ୍କର ଅନୁରୋଧ ଗ୍ରହଣ ନ କରି କେବଳ କାନ୍ଦିବାରେ ଲାଗିଥାଏ । ଫଳରେ ଆଚାର୍ଯ୍ୟ ଶଙ୍କର ମର୍ମାହତ ହୋଇଗଲେ । ହଠାତ୍ ତରୁଣୀଟି କହିଲା, ''ତପସ୍ୱୀ ପ୍ରବର ! ଶବକୁ ଏକପାର୍ଶ୍ୱରେ ରଖିବାକୁ ମୋତେ କାହିଁକି କହୁଛନ୍ତି ? ଶବକୁ କହୁନାହାନ୍ତି ? ସେ ରାସ୍ତାର ଗୋଟିଏ ପାଖକୁ ଚାଲିଯିବ ।'' ତାହାଶୁଣି ଆଚାର୍ଯ୍ୟଦେବ ଚିନ୍ତାକଲେ, ସ୍ୱାମୀର ମୃତ୍ୟୁରେ ବିଚଳିତ ହୋଇ ତରୁଣୀର ବୋଧେ ମତିଭ୍ରମ ହୋଇଛି । ତେଣୁ ତରୁଣୀକୁ କହିଲେ, ''ମା ! ଏହା କ'ଣ ସମ୍ଭବ ? ଶବ କିପରି ଆପଣା ଛାଏଁ ପାର୍ଶ୍ୱ ପରିବର୍ତ୍ତନ କରିବ ?'' ଉତ୍ତରରେ ସଦ୍ୟ ବିଧବା ରମଣୀ ଜଣକ କହିଲା, ''ହେ ତେଜସ୍ୱୀ ! ଆପଣ ତ ବ୍ୟାଖ୍ୟା କରିଚାଲିଛନ୍ତି, ଶକ୍ତିଶୂନ୍ୟ ନିର୍ଗୁଣ ବା ନିର୍ବିଶେଷ ବ୍ରହ୍ମ ହେଉଛନ୍ତି ଏ ସୃଷ୍ଟିର କର୍ତ୍ତା । ତାହାହେଲେ ଶକ୍ତିହୀନ ନିର୍ଜ୍ଜୀବ ଶବ କାହିଁକି ଆପଣଙ୍କ ଅନୁରୋଧ ରକ୍ଷାକରି ନିଜେ ପାର୍ଶ୍ୱ ପରିବର୍ତ୍ତନ କରି ପାରିବ ନାହିଁ ?'' ସେତିକି କହି ତରୁଣୀ ଜଣକ କ୍ଷଣକ ମଧ୍ୟରେ ଅନ୍ତର୍ହିତ ହୋଇଗଲେ । ଶଙ୍କର ତତ୍ତ୍ୱଟିକୁ ଶ୍ରବଣ କରି ସ୍ତମ୍ଭୀଭୂତ ହୋଇଗଲେ । ଧ୍ୟାନଚକ୍ଷୁରେ ଦେଖିଲେ, ତରୁଣୀ ଜଣକ ନିଜେ କାଶୀପୁରାଧିଶ୍ୱରୀ ମା' ଅନ୍ନପୂର୍ଣ୍ଣା ଓ ଘଟିଥିବା ଘଟଣାବଳୀ ତାଙ୍କର ଏକ ଲୀଳା । ଉକ୍ତ ଘଟଣା ଭିତରେ ମା' ଦୁଇଟି ନିର୍ଦ୍ଦେଶ ଦେଇଥିଲେ । ପ୍ରଥମତଃ- ନିର୍ବିଶେଷ ବା ନିର୍ଗୁଣ ପରଂବ୍ରହ୍ମତତ୍ତ୍ୱ ସାଧାରଣ ବ୍ୟକ୍ତି ସହଜରେ ବୁଝିପାରିବ ନାହିଁ । ସାଧାରଣ ବ୍ୟକ୍ତି ପକ୍ଷରେ ସଗୁଣବ୍ରହ୍ମତ୍ତ୍ୱ ସହଜ ବୋଧ ହେବ । ସେମାନେ ପ୍ରାଥମିକ ଅବସ୍ଥାରେ ସାକାର ବା ଶକ୍ତିଯୁକ୍ତ ବ୍ରହ୍ମତତ୍ତ୍ୱକୁ ସହଜରେ ବୁଝିପାରିବେ ଓ ସେହି ଭାବରେ ଅଗ୍ରସର ହେବେ । ଉକ୍ତ ସଗୁଣ/ସାକାର/ଶକ୍ତିଯୁକ୍ତ ବ୍ରହ୍ମତତ୍ତ୍ୱ ସାଧନରେ ପରିପକ୍ୱତା ଆସିଲେ ସେମାନେ ଆପେ ଆପେ ନିର୍ଗୁଣ ବ୍ରହ୍ମତତ୍ତ୍ୱ ବୁଝିପାରିବେ । ଦ୍ୱିତୀୟ ନିର୍ଦ୍ଦେଶ- ଶବ ସହ ଆତ୍ମାରୂପୀ ଶକ୍ତି ଯୁକ୍ତ ହେଲାପରେ ସେ ଶିବ ବା ଜୀବନ୍ତ/ଜାଗ୍ରତ ଜୀବ । ଶିବ'ରୁ ଶକ୍ତି ଅନ୍ତର୍ହିତ ହେଲେ ସେ ଶବ । ଏହି ସୂକ୍ଷ୍ମ ସତ୍ତା 'ଶକ୍ତି' ହିଁ ଜଗତରେ ''ମାଆ'' ନାମରେ ପରଚିତ, ବନ୍ଦିତ ଓ ପୂଜିତ । ଶକ୍ତି ସ୍ୱରୂପିଣୀ ସେହି 'ମାଆ'ର ସ୍ଥୂଳ ବ୍ୟକ୍ତି ରୂପ ହେଉଛି ''ନାରୀ'' । ମାଆର ''ସୂକ୍ଷ୍ମଶକ୍ତି'' ଅବର୍ତ୍ତମାନରେ ଯେପରି ଶିବ ଶବ ପାଲଟି ଯାଆନ୍ତି, ତାହାର ସ୍ଥୂଳରୂପ ''ନାରୀ''ର ଅନୁପସ୍ଥିତରେ ଏ ଧରିତ୍ରୀ ଶବ ପାଲଟି ଯିବ ।

ସୃଷ୍ଟିରେ ''ମାଆ''ର ଶକ୍ତି ବା ଭୂମିକା ବ୍ରହ୍ମଦର୍ଶୀ ସାଧକ ବିନା ଅନ୍ୟକେହି ଉପଲବ୍ଧି ବା ଅନୁଭବ କରିପାରିବେ ନାହିଁ । କିନ୍ତୁ ସ୍ଥୂଳ ଅବସ୍ଥାରେ ରୂପାନ୍ତରିତ ରୂପ ''ନାରୀ''ର ବହୁଧାବିଭକ୍ତ ଭୂମିକା ପ୍ରତ୍ୟେକ ଅନୁଭବ କରୁଛନ୍ତି । ଉପଲବ୍ଧି କରୁଛନ୍ତି । ପୁରୁଷର ପ୍ରତିସ୍ପନ୍ଦନର ମୂକସାକ୍ଷୀ ରୂପେ ନାରୀ ପର୍ଯ୍ୟାୟକ୍ରମେ ଜନନୀ, ଜାୟା, ଭଗ୍ନୀ ଓ ସହଚରୀ ହୋଇ ତା'ର ଜୀବନଯାତ୍ରା ପୁଷ୍ପମୟ କରୁଅଛି । ସ୍ତ୍ରୀ ହୋଇ ସ୍ୱାମୀକୁ ପ୍ରେରଣା, ଉତ୍ସାହ, ଉଦ୍ଦୀପନା, ପ୍ରେମ, ଭକ୍ତି ଆଦି ସମସ୍ତ ସୁଗୁଣ ପ୍ରଦାନ କରୁଛି । ଜନନୀ ହୋଇ ସନ୍ତାନକୁ ସ୍ନେହ,ମମତା ଦେଇ ଲାଳନ ପାଳନ କରୁଛି । ଭଗ୍ନୀ ହୋଇ ଭାଇକୁ ଏକାନ୍ତ ଭାବରେ ଭଲପାଇ ପ୍ରେରଣାର ଉତ୍ସ ହୋଇ ରହିଯାଉଛି । ସୁତରାଂ ପରିବାର, ସମାଜ, ରାଷ୍ଟ୍ର ଯାହାବି ହେଉ, ମାତୃଜାତିର ସଶ୍ରଦ୍ଧ ସହଯୋଗ ବିନା କାହାରି ସ୍ଥିତି ରହିନାହିଁ, ରହିବନାହିଁ । କିନ୍ତୁ ଆଜି କ'ଣ ହୋଇଚାଲିଛି ? ସାମାନ୍ୟ ଅନ୍ତର୍ଦୃଷ୍ଟିରେ ନିରୀକ୍ଷଣ କଲେ ସ୍ପଷ୍ଟ ଭାବରେ ଦେଖାଯାଉଛି, ମୂହୁର୍ମୂହୁ ଅବମାନନା, ଲାଞ୍ଛନା, ଅବହେଳାର ଆଘାତରେ ''ମାଆ'' ଆଜି କ୍ରୋଧିତ ବାଘୁଣୀ ପାଲଟି ଯାଇଛି । ପ୍ରତିହିଂସାର ବହ୍ନିରେ ଶରୀରକୁ ଉତ୍ତେଜିତ କରାଇ ଧ୍ୱଂସର ଅଗ୍ନି ପ୍ରଜ୍ୱଳନ କରି ପତଙ୍ଗ ସମ ଜଡ଼ ଜୀବମାନଙ୍କୁ ଆହ୍ୱାନ କରୁଛି । ବିନାଶର ଆହ୍ୱାନକୁ ଅଜ୍ଞାନ ଅନ୍ଧକାର ମଧ୍ୟରେ ଠିକ୍ ଭାବରେ ବୁଝି ନ ପାରି କାମାତୁର ମାନବ ପତଙ୍ଗ ହୋଇ ସେହି କ୍ରୋଧାଗ୍ନିରେ ଲମ୍ଫ ପ୍ରଦାନ କରୁଅଛି । ନାରୀ ମଧ୍ୟ ସ୍ୱାଧୀନତାର ଦୁହାଇ ଦେଇ ପ୍ରତିଶୋଧ ନେବାପାଇଁ ଅବଗୁଣ୍ଠନବତୀ ସରଳା ଅବଳାର ଖୋଳ ପରିହାର କରି ମହାପରାକ୍ରମୀ ସିଂହୀର ରୂପ ଧାରଣ କରି ରାଜରାସ୍ତାକୁ ଓହ୍ଲାଇ ଆସିଲାଣି । ମୋହିନୀ ମାୟାପାଶ ଜଗତ ଉପରେ

ନିକ୍ଷେପ କରି ରଜ୍ଜୁଟି ନିଜ ହାତରେ ରଖି ନୀତିହୀନ, ଆଚରଣହୀନ, ଅଶାଳୀନ ଭାବରେ ପୂର୍ଣ୍ଣ ଲମ୍ପଟି ପୁରୁଷମାନଙ୍କୁ ଖେଳନାପରି ନଚାଇବାକୁ ଆରମ୍ଭ କଲାଣି । କ'ଣ ହେବ ପରିଣତି ? ଏ ସୃଷ୍ଟି ରହିବ ତ?

ହେ ଜନନୀ ! ହେ ମହାମାୟା ଅଂଶ ସ୍ୱରୂପା ମାତୃଜାତି ? ତୁମମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ପ୍ରତିଶୋଧ ନିଅ । ଲମ୍ପଟି, କାମାନ୍ଧମାନଙ୍କୁ ଉଚିତ ଶିକ୍ଷା ଦିଅ । ସେଥିରେ ଆମର କିଛି କହିବାର ନାହିଁ । କିନ୍ତୁ ତୁମର ମାତୃତ୍ୱକୁ ଜଳାଞ୍ଜଳି ଦିଅନାହିଁ । ମାତୃତ୍ୱକୁ ସଂକୀର୍ଣ୍ଣ ନ କରି ବ୍ୟାପକ କରିଦିଅ । ନିଜ ପରିବାରରେ ସ୍ୱାମୀ, ପୁତ୍ର ଓ କନ୍ୟାପ୍ରତି ତୁମର ଯେଉଁ ସ୍ନେହ, ମୋହ, ମମତା ଓ କର୍ତ୍ତବ୍ୟ ପରାୟଣତା ପ୍ରଦର୍ଶନ କରୁଛ, ସେହି ଭାବରେ ଏ ଜଗତକୁ ଗ୍ରହଣ କର । ଭୁଲିଯାଅନା ଯେ, ମାଆ ମହାମାୟାଙ୍କ ଅଂଶ ସଂଭୂତା ତୁମେ ହେଉଛ ଏ ଜଗତର ଜନନୀ । ସ୍ମରଣ କର ମା ! ତୁମ ଆତ୍ମୀୟ ସ୍ୱଜନଙ୍କର ସାମାନ୍ୟ ଦୁଃଖରେ ତୁମେ ଯେତେ ବିଚଳିତ ହୋଇଯାଉଛ, ଅନ୍ୟମାନଙ୍କର ତାଠାରୁ ଯଥେଷ୍ଟ ଅଧିକଗୁଣରେ କଷ୍ଟ ଆସିଲେ ବି ତୁମର ସାମାନ୍ୟ ବ୍ୟସ୍ତତା ଆସୁଅଛି କି ? ଚରିତ୍ରବାନ ହୋଇ ଯଶସ୍ୱୀ ହେବାପାଇଁ ନିଜର ସନ୍ତାନମାନଙ୍କୁ ଯେଉଁଭଳି ଭାବରେ ଶିକ୍ଷା, ଦୀକ୍ଷା ଓ ଉପଦେଶମାନ ଦେବା ସଂଗେ ସଂଗେ ସେମାନଙ୍କ ଜୀବନର ପ୍ରତି ମୁହୂର୍ତ୍ତକୁ ନଜର ରଖି ନିୟନ୍ତ୍ରଣ କରୁଛ, ସମାଜରେ ଅନ୍ୟମାନଙ୍କ ପ୍ରତି ତୁମର ସେହି ଶ୍ରଦ୍ଧା, ଇଚ୍ଛା, ଅନୁଶାସନ ତଥା ସ୍ନେହପୂର୍ଣ୍ଣ ବ୍ୟବହାର ଦେଇ ପାରୁନାହଁ କାହିଁକି ? ତୁମେ ଜଗତ୍ ଜନନୀ ହେଲେ ସେମାନେ କ'ଣ ତୁମର ସନ୍ତାନ, ସନ୍ତତି, ଭାଇ, ବନ୍ଧୁ, କୁଟୁମ୍ବ, ପରିଜନ ନୁହଁନ୍ତି ? ସେମାନଙ୍କ ପ୍ରତି ତୁମର କୌଣସି ଅବଦାନ ନାହିଁ ? ତେବେ କାହିଁକି ଏ ବିଡ଼ମ୍ବନା ? ଏହା କ'ଣ ଇଚ୍ଛାକୃତ ନା ନିଜର ପରିଚୟ/ସ୍ଥିତି ସମ୍ପର୍କରେ ଅଜ୍ଞତା ?

କାରଣ ଯାହା ହୋଇଥାଉ, ଯେଉଁ ଶକ୍ତିସ୍ୱରୂପା ହୋଇ ଶବକୁ ଶିବ ଓ ଶିବକୁ ଶବ କରିପାରୁଛ, ନିଜେ ନିଜର ସ୍ଥିତି ଉପଲବ୍ଧି କରି ଶକ୍ତିଙ୍କର ସେହି ଶୂନ୍ୟସତ୍ତାକୁ ଆବାହାନ କର । ଘଟଣାପ୍ରବାହରେ ସୁପ୍ତ ହୋଇଯାଇଥିବା ଶକ୍ତିକୁ ପୁନଶ୍ଚ ଶରୀର ମଧ୍ୟରେ ଜାଗ୍ରତ କରାଅ । ତୁମର ଧ୍ୱଂସକାରୀ ଆହ୍ୱାନ ଓ ମାତୃତ୍ୱ ପରାକାଷ୍ଠାର ଅଭାବରେ ଶକ୍ତିହୀନ ହୋଇ ପୁରୁଷାକାର ହଜାଇ ଦେଇ 'ଶବ' ପାଲଟି ଯାଇଥିବା ମୂଢ଼, ଜଡ଼ମାନଙ୍କୁ ତୁମ ଶକ୍ତିର ପ୍ରେରଣାରେ ଶିବ କରାଇଦିଅ । ଏହା କେବଳ ତୁମ ଦ୍ୱାରା ହିଁ ସମ୍ଭବ ହେବ । ନଚେତ୍ ଏ ସୃଷ୍ଟିର ଧ୍ୱଂସ ଅନିବାର୍ଯ୍ୟ । ସେହି ଧ୍ୱଂସକ୍ରିୟାରେ ତୁମେମାନେ ମଧ ଶୀକାର ହେବ । ଏଥିରେ କୌଣସି ସନ୍ଦେହ ନାହିଁ । ତେଣୁ ଶ୍ରୀଗୁରୁସ୍ୱାମୀଙ୍କର କୃପାଲାଭ କରି ନିଜେ ରକ୍ଷାହୁଅ, ଏ ସମାଜ ରାଷ୍ଟ୍ର ଓ ସର୍ବୋପରି ସୃଷ୍ଟି ରକ୍ଷାକର ।

-କ୍ରମଶଃ-

ପର ଧନରେ ନାହିଁ ଚିତ୍ତ ।
ଯେ ମିଳେ ଭୁଞ୍ଜଇ ତୁରିତ ॥
ଏହା ହିଁ ଉତ୍ତମ ଲକ୍ଷଣ ।
ହୋଇବ ନିଶ୍ଚେ ଭକ୍ତ ଜାଣ ॥

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

କେଉଁ ଧନମନେ ଆଶାରଖି ମୁହିଁ
ବାଳୁତ କାଳରୁ ସଂଚିବି ?
ତୋହଠାରୁ ଆଉ କେଉଁ ଧନ ବଡ଼
ଯାହାକୁ ଆଦରି ବଂଚିବି ?

ଥରେ ତୁହି ଧନ ହସ ହସ ମୁଖେ
ଅମୁହାଁ ଦେଉଳେ ବସିଯା ।
ନିର୍ଦ୍ଧନ କଳଙ୍କ ପୋଛି ଦେଇ ମୋର
ଧନୀପଣେ ନାମ ଲେଖିଯା ॥

*ସୃଷ୍ଟିଚକ୍ର, ବ୍ରହ୍ମସୂତ୍ର ସମ୍ପର୍କରେ ସଂପୂର୍ଣ୍ଣ ଅନଭିଜ୍ଞ ସରଳପ୍ରାଣ ଶିଶୁ କେବଳ ଭଲପାଇବା, ସ୍ନେହ ଦେବା ଓ ନେବା ବ୍ୟତୀତ ଆଉକିଛି ଜାଣେନାହିଁ । ଆପଣାପର ଭାବ ନରଖି ଯାହାକୁ ଦେଖେ, ତାହାକୁ ନିଜର ଭାବି ଆନନ୍ଦରେ ତା କୋଳକୁ ଢ଼େଇଁପଡ଼େ । ତେଣୁ ସେ ସମସ୍ତଙ୍କର ପ୍ରିୟ ହୋଇଥାଏ । ପରମପିତାଙ୍କ ନିକଟବର୍ତ୍ତୀ ହେବାକୁ ହେଲେ ଠିକ୍ ଏହିପରି ଭାବର ପ୍ରୟୋଜନ ହୁଏ । କିନ୍ତୁ ବୟସ ବୃଦ୍ଧି ସଂଗେ ସଂଗେ ଶିଶୁର ସରଳଭାବ ଧୀରେ ଧୀରେ ଜଟିଳରୁ ଜଟିଳତର ହୋଇଯାଏ । ସୃଷ୍ଟିଚକ୍ରର ନିଷ୍ଠୁରତା ଯଥା: କାମ, କ୍ରୋଧ, ଲୋଭ, ମୋହ ଓ ମାୟାଦି ତାକୁ କବଳିତ କରଦିଏ । ଫଳରେ ନିଷ୍ପାପ ଶିଶୁଟି ପୁନଶ୍ଚ ପାପଯୁକ୍ତ ହୋଇ ପରମଙ୍କ ନିକଟରୁ ଦୂରେଇଯାଏ । ସେଥିପାଇଁ କୌଣସିକ୍ରମେ ଯଦି ବାଲ୍ୟଅବସ୍ଥାର ସ୍ୱଭାବକୁ ସ୍ଥାୟୀଭାବରେ ସଂଚୟ କରାଇ ଦିଆଯାଏ, ତେବେ ଶିଶୁଟି ସୃଷ୍ଟିର ଏକ ରକ୍ଷାକବଚ ସଦୃଶ ଆବିର୍ଭାବ ହୁଏ । ସେହି ମହତ ଉଦ୍ଦେଶ୍ୟ ନେଇ ଆମର ବାଲ୍ୟବଂଧୁମାନଙ୍କ ପାଇଁ ଶ୍ରୀଗୁରୁସ୍ୱାମୀଙ୍କ ଆଶିଷରେ ରଚିତ ''ଚରମ''ର ଏହି ନିୟମିତ ଧାରାବାହିକ ସ୍ତମ୍ଭ ।*

**''ଚରମ'': ପଞ୍ଚମପୁଷ୍ପ: ଚତୁର୍ଥ ପାଖୁଡ଼ା: ତ୍ରୟୋବିଂଶ ସଂଖ୍ୟା ଅନୁଶ୍ରୁତିରୁ :**

## ମୂର୍ତ୍ତି ନିର୍ମାତାରୁ ମୂର୍ତ୍ତିମନ୍ତ

ନିବାରଣଙ୍କର ଏକାଗ୍ରତା ବଢ଼ିବା ସହିତ ସମାନ୍ତରାଳ ଭାବରେ ପ୍ରଭୁଙ୍କର ପରୋକ୍ଷ କୃପା ମଧ୍ୟ ସମଗ୍ର ପରିବାରରେ ଆଲୋଡ଼ନ ସୃଷ୍ଟି କରି ଚାଲିଥାଏ । ଗୋଟିକପରେ ଗୋଟିଏ ଅନୁଭୂତି ପାଇବା ପରେ ନିବାରଣଙ୍କର ଭକ୍ତି, ପ୍ରେମ ଓ ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହୋଇ ବ୍ରହ୍ମଙ୍କ ନିକଟବର୍ତ୍ତୀ ହେଉଥାଏ । ଭକ୍ତ ସହିତ ବିଭିନ୍ନ ଛନ୍ଦ ନେଇ ଖେଳିବା ବିଦ୍ୟାରେ ନିପୁଣ ଠାକୁରେ ଏହାପରେ ନିବାରଣଙ୍କୁ ସଂପୂର୍ଣ୍ଣ ଭାବରେ ନିଜର କରିନେବା ପାଇଁ ଅଭିନବ କୌଶଳ ପ୍ରୟୋଗ କଲେ ।

ଏ ପର୍ଯ୍ୟନ୍ତ ନିବାରଣ ନିଷ୍କାମ ଭକ୍ତି ପଥରେ ଆଗେଇଚାଲିଥିଲେ । କେବଳ ପ୍ରଭୁଙ୍କର ଅମୀୟ ସୁଧାରେ ପୂର୍ଣ୍ଣ ''ନାମ'' ଜପ କରିଚାଲିଥିଲେ । ସେଥିରୁ ଅପାର ଆନନ୍ଦ ଲାଭ କରୁଥିଲେ । ତେଣୁ ମନରେ କୌଣସି କାମନା, ବାସନା ନଥିଲା । ବିଭିନ୍ନ ସମୟରେ ଅନ୍ୟର ରୂପଧାରଣ କରି ପ୍ରଭୁ ବାରମ୍ବାର ତାଙ୍କ ଘରକୁ ଆସି ଆର୍ଥିକ ସମସ୍ୟାର ସମାଧାନ କରି ଯାଉଥିଲେ । କିନ୍ତୁ ନିବାରଣ ଥରେ ମଧ୍ୟ ଦର୍ଶନ କରିବାର ସୌଭାଗ୍ୟ ପାଇନାହାନ୍ତି । ପାଇବେ ବା କିପରି ? ଭକ୍ତ ଓ ଭଗବାନ ଉଭୟଙ୍କର ଦର୍ଶନ ରାଜ୍ୟରେ ଯେଉଁ ଲୁଚକାଳି ଖେଳ ତାହାର ସ୍ୱାଦୁ ଯେ କେତେ ମଧୁର । ଠାକୁରେ ସେ ''ମଧୁର'' ମୋହ ପରିତ୍ୟାଗ କରିବେ କିପରି ?

ହଠାତ୍ ଦିନେ ନଦୀ ଧାରରେ ନିବାରଣ ଏକାନ୍ତରେ ବସିଥିବା ସମୟରେ ତାଙ୍କ ମନରେ ନିଷ୍କାମ ଭକ୍ତି ସ୍ଥାନରେ ସକାମ ଭକ୍ତି ଉଦ୍ରେକ ହୋଇଗଲା । ସେହି କାମନାଟି ଥିଲା ପ୍ରଭୁଙ୍କର ରୂପ ଦର୍ଶନ । ଚିନ୍ତାକଲେ, ''ଯେତେବେଳେ ବିପଦ ଆସୁଛି, ଅଭାବ ପରିସ୍ଥିତି ସୃଷ୍ଟି ହେଉଛି, ସେତେବେଳେ ଭାବଗ୍ରାହୀ ନିଜେ ସ୍ଥୁଳରେ ଆବିର୍ଭାବ ହୋଇ ସାହାଯ୍ୟ କରିଯାଉଛନ୍ତି । କିନ୍ତୁ ଭିନ୍ନ ଭିନ୍ନ ରୂପରେ । ତା ହେଲେ, ସେ ଅଛନ୍ତି କେଉଁଠାରେ ? କେଉଁ ସୂତ୍ରରେ ମନରେ ସୃଷ୍ଟି ହେଉଥିବା ସମସ୍ତ ଭାବନା ସେ ତତ୍‌କ୍ଷଣାତ୍ ଗ୍ରହଣ କରି ନେଉଛନ୍ତି ? ଯଦି ଏତେ ନିକଟରେ ଅଛନ୍ତି, ତେବେ ମୁଁ ଦେଖି ପାରୁନାହିଁ କାହିଁକି ? ତାଙ୍କ ସହ ଆଳାପ, ଆଲୋଚନା କରି ପାରୁନାହିଁ କେଉଁ କାରଣରୁ ? କ'ଣ ମୋର ଅଭାବ ରହିଛି, ଯାହାପାଇଁ ପ୍ରଭୁ ମୋର ମୋତେ ଦେଖା ଦେଉନାହାନ୍ତି ? ଏହିପରି ଅନେକ ଚିନ୍ତା, ଭାବନାରେ ସେ ମ୍ରିୟମାଣ ହୋଇଗଲେ । ପ୍ରଭୁଙ୍କ ପ୍ରେମନାମ ଜପକରି ଆନନ୍ଦରେ ନିତ୍ୟବାସ କରୁଥିବା ନିବାରଣ ଦୁଃଖ, ଆଶଙ୍କା, ହତୋସାହରେ ଭାଙ୍ଗି ପଡ଼ିଲେ । ପ୍ରଭୁଙ୍କୁ ଦେଖିବାର ବାସନା ପ୍ରବଳ ଭାବରେ ତାଙ୍କୁ ଆଲୋଡ଼ିତ କଲା । ଛୋଟପିଲାଟି ପରି କଇଁ କଇଁ ହୋଇ କାନ୍ଦିପକାଇଲେ । ଭକ୍ତର ଆକୁଳ କ୍ରନ୍ଦନରେ ଆତ୍ମହରା ଭକ୍ତବତ୍ସଳ ଠାକୁରେ ଭକ୍ତର ହୃଦୟରେ ଶାନ୍ତିର ଜଳ ସ୍ୱରୂପ ସୂକ୍ଷ୍ମ ଚେତନା ଭରିଦେଲେ । ନିବାରଣ ଅନୁଭବ କଲେ, ତାଙ୍କ ଭିତରୁ କେହି କହୁଛନ୍ତି, ''ରେ ପାଗଳ ! କାହିଁକି ବ୍ୟାକୁଳ ହେଉଛୁ ? କେଉଁଠି ମୋତେ ଖୋଜୁଅଛୁ ? ମୁଁ ପରା ଏଇଠାରେ, ତୋରି ହୃଦୟରେ, ମନରେ, ଭାବରେ ସବୁଠାରେ ଅଛି । ତୋର ନିତ୍ୟ ସାଥୀ ହୋଇ ତୋରି ପାଖେ ପାଖେ ଅଛି । ତେଣୁ ବାଉଳା ହୋଇ ଅନ୍ୟ ସ୍ଥାନରେ ମୋତେ ଖୋଜିବାକୁ ଚେଷ୍ଟା କରନାହିଁ । ଯୋଗାଭ୍ୟାସ କରି ମୋତେ ତୋରି ଭିତରେ ଖୋଜି ବାହାର କର । ସେଥିରେ ତୋର ଅଭିଷ୍ଟ ପୂର୍ଣ୍ଣ ହେବ ଏବଂ ମୋ ମନରେ ଆନନ୍ଦ ଆସିବ ।'' ଆତ୍ମାର ଏହି ଅଭିବ୍ୟକ୍ତିରେ ଶିହରୀ ଉଠିଲେ ନିବାରଣ । ''ଠାକୁରେ ମୋରି ଭିତରେ ଅଛନ୍ତି ? ଅଥଚ ମୁଁ ଦେଖିପାରୁନାହିଁ, ଜାଣିପାରୁନାହିଁ ।'' ଦୃଢ଼ ସଂକଳ୍ପ ନେଇ ପ୍ରତିଜ୍ଞା କରି ପକାଇଲେ, ''ପ୍ରଭୁ ! ଆଜିର ଏହି ଅମୃତ ବେଳାରେ ଆପଣ ମୋତେ ଯେଉଁ ସୂକ୍ଷ୍ମ ନିର୍ଦ୍ଦେଶ ଦେଲେ, ତାହାହିଁ ମୋର ସାଧନର ପ୍ରଥମ ସିଦ୍ଧି ରୂପରେ ଗ୍ରହଣ କରୁଛି । ଆପଣଙ୍କ ଶ୍ରୀପଦ୍ମପାଦକୁ ସାକ୍ଷୀ ରଖି ଶପଥ କରୁଛି, ଯୋଗସାଧନରେ ଆଜିଠାରୁ ନିଜକୁ ହଜାଇ ଦେବି ଓ ଶେଷରେ ନିଶ୍ଚୟ ଏହି ଶରୀର ମଧ୍ୟରେ ଆପଣଙ୍କୁ ଖୋଜି ଦର୍ଶନ କରିବି । **''ହେଉପଛେ କ୍ଷୟ ଏ ମରଶରୀର ଶ୍ରୀପଦ ଛାଡ଼ିବି ନାହିଁ । ଭକ୍ତ ବଂଧୁ ଯଦି ନାମ ତୁମ ଅଟେ ନିଶ୍ଚୟ ପାଇବି ମୁହିଁ ।।''** ମନରୁ ସମସ୍ତ ବିଷାଦ, ଅସହାୟତା ପରିହାର କରି ବୀରସୈନିକ ଭାବରେ ନିଜକୁ ସଜାଇ ନେଇ ଯୋଗସାଧନର ରଣକ୍ଷେତ୍ରକୁ ଲମ୍ଫପ୍ରଦାନ କଲେ ନିବାରଣ । ଘର, ସଂସାର, ସ୍ତ୍ରୀ, ବାପା, ମା' ରହିଗଲେ ଅନେକ ପଛରେ । ବୈରାଗରୂପକ ବସ୍ତ୍ରରେ ନିଜକୁ ଆଚ୍ଛାଦିତ କରି କୌପୀନ ଧାରଣ କରି ଆତ୍ମସାଧକ ଯୋଗୀ ସଂସାର ତ୍ୟାଗ କରି ତାଙ୍କ ନିଜର ଧ୍ୟାନରାଜ୍ୟକୁ ପ୍ରବେଶ କଲେ ।

ଦିନପରେ ଦିନ ମାସ, ବର୍ଷ ଅତିକ୍ରମ କରିବାକୁ ଲାଗିଲା । ମହାଯୋଗୀ ନିଜର ସାଧନାରେ ଅଟଳ ରହି ବାରମ୍ବାର ସମାଧି ଅବସ୍ଥା ପ୍ରାପ୍ତ ହେଲେ । ଯୋଗର ପ୍ରାରମ୍ଭିକ ଅବସ୍ଥାରେ ଯୋଗୀ ତ୍ରାଟକ ଯୋଗ ସାଧନରେ ଲିପ୍ତ ହେଲେ । କେତେବେଳେ ସ୍ଥଳ ଭାଗରେ ତ କେତେବେଳେ ଜଳାଧାରରେ ସମାଧି ନେଲେ । ଜଳାଧାରରେ ସମାଧିସ୍ଥ ଥିବା ସମୟରେ ତାଙ୍କ ଶରୀରକୁ ଜଳଚର ମାନେ ଯଥା: ସାପ, ବେଙ୍ଗ, ଜୋକ, ପୋକ ଇତ୍ୟାଦି ଏକ କାଠଖଣ୍ଡ ପ୍ରାୟ ମନେ କରି ଢ଼ାଙ୍କି ହୋଇ ରହନ୍ତି । ତଥାପି ଯୋଗୀଙ୍କର ଯୋଗ ଭଙ୍ଗ ହୁଏ ନାହିଁ । ସତେଅବା ଯୋଗେଶ୍ୱର ନିଜେ ଯୋଗାରୂଢ଼ ହୋଇଛନ୍ତି ।

ଯେତେବେଳେ ଭକ୍ତସାଧକ ତା'ର ଇପ୍‌ସିତ କେନ୍ଦ୍ରରେ ପହଞ୍ଚିବାର ସମୟ ଉପସ୍ଥିତ ହୁଏ, ସେତେବେଳେ ଭକ୍ତବତ୍ସଳ ଭାବଗ୍ରାହୀଙ୍କର ପରୀକ୍ଷାଖେଳ ଆରମ୍ଭ ହୁଏ । ଯାହାର ମାଧ୍ୟମରେ ସେ ମହାସାଧକଙ୍କ ଭିତରେ ରହିଥିବା ସୁପ୍ତ କାମନାକୁ ସଂପୂର୍ଣ୍ଣଭାବରେ ବହିଷ୍କାର କରାଇ ତାଙ୍କୁ ନିର୍ମଳ କରାଇଦିଅନ୍ତି । ସେହିପରି ଏକ ପରିସ୍ଥିତି ସୃଷ୍ଟି ହୋଇଗଲା ସାଧକ ନିବାରଣଙ୍କର ଜୀବନଚକ୍ରରେ । ନିଜକୁ ଅତି କଠୋର ଭାବରେ ଦହନ କରୁଥିବା ସମୟରେ ଶରୀର ରୂପକ ସମୁଦ୍ର

ମଧରେସୂକ୍ଷ୍ମରେ ସୁପ୍ତ ରହିଥିବା କାମବୀଜଟି ହଠାତ୍ ଅଙ୍କୁରିତ ହୋଇଗଲା । ଇନ୍ଦ୍ରିୟର ଦଂଶନରେ ପରାଭବ ପାଇ ଯୋଗୀବର ପରାସ୍ତ ହୋଇଗଲେ । ଦିନେ ରାତ୍ରିର ଗଭୀର ଅନ୍ଧକାରରେ ଅସହୀନୟ କାମଜ୍ୱାଳାର ପ୍ରଭାବରେ ସେ ଛୁଟି ଆସିଲେ ଧର୍ମପତ୍ନୀ ନିର୍ମଳାଙ୍କ ନିକଟକୁ । ଅନେକଦିନର ବ୍ୟବଧାନରେ ସ୍ୱାମୀଙ୍କୁ ଏପରି ଭାବରେ ଦର୍ଶନ କରି ଆଶ୍ଚର୍ଯ୍ୟ ହୋଇଗଲେ ସାଧ୍ୱୀ ନିର୍ମଳା । କିନ୍ତୁ ଆନନ୍ଦରେ ଅଧିରା ହୋଇ ନିଜକୁ ଉତ୍ସର୍ଗ କରିଦେଲେ ସ୍ୱାମୀଙ୍କ କୋଳରେ । ସ୍ୱାମୀ, ସ୍ତ୍ରୀଙ୍କର ମିଳନ ହେଲା । ରାତ୍ରିର ଅନ୍ଧକାର ଅପସରି ଯିବା ପୂର୍ବରୁ ନିବାରଣ ପୁଣି ଫେରିଆସିଲେ ତପସ୍ଥଳକୁ । ସେହି ଅଚାନକ ମିଳନର ସାକ୍ଷୀ କେବଳ ପରମେଶ୍ୱର ହିଁ ରହିଲେ । ପରିବାର, ଜ୍ଞାତି କୁଟୁମ୍ବ ସମସ୍ତଙ୍କୁ ଅଜଣା ରହିଗଲା ।

ପରବର୍ତ୍ତୀ ପର୍ଯ୍ୟାୟରେ ଯେତେବେଳେ ଜଣାଗଲା ଯେ ନିର୍ମଳା ଅନ୍ତସତ୍ତ୍ୱା, ସେତେବେଳେ ପରିବାରବର୍ଗ ଆଶ୍ଚର୍ଯ୍ୟ ହୋଇଗଲେ । ବିଚରା ସତୀ, ସାଧ୍ୱୀ କୁଳବଧୂ କଳଙ୍କର କାଳିମାରେ ଅସ୍ତବ୍ୟସ୍ତ ହୋଇଗଲେ । ପଡ଼ୋଶୀ ଗ୍ରାମବାସୀମାନେ ନିର୍ମଳା ସମେତ ସମଗ୍ର ପରିବାରକୁ ସମାଜରୁ ବାସନ୍ଦ କରିବାପାଇଁ ପ୍ରସ୍ତାବ ରଖିଲେ । ସତ୍ୟ କହିଲେ ବି ନିର୍ମଳାଙ୍କୁ ବିଶ୍ୱାସ କରିବାକୁ କେହି ପ୍ରସ୍ତୁତ ହେଲେ ନାହିଁ । ଶେଷରେ ଅନେକ ମିନତି ପରେ ଗ୍ରାମବାସୀମାନେ ନିବାରଣଙ୍କ ନିକଟକୁ ଘଟଣାର ସତ୍ୟାସତ୍ୟ ବୁଝିବାକୁ ଗଲେ । ସେତେବେଳକୁ ତାଙ୍କର କଠୋର ତପ ଆଚରଣ ଦେଖି ଲୋକମାନେ ତାଙ୍କୁ ଘୃଣା ପରିବର୍ତ୍ତେ ଶ୍ରଦ୍ଧା, ଭକ୍ତି ଓ ସମ୍ମାନ ଦୃଷ୍ଟିରେ ଦେଖୁଥିଲେ । ତେଣୁ ନିର୍ମଳାଙ୍କ ଗର୍ଭଧାରଣ କାରଣ ପ୍ରକୃତ ରହସ୍ୟ ନିବାରଣଙ୍କ ସ୍ୱୀକୃତି ଅପେକ୍ଷା କରୁଥିଲା । କିନ୍ତୁ ଯେତେବେଳେ ଗଲେ ଯୋଗୀ ଧ୍ୟାନସ୍ଥ । ଧ୍ୟାନ ଭଙ୍ଗ ହେଲେ ସିନା କିଏ କ'ଣ ପଚାରିବ ? ଅନେକ ପ୍ରତୀକ୍ଷା ପରେ ନିବାରଣ ନିର୍ମଳାଙ୍କ ଅବସ୍ଥାକୁ ଲିଖିତ ଭାବରେ ସ୍ୱୀକୃତି ଦେଲେ । ସତୀଙ୍କର ଜୟ ହେଲା.....

କ୍ରମଶଃ.....

ଶତ୍ରୁକୁ ମୈତ୍ର ପ୍ରାୟେ କର ।
ଦୋଷ ତୁ ମନରେ ନ ଧର ॥

ସୁଚିନ୍ତେ ସଦା ରହିଥିବୁ ।
ଏକା ଅକ୍ଷର ଜପୁଥିବୁ ॥

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଆଦୌ ଚେଷ୍ଟା ନକରି ନିଶ୍ଚେଷ୍ଟ ହୋଇ ବସିରହି ହତାଶା ଓ ନୈରାଶ୍ୟର ଅନ୍ଧକାର ମଧ୍ୟରେ ହାତଗୋଡ଼ ଛନ୍ଦି ବସିରହି ଭାଗ୍ୟକୁ ନିନ୍ଦାକରିବା ଅପେକ୍ଷା ବରଂ ବାରମ୍ବାର ଚେଷ୍ଟାକରି ଅସଫଳ ହେବା ହିଁ ଶ୍ରେୟସ୍କର ବୋଲି ପୃଥିବୀର ବହୁ ମନୀଷି ମତ ଦେଇ ଯାଇଅଛନ୍ତି । କର୍ମପ୍ରବଣ ବୀରପ୍ରାଣ ଯୁବସମ୍ପ୍ରଦାୟ ପାଇଁ ଠାକୁରେ ଦୟାକରି ''ଚରମ''ର ଏହି ଶୀର୍ଷକରେ ଉପାଦେୟ ପ୍ରବନ୍ଧମାନ ପ୍ରକାଶ କରି ଯୁବ ସମାଜକୁ ସଂଗଠିତ କରି ବିଶ୍ୱପ୍ରାଣରେ ଭ୍ରାତୃତ୍ୱ, ସୌହାର୍ଦ୍ଦ୍ୟ ଓ ଶାନ୍ତି ପ୍ରତିଷ୍ଠାର ଭିତ୍ତିପତ୍ତନ କରନ୍ତି । ତହିଁର ଫଳଶ୍ରୁତି ସ୍ୱରୂପ ''ଚରମ''ର ପ୍ରତିସଂଖ୍ୟାରେ ଯୁବକଯୁବତୀମାନଙ୍କୁ ଏହି ମର୍ମରେ କମ୍ବୁକଣ୍ଠରେ ଉଦ୍‌ବୋଧନ ଓ ଆହ୍ୱାନ ଦିଆଯାଉଅଛି ।*

## ପ୍ରେମ (୪)

ପ୍ରେମର ଆଭିଧାନିକ ଅର୍ଥ ହେଉଛି: (ପ୍ରିୟ-ଇମନ୍) ପ୍ରଣୟ, ପ୍ରୀତି, ସ୍ନେହ, ଭକ୍ତି, ଅନୁରାଗ, ଆସକ୍ତି, ବନ୍ଧୁତା, ଦୟା, ଆନନ୍ଦ ଏବଂ ପରିହାସ ଇତ୍ୟାଦି । ତେଣୁ 'ପ୍ରେମ' ଶବ୍ଦ ଅତ୍ୟନ୍ତ ବ୍ୟାପକ ଓ ସୁଦୂରପ୍ରସାରୀ ଅର୍ଥ ବ୍ୟଞ୍ଜକ । ଏହା ଏକ ତତ୍‌ସମ ଶବ୍ଦ । ଅଧୁନା ବହୁଳ ଭାବରେ ଏହି ଶବ୍ଦର ପ୍ରୟୋଗ ପରିଲକ୍ଷିତ ହୁଏ । ସାଧାରଣ ଜୀବନରେ କଥୋପକଥନ, ବକ୍ତବ୍ୟ, ପତ୍ର, କବିତା, ଗଳ୍ପ, ପ୍ରବନ୍ଧ, ନାଟକ, ଉପନ୍ୟାସ ଆଦିରେ ପ୍ରେମ ଶବ୍ଦର ବ୍ୟବହାର ଲକ୍ଷ୍ୟ କରାଯାଏ । ଜାଗତିକ ଜୀବନରେ ସାଂସାରିକ ସଂପର୍କରେ ପ୍ରେମକୁ ସାଧାରଣତଃ ପୁଅଝିଅ, ଯୁବକଯୁବତୀ, ସ୍ତ୍ରୀପୁରୁଷର ଅତିସାଧାରଣ ସମ୍ବନ୍ଧ ଅର୍ଥରେ ବ୍ୟବହାର କରାଯାଉଅଛି । କିନ୍ତୁ ଆଧ୍ୟାତ୍ମିକ ଓ ପରମାର୍ଥିକ ଜଗତର ସାହିତ୍ୟ ଓ ଜୀବଚର୍ଯ୍ୟାରେ ପ୍ରେମର ସ୍ଥାନ ବହୁ ଉଚ୍ଚରେ । ଏହା ଆଧ୍ୟାତ୍ମିକ ସାହିତ୍ୟ ଓ ପରମାର୍ଥିକ ଜୀବନରେ ଭକ୍ତି, ଅନୁରାଗ, ଦୟା ଓ ଆନନ୍ଦ ଅର୍ଥରେ ସ୍ୱାତନ୍ତ୍ର୍ୟୀୟ ଭାଷା ଓ ଭାବରେ ପ୍ରଯୁକ୍ତ ହୋଇଥାଏ ।

ପ୍ରେମିକ ବୋଇଲେ ପ୍ରଣୟୀପୁରୁଷ: ଯିଏ ଆମକୁ ପ୍ରେମ କରନ୍ତି, ସ୍ନେହକରନ୍ତି, ଦୟା କରନ୍ତି, ଆମ ହୃଦୟରେ ଭକ୍ତିଭାବ ଉଦ୍ରେକ କରିପାରନ୍ତି ଏବଂ ଆମମାନଙ୍କୁ ଆନନ୍ଦ ଦାନ କରିପାରନ୍ତି । ସେହି ପ୍ରଣୟୀ ପୁରୁଷ ହିଁ ଅଖଣ୍ଡପ୍ରେମମୟ, ପରମ ପ୍ରେମମୟ,ଚରମ ଦୟାମୟ-ଆମର ପ୍ରେମାସ୍ପଦ-ସେହି ହିଁ ଆମର ଭଗବାନଠାକୁର । ତାଙ୍କରି ପଦ୍ମପାଦରେ ଶରଣ ନେଲେ, ତାଙ୍କର ପୁଣ୍ୟନାମ ଭଜନ/ଜପ କଲେ ଆପଣାର ଆନୁଗତ୍ୟ ତାଙ୍କ ଚରଣ ପଙ୍କଜରେ ପ୍ରକାଶ କଲେ, ତାଙ୍କ ପ୍ରତି ନିରୋଳ ଅନୁରାଗ କ୍ରମଶଃ ଅନ୍ତଃକରଣରେ ଜନ୍ମହୋଇ ଅନ୍ତରର ଗଭୀରତମ ପ୍ରଦେଶରେ ରୂଢ଼ ହୁଏ । ଏହି ଅନୁରାଗ ପରିପକ୍ୱ ହେଲେ ପ୍ରେମଭାବର ଉଦ୍ରେକ ହୁଏ ଓ ପର୍ଯ୍ୟାୟକ୍ରମେ ତାହା ଶୁଦ୍ଧାଭକ୍ତି ସ୍ୱରୂପ ସ୍ୱର୍ଗଗଙ୍ଗାରେ ପରିଣତ ହୋଇ ଆମକୁ ଠାକୁରଙ୍କର ଅପାରକରୁଣା ଓ ଅମାପ କଲ୍ୟାଣ ଧାରାରେ ସିକ୍ତ/ଅଭିଷିକ୍ତ କରେ । ଆମର ଦୁର୍ଲଭ ଜନ୍ମ, ଜୀବନ ଓ ଶରୀର ଧନ୍ୟ ହୁଏ, ସାର୍ଥକ ହୁଏ, ସଫଳ ହୁଏ ।

ଜାଗତିକ ହେଉ କି ଆଧ୍ୟାତ୍ମିକ ହେଉ, ପ୍ରେମ ମଣିଷ ଜୀବନର ଏକ ଚିରନ୍ତନ ଆବଶ୍ୟକତା । ସେହିକାରଣରୁ ଭାରତୀୟ ସଂସ୍କୃତିରେ ପ୍ରେମର ଆସନ ଶ୍ରେଷ୍ଠତମ । ଜାଗତିକ ଜୀବନରେ ପ୍ରେମ ଗାର୍ହସ୍ଥ୍ୟ ଜୀବନର ପରିପୋଷକ ଏବଂ ଦାମ୍ପତ୍ୟ ଜୀବନର ପ୍ରଧାନ ନିବନ୍ଧନ । ହିନ୍ଦୁଧର୍ମରେ ପ୍ରେମର ସ୍ୱରୂପ ସମ୍ପର୍କରେ ଗର୍ଗ ସଂହିତା, ଉଜ୍ଜ୍ୱଳନୀଳମଣି, ରୂପଗୋସ୍ୱାମୀଙ୍କର ଭକ୍ତିରସାମୃତ ସିନ୍ଧୁ, କୃଷ୍ଣଦାସ କବିରାଜଙ୍କର ଶ୍ରୀଚୈତନ୍ୟ ଚରିତାମୃତ ଆଦିରେ ଯଥେଷ୍ଟ ଉଲ୍ଲେଖ ରହିଅଛି । ତେଣୁ ଆଧ୍ୟାତ୍ମିକ ଜୀବନରେ ପ୍ରେମହିଁ ଏକ ଶ୍ରେଷ୍ଠ ଓ ସାର୍ଥକ ପର୍ଯ୍ୟାୟ । ଯାହାର ହୃଦୟରେ ନିର୍ମଳ ପ୍ରେମଭାବର ଉଦୟ ହୋଇନାହିଁ, ସେ ଯେତେବଡ଼ ଯୋଗୀ,

ସାଧକ, ତପସ୍ୱୀ ହୁଅନ୍ତା ନା କାହିଁକି ସେ ଭଗବତ୍ ପ୍ରେମର ଲେଶମାତ୍ର ଧାର ଧାରନ୍ତି ନାହିଁ ବୋଲି କହିଲେ, ସତ୍ୟର ଅପଳାପ ହେବନାହିଁ ।

ବୈଷ୍ଣବ ସାହିତ୍ୟରେ ପ୍ରେମକୁ ଅଚିନ୍ତ୍ୟ ଓ ଅବ୍ୟକ୍ତ ରୂପରେ ଗ୍ରହଣ କରାଯାଇଛି । ଏତାଦୃଶ ଦିବ୍ୟପ୍ରେମ ନିର୍ମଳ, ପବିତ୍ର, କୋମଳ, ଜ୍ଞାନମୟ, ଅବିନାଶୀ ଓ ଅକ୍ଷୟ, ଅବ୍ୟୟ । ଏହା ଆତ୍ମାର ନିକଟବର୍ତ୍ତୀ । ଭକ୍ତ ଅନ୍ତରରେ ପ୍ରେମ ସ୍ତର ପରେ ସ୍ତର ପର୍ଯ୍ୟାୟକ୍ରମରେ ବର୍ଦ୍ଧିଷ୍ଣୁ ହେଲେ, ଏକ ପକ୍ଷରେ ଗାଢରୁ ଗାଢତମ ହେବା ସହିତ ଅନ୍ୟପକ୍ଷରେ ଶ୍ରେଷ୍ଠରୁ ଶ୍ରେଷ୍ଠତର ହୋଇ ଶ୍ରେଷ୍ଠତମ ହୋଇପାରେ । ପ୍ରଗାଢ଼ ପ୍ରେମର ଶ୍ରେଷ୍ଠତା ପ୍ରତିପାଦିତ ହେଲେ, ତାହା ସ୍ୱର୍ଗୀୟ, ଚିନ୍ମୟ ଓ ଶାଶ୍ୱତ ହୋଇଯାଏ । ଅବଶ୍ୟ ପ୍ରେମ ସ୍ତରଭେଦର ଭିନ୍ନ ରୂପ ଧାରଣ କରିଥାଏ । ପ୍ରେମର ବିଭିନ୍ନ ସ୍ତରୀୟ ରୂପଭେଦରେ ଭକ୍ତର ଭିନ୍ନଭିନ୍ନ ଆଚରଣ ସ୍ଥୂଳତଃ ପ୍ରକାଶ ପାଏ । ପୂର୍ବାନୁରାଗରେ ପ୍ରେମର ପ୍ରଥମ ସୂତ୍ରପାତ ହୁଏ । ଠାକୁରଙ୍କର ନାମ ଶ୍ରବଣ ମାତ୍ରେ ଏହି ପୂର୍ବାନୁରାଗ ଜନ୍ମନିଏ । ଠାକୁରଙ୍କର ଗୁଣ ଓ ଲୀଳା ଶ୍ରବଣ କୀର୍ତ୍ତନରେ ଏହାର ଗାଢତା ଆସେ । ଠାକୁରଙ୍କର ବିଗ୍ରହ ଦର୍ଶନରେ ପ୍ରେମ ଘନୀଭୂତ ହୁଏ । ଠାକୁରଙ୍କର ଦର୍ଶନରେ ଆନ୍ତରିକତାର ସୂଚନା ମିଳେ ଓ ଏହାଦ୍ୱାରା ପ୍ରେମ ଅଙ୍କୁର ଏକ ଦ୍ରୁମରେ ପରିଣତ ହୋଇ ସବୁଜ ପତ୍ର ଓ ରଙ୍ଗୀନ ଫୁଲରେ ସୁଶୋଭିତ ହୁଏ । ଠାକୁରଙ୍କ ସହିତ ମିଳନରେ ପ୍ରେମ ସ୍ଥାୟୀହୁଏ ଏବଂ ବିଚ୍ଛେଦରେ ପ୍ରେମ ପରିପୂର୍ଣ୍ଣତା ଲାଭ କରି ସୁପକ୍ୱ ସୁମିଷ୍ଟ ସୁଗୋଲ ସୁନ୍ଦର ଫଳଦାନ କରେ ।

ଭକ୍ତ ଏବଂ ଭଗବାନ ଠାକୁରଙ୍କର ଅନ୍ତରର ମିଳନ କେବଳ ପ୍ରେମ ମାଧ୍ୟମରେ ହିଁ ସଂଘଟିତ ହୋଇଥାଏ । ଏଥିରେ ଭକ୍ତ ଜୀବନର ପବିତ୍ରତା ଉଭାସିତ ହୋଇ ଉଠେ । ପ୍ରେମିକ ଠାକୁରଙ୍କର ଦିବ୍ୟ ପ୍ରେମରେ ତନ୍ମୟ ହୁଏ । ଧନ, ଜନ, ଗୋପ, ଲକ୍ଷ୍ମୀକୁ ତୁଚ୍ଛ ଜ୍ଞାନ କରି ତନ୍ମୟ ଭକ୍ତ ପ୍ରେମିକ ଠାକୁରଙ୍କର ଅମୀୟ ପ୍ରେମର ଅମୃତ ବନ୍ଧନରେ ଚିର ଆବଦ୍ଧ ହୋଇ ରହିବାକୁ ପାଗଳପ୍ରାୟ ହୋଇଯାଏ । ଏତାଦୃଶ ମାନସତାତ୍ତ୍ୱିକ ତନ୍ମୟତା ଅନେକ ସମୟରେ ପ୍ରେମିକ ଭକ୍ତକୁ ଉନ୍ମାଦତୁଲ୍ୟ କରିଦିଏ । ପ୍ରେମତନ୍ମୟ ପ୍ରେମିକ ଭକ୍ତର ଅନ୍ତଃକରଣକୁ ବୁଝି ନ ପାରି ଅନେକେ ତା'କୁ ପାଗଳ, ଉନ୍ମାଦ, ବିକୃତ ମସ୍ତିଷ୍କ, ବିକାରଗ୍ରସ୍ତ ମନେକରି ହୁଏତ ଘୃଣା କରନ୍ତି; ମାତ୍ର ପରମପ୍ରେମମୟ ପରମପ୍ରେମିକ ପରମେଶ୍ୱର ଠାକୁର ଭକ୍ତର ଅନ୍ତରତମ ପ୍ରଦେଶର ଗୋପନଭାବ ଗ୍ରହଣ କରନ୍ତି ନିର୍ଭୁଲ ଭାବରେ । ସେ ପରା ଭକ୍ତବତ୍ସଳ, ଭାବଗ୍ରାହୀ, ସର୍ବାନ୍ତର୍ଯ୍ୟାମୀ ! ସେ ଭକ୍ତ ଅନ୍ତରର ଭାବ ଓ ଭାଷା ଠିକ୍ ଭାବରେ ଗ୍ରହଣ କରନ୍ତି, କରୁଛନ୍ତି । ପଦ୍ମପାଖୁଡ଼ା ପରି ପ୍ରେମ କୋମଳ, ନିର୍ମଳ,ପବିତ୍ର । ଏହିପରି ସ୍ୱଭାବ ଓ ଗୁଣଯୁକ୍ତ ପ୍ରେମପୁଷ୍ପ ଠାକୁରେ ପରମ ସନ୍ତୋଷର ସହିତ ଆପଣାର ସୂକ୍ଷ୍ମ ହସ୍ତ ପ୍ରସାରଣ କରି ତୋଳି ନିଅନ୍ତି ଭକ୍ତର ମନବୃନ୍ଦାବନରୁ । ଆପଣାର ସୁକୋମଳ କରକମଳ ବିସ୍ତାର କରି ସୂକ୍ଷ୍ମରେ ଭକ୍ତର ସକଳ ଯାତନା, ସକଳ ଯନ୍ତ୍ରଣା, ଦୁଃଖଶୋକ ପୋଛି ଦିଅନ୍ତି । ଭକ୍ତପ୍ରାଣରେ ଅଫୁରନ୍ତ ନିତ୍ୟ ଆନନ୍ଦ, ପ୍ରେମ ଆନନ୍ଦ, ପରମ ଆନନ୍ଦର ମନ୍ଦାକିନୀ ପ୍ଲାବନ କରନ୍ତି, କରୁଛନ୍ତି ।

ଅନାବିଳ ବିଶ୍ୱପ୍ରେମର ଶ୍ରେଷ୍ଠତମ ଉତ୍ସ ଠାକୁରେ । ତାଙ୍କର ନୀଳପଦ୍ମ ନୟନ ଯୁଗଳରୁ ଶାଶ୍ୱତ ପ୍ରେମଧାରା ସତତ ପ୍ରବାହିତ । ଭକ୍ତ ଓ ଭଗବାନଙ୍କର ଚାରିଚକ୍ଷୁ ହେଲେ, ଭକ୍ତ ହୃଦକନ୍ଦରରେ ଚିରନ୍ତନ ପ୍ରେମଝର ଝରିଯାଏ । ଭକ୍ତର ତନୁ, ମନ, ପ୍ରାଣ ସରସସୁନ୍ଦର ପ୍ରେମାନୁରାଗରେ ପୁଲକିତ ହୁଏ । ସକଳ ସାତ୍ତ୍ୱିକ ଭାବ ଭକ୍ତଠାରେ ପ୍ରତୀତ ହୁଏ । ସାତ୍ତ୍ୱିକଭାବ ଆଠପ୍ରକାର :

''ସ୍ତମ୍ଭଃ ସ୍ୱେଦୋଽଥ ରୋମାଞ୍ଚଃ ସ୍ୱରଭଙ୍ଗୋଽଥ ବେପଥୁଃ ।

ବୈବର୍ଣ୍ଣ୍ୟମଶ୍ରୁ ପ୍ରଳୟ ଇତ୍ୟଷ୍ଟୌ ସାତ୍ତ୍ୱିକାଃ ସ୍ମୃତାଃ ॥''

ଅର୍ଥାତ୍: (୧) ସ୍ତମ୍ଭୀଭୂତ ହେବା (୨) ଝାଳବୋହିବା (୩) ପୁଲକିତ ହେବା, (୪) କଣ୍ଠ ଗଦ୍‌ଗଦ୍ ହେବା (୫) କମ୍ପି ଉଠିବା (୬) ବିବର୍ଣ୍ଣ ହୋଇଯିବା (୭) ଲୋତକ ବୋହିବା (୮) ନିଶ୍ଚେଷ୍ଟ ହୋଇଯିବା ॥

ଆଧ୍ୟାତ୍ମିକ ଜୀବନଚର୍ଯ୍ୟାରେ ଭକ୍ତ ଏବଂ ଭଗବାନ ଠାକୁରଙ୍କର ଦିବ୍ୟ ପ୍ରେମଲୀଳାରେ ଉଚ୍ଛୃଙ୍ଖଳତା ନାହିଁ କି ଅସଂଯତ ବିଳାସ ମଧ୍ୟ ନାହିଁ । ଭାରତୀୟ ସଭ୍ୟତା ଏବଂ ଭଗବାନ ଠାକୁରଙ୍କର ଦିବ୍ୟ ପ୍ରେମଲୀଳାରେ ପ୍ରେମ ପ୍ରତିଷ୍ଠିତ ହୋଇଥିବାରୁ ଏହା

ସକଳ କଳୁଷତା ଠାରୁ ବହୁଦୂରରେ, ବହୁ ଊର୍ଦ୍ଧ୍ୱରେ । ଭକ୍ତ ଏବଂ ଭଗବାନ ଠାକୁର ଉଭୟଙ୍କର ମନର ମିଳନରେ ବିଭୁପ୍ରେମର ପରିପୂର୍ଣ୍ଣତା ଓ ସାର୍ଥକତା । ଏହି ଦୃଷ୍ଟିରୁ ବିମଳ ବିଭୁପ୍ରେମ ବାସ୍ତବତାର ଜୟଗାନ କରେ ।

ଦେହ ଓ ମନର ଉଭୟବିଧ ମିଳନ ନହେଲେ, ସାଂସାରିକ ଜୀବନରେ ଯେପରି ଯଥାର୍ଥ ସ୍ନେହ, ପ୍ରେମ, ମମତା ସୃଷ୍ଟି ହୋଇପାରେନାହିଁ; ସେହିପରି ଆଧ୍ୟାତ୍ମିକ ଅନୁଭାବନାର ଜାଗରଣ ପାଇଁ ମଧ୍ୟ ଦେହର ଆବଶ୍ୟକତା ରହିଛି । ଦେହ ମାଧ୍ୟମରେ ହିଁ ଦେହାତୀତ ପ୍ରେମର କଳ୍ପନା କରାଯାଇପାରେ । ଏକଥାକୁ ଯେଉଁ ଭକ୍ତ ସ୍ପଷ୍ଟ ଭାବରେ ବାସ୍ତବରେ ହୃଦୟଙ୍ଗମ କରି ପାରିଛି, ତା ପକ୍ଷରେ ବିଭୁପ୍ରେମ ଓ ଆଧ୍ୟାତ୍ମିକ ପ୍ରେମଜୀବନର ସଫଳ ବର୍ଣ୍ଣନା କରିବା ସମ୍ଭବ ହୋଇପାରେ । ସ୍ଥୂଳ ହିଁ ମୂଳ । ମୌଳିକ ଭାବରେ ସ୍ଥୂଳ ଶରୀରଧାରୀ ଠାକୁରଙ୍କର ସ୍ଥୂଳ ଦେହକୁ ପ୍ରଥମେ ପ୍ରଗାଢ଼ ଭାବରେ ଭଲପାଇ ପ୍ରେମାନୁରାଗ ସୃଷ୍ଟି କରିବାକୁ ହୁଏ । କ୍ରମଶଃ ତାହା ସ୍ଥୂଳରୁ ସୂକ୍ଷ୍ମକୁ ପ୍ରବହମାନ ହୁଏ । ପର୍ଯ୍ୟାୟକ୍ରମରେ ଏହାସାଧନ କଲେ, ଏପରି ଏକ ସ୍ତରରେ ଭକ୍ତ ଉପନୀତ ହୁଏ- ଯେତେବେଳେ ପ୍ରଭୁଙ୍କର ସ୍ଥୂଳଦେହ ଭିନ୍ନ ସୂକ୍ଷ୍ମସତ୍ତାରେ ଭକ୍ତର ପ୍ରେମ କେନ୍ଦ୍ରୀଭୂତ, ଘନୀଭୂତ ଓ ଦୃଢ଼ୀଭୂତ ହୋଇଯାଏ । ତେଣିକି ଜୀବନର ସର୍ବଶ୍ରେଷ୍ଠ ଆନନ୍ଦ-ପ୍ରେମାନନ୍ଦ ଲାଭକରି ଭକ୍ତ ଭଗବାନ ଠାକୁରଙ୍କୁ ଧରି ସୂକ୍ଷ୍ମସ୍ୱତନ୍ତ୍ରୀୟ ପ୍ରେମାଭକ୍ତିରେ ତନ୍ମୟ ହୋଇ ତଲ୍ଲୀନ ହୋଇଯାଏ ।

ଯଦବା କେବେ କୌଣସି ନା କୌଣସି କାରଣରୁ ଏହି ତନ୍ମୟତା ବା ତଲ୍ଲୀନତା କ୍ଷୁର୍ଣ୍ଣ ହେଲେ, ଭଣା ପଡ଼ିଗଲେ, ଭକ୍ତ ଉନ୍ମାଦପ୍ରାୟ ପାଗଳ ହୋଇଯାଏ, ବାଟାଳ ହୋଇଯାଏ । ଏପ୍ରକାର ପାଗଳ ଓ ବାଟାଳ ଅବସ୍ଥାରେ ଅବସାନ ଘଟିଲେ, ଭକ୍ତ ଆପଣାର ବୋଧଶକ୍ତି ବଳରେ ଆପଣାର ସ୍ନାୟୁମଣ୍ଡଳ ଓ କୋଷ ସମୂହ ଉପରେ ନିୟନ୍ତ୍ରଣ ଜାରି ରଖି ଶାନ୍ତହୁଏ । ଶାନ୍ତ ରସରୁ ପୁନର୍ବାର ପ୍ରେମଭାବର ପୁନର୍ବିନ୍ୟାସ ହୁଏ । ଭକ୍ତ ପୂର୍ବର ମଧୁମୟ ପ୍ରେମାନୁରାଗ ଲାଭକରେ । ପ୍ରେମ ସାଧନର ସ୍ୱରୂପ ଏହାହିଁ । ବିଭୁପ୍ରେମର ମହତ୍ତ୍ୱ ହିଁ ଏହା । ଏହା ଏକ ପ୍ରକାର ଭାବଘନ ଅବସ୍ଥା । କହିବାକୁ ଗଲେ ଭକ୍ତର ଏହା ପ୍ରେମ ସମାଧି ଅବସ୍ଥା ।

ଉତ୍ତମ ସୁଜ୍ଞଜନ ଭାଷା ।
ପ୍ରାଣୀରେ ନ ଧରନ୍ତି ହିଂସା ।।
ବିବେକୀ ଅଟନ୍ତି ସେ ଜନ ।
କୁଟିଳେ ନ ଦିଅନ୍ତି ମନ ।।

# ଜିଜ୍ଞାସା : ଜିଜ୍ଞାସୁ

*ଆର୍ତ୍ତୀର ଆର୍ତ୍ତି, ଅର୍ଥାର୍ଥୀର ଅର୍ଥକାମନା, ଜିଜ୍ଞାସୁର ଜିଜ୍ଞାସା ଏବଂ ସର୍ବୋପରି ଜ୍ଞାନୀର ଜ୍ଞାନ ଭଗବାନ ଠାକୁରଙ୍କୁ ସମାନ ଭାବରେ ସନ୍ତୋଷ ପ୍ରଦାନ କରିଥାଏ- ଏହା ଶାସ୍ତ୍ରୋକ୍ତ ତତ୍ତ୍ୱ । ଏହି ତାତ୍ତ୍ୱିକ ତଥ୍ୟ ଉପରେ ପର୍ଯ୍ୟବେସିତ ''ଚରମ'' ପୃଷ୍ଠାରେ ନିୟମିତ ଧାରାବାହିକ ରୂପେ ସ୍ଥାନିତ ''ଜିଜ୍ଞାସା: ଜିଜ୍ଞାସୁ:'' । ''ଜିଜ୍ଞାସା: ଜିଜ୍ଞାସୁ'' ଶୀର୍ଷକରେ ଜିଜ୍ଞାସୁ ଭକ୍ତ ପ୍ରବର ଦିବଂଗତ ଯତୀଶ ଦା'ଙ୍କର ଠାକୁରଙ୍କ ସହିତ ଆଧ୍ୟାତ୍ମିକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମର ଧାରାବିବରଣୀ ପରିବେଷଣ କରାଯାଉଅଛି । ଆଧ୍ୟାତ୍ମିକ ଜ୍ଞାନ ଆହରଣର ଏହା ସର୍ବୋତ୍ତମ ମାଧ୍ୟମ ବୋଲି ଆମର ବିଶ୍ୱାସ । ''ଚରମ''ର ଅଗଣିତ ଗ୍ରାହକ/ଗ୍ରାହିକା, ପାଠକ/ପାଠିକା ଏହି ସ୍ତମ୍ଭରୁ ଅଧ୍ୟାତ୍ମ ଜ୍ଞାନାମୃତ ଆସ୍ୱାଦନ କରି ପାରିଲେ ଆମର ଶ୍ରମ ସାର୍ଥକ ହେବ । ପୂର୍ବାନୁଶ୍ରୁତିରୁ ଏ ପାଖୁଡ଼ାରେ ଦଣମୋଦକର 'ପଦବୀ ଲାଳସା' ସମ୍ପର୍କରେ କିଞ୍ଚିତ୍ ଆଲୋଚନା ପ୍ରସଙ୍ଗ ପଦ୍ରସ୍ଥ-*

ପ୍ରଶ୍ନ : ନିଜର ମର୍ଯ୍ୟାଦାକୁ ଛୋଟ ମନେ କରି, ଅନ୍ୟର ମର୍ଯ୍ୟାଦାକୁ ବଡ଼ମନେ କରିବା ଆଶାୟୀ ପ୍ରବୃତ୍ତିର ସ୍ୱାଭାବିକ ଧର୍ମ ଏହାର ଲାଭ କ୍ଷତିର ହିସାବ ଅଛି କି ?

ଠାକୁର : ଲାଭ କ୍ଷତିର ହିସାବ ନଥିଲେ ଚର୍ଯ୍ୟା ହେବ କିପରି ? ଚର୍ଯ୍ୟାର ଅର୍ଥ ଲାଭ କ୍ଷତିର ହିସାବ ଜାଣିବା ।

ପ୍ରଶ୍ନ : ତାହା ହେଲେ ଲାଭ କ୍ଷତିର ହିସାବ ନିଶ୍ଚୟ ଅଛି । କିନ୍ତୁ ଆଶାୟୀ ପ୍ରବୃତ୍ତି ଦ୍ୱାରା ଆମର ଲାଭ କ'ଣ ହୁଏ ?

ଠାକୁର : ଆଶା ମଣିଷର ଶିକ୍ଷା ମାନକୁ ବୃଦ୍ଧିକରାଏ । ଆଗକୁ ଯିବାପାଇଁ ଉଦ୍ଦୀପନା ଓ ତତ୍ପରତା ସୃଷ୍ଟି କରାଇ ପ୍ରେରଣା ଯୋଗାଇଥାଏ, ଏହାଦ୍ୱାରା ଆଶାୟୀ ପ୍ରବୃତ୍ତି ଆଗକୁ ଆଗକୁ ଯାଇ ଉନ୍ନତ ଓ ଊର୍ଦ୍ଧ୍ୱଗାମୀ ଜ୍ଞାନର କୌଶଳ ଓ ବିଜ୍ଞାନକୁ ଜାଣିବା ପାଇଁ ଅତୁଟ ଚେଷ୍ଟା ଏବଂ ଉଦ୍ୟମ କରିଥାଏ । ଏହି ଚେଷ୍ଟା ବ୍ୟକ୍ତି କୈନ୍ଦ୍ରିକ ନହୋଇ ଜଗତ କଲ୍ୟାଣାର୍ଥେ ଉଦ୍ଦିଷ୍ଟ । ବ୍ୟକ୍ତି କୈନ୍ଦ୍ରିକ ଚେଷ୍ଟାଦ୍ୱାରା ବ୍ୟକ୍ତିଗତ କ୍ଷତି ହେଲେ ମଧ୍ୟ ଜଗତ କଲ୍ୟାଣ ସମ୍ଭବ ହୋଇଥାଏ ।

ପ୍ରଶ୍ନ : କିପରି ?

ଠାକୁର : କିପରି କ'ଣ ?

ପ୍ରଶ୍ନ : ବ୍ୟକ୍ତି କୈନ୍ଦ୍ରିକରେ କ୍ଷତି କିପରି ହୁଏ ?

ଠାକୁର : ବନ୍ଧୁକ ତିଆରି ହୋଇଛି ଦେଶକୁ ଶତ୍ରୁ କବଳରୁ ରକ୍ଷା କରିବାପାଇଁ । ଏଣୁ ବନ୍ଧୁକ ଦେଶପାଇଁ ଉଦ୍ଦିଷ୍ଟ । ତୁମେ ଯଦି ତାକୁ ବ୍ୟକ୍ତିସ୍ୱାର୍ଥ ପାଇଁ ବ୍ୟବହାର କରି ଡ଼କାୟତି କର, ତାହା ହେଲେ ଲାଭ ହେବ ନା କ୍ଷତି ହେବ ? ଧରା ପଡ଼ିଗଲେ କ୍ଷମା ଅଛିତ ?

ପ୍ରଶ୍ନ : ଏହି ଆଶାୟୀ ପ୍ରବୃତ୍ତି, ମଣିଷର ସ୍ୱାଭାବିକ ଧର୍ମରୁ ଉତ୍ପତ୍ତି ନା ମଣିଷର ନିଜ ସୃଷ୍ଟ ?

ଠାକୁର : ସ୍ୱାଭାବିକ ଧର୍ମର ଅର୍ଥ ତମେ କ'ଣ ବୁଝ ?

ଜିଜ୍ଞାସୁ : ସ୍ୱାଭାବିକ ଧର୍ମର ଅର୍ଥ ଆମେ ଏହାହିଁ ବୁଝୁ ଯାହା ମଣିଷର ଜନ୍ମ ସାଥେ ସାଥେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟିହୋଇ ତା ସାଙ୍ଗରେ ଆସିଥାଏ ।ଯେମିତି ମଣିଷ ସହିତ ତାର ଆଖି, ନାକ, କାନ, ପାଟି ଆସିଥାଏ, ସେହିଭଳି ଏହି ପ୍ରବୃତ୍ତି ମଣିଷର ଜନ୍ମ ସାଥେ ସାଥେ ବିଧାତା ଦ୍ୱାରା ସୃଷ୍ଟି ହୋଇ ସ୍ୱାଭାବିକ ଧର୍ମ ହିସାବରେ ତା ସାଥିରେ ଆସିଥାଏ କି ?

ଠାକୁର : ଆଉ ନିଜର ସୃଷ୍ଟ ବୋଲି କ'ଣ ବୁଝ ?

ଜିଜ୍ଞାସୁ : ଯେପରି ଈଶ୍ୱରଙ୍କ ସୃଷ୍ଟ ମଣିଷ ଜଠରରେ ଥିବା ଜଠରାଗ୍ନି ଯେକି ଖାଦ୍ୟ ଖୋଜେ । ଆଉ ମଣିଷ ଏହି ଅଗ୍ନିକୁ ନିର୍ବାପିତ କରିବା ପାଇଁ ଯେପରି ନାନା ପ୍ରକାର ଖାଦ୍ୟ ତିଆରି କରେ । ଏଣୁ କ୍ଷୁଧା ଈଶ୍ୱରଙ୍କ ସୃଷ୍ଟ । ଖାଦ୍ୟ ପ୍ରକାର ଭେଦରେ ମଣିଷର ସୃଷ୍ଟ ।

ଠାକୁର : ଏହି ଆଶାୟୀ ପ୍ରବୃତ୍ତି ମଣିଷ ସୃଷ୍ଟ କି ଈଶ୍ୱରଙ୍କ ସୃଷ୍ଟ ଏ ପ୍ରଶ୍ନ ପଚାରିବାର ତାତ୍ପର୍ଯ୍ୟ କ'ଣ ?

ଜିଜ୍ଞାସୁ : ଠାକୁରେ ! ଆମେ ତ ଅଜ୍ଞ । ଆପଣ ସବୁବେଳେ ଉତ୍ତର ରୋକଠୋକ୍ ଦିଅନ୍ତି । ଏ ପ୍ରଶ୍ନରେ ମୋଡ଼ ଦେଇ ଆମକୁ ପ୍ରଶ୍ନ କରିବାର ଉଦ୍ଦେଶ୍ୟ କ'ଣ ?

ଠାକୁର : ଆମର ଉଦ୍ଦେଶ୍ୟ ତୁମର ଅଭିସନ୍ଧି ଜାଣିବା ।

ଜିଜ୍ଞାସୁ : ଠାକୁରେ, ଆମେତ ମଣିଷ କର୍ମ କଷଣ ଭୀରୁ । ଏଣୁ ଦୋଷମୁକ୍ତ ହୋଇ ଖସିବାକୁ ଚାହୁଁଛୁ ।

ଠାକୁର : କିପରି ?

ଜିଜ୍ଞାସୁ : ଯଦି ଆଶାୟୀ ପ୍ରବୃତ୍ତି ଈଶ୍ୱର ସୃଷ୍ଟ ତାହା ହେଲେ ଆମର କିଛି ଦୋଷ ନାହିଁ । କାରଣ ପ୍ରବୃତ୍ତି ତା'ର ଧର୍ମ ସ୍ୱାଭାବିକ ପାଳନ କରିବ । ଏଥିରେ ଆମର ଦୋଷ କ'ଣ ? ସବୁ ସେହି ବିଧାତାର । ଆଉ ଯଦି ଆମର ସୃଷ୍ଟ ତାହା ହେଲେ ଆମେ ଦୋଷୀ ହେବୁ, ଉଦ୍ଧାର କରିବେ ଆପଣ ।

ଠାକୁର : (ଟିକିଏ ହସି) ଯଦି ତମେ ମାନେ ଖସିଯିବାକୁ ଚାହଁ ତାହା ହେଲେ ଶିଉଳିରେ ପାଦ ଦେବାକୁ ହେବ । ବିନା ଶିଉଳିରେ ତ ପାଦ ଖସେନା । ଆଉ ଥରେ ଶିଉଳି ଚଟାଣରେ ପାଦ ଖସିଲେ ଆଉ ଉଠି ହୁଏନା ଯେ !

ଜିଜ୍ଞାସୁ : ସେଥିପାଇଁ ତ ମୁଁ କହିଛି ଗୋଡ଼ ଖସିବ ଆମର ଆଉ ଉଦ୍ଧାର କରିବେ .....

ଠାକୁର : ତୁମର ପ୍ରଶ୍ନ କ'ଣ ଥିଲା ? ଆଶାୟୀ ପ୍ରବୃତ୍ତି ମଣିଷର ସହଜାତ ନା ସୃଜନ ଶକ୍ତିରେ ଗଠିତ ପ୍ରବୃତ୍ତି ବୋଲି ନା ?

ଜିଜ୍ଞାସୁ : ହଁ ଆଜ୍ଞା, ଠିକ୍ ସେଇଆ ।

ଠାକୁର : ପୁରୁଷ ପ୍ରକୃତିର ସଂଯୋଗରେ ପଞ୍ଚଭୂତ ପଞ୍ଚୀ କରଣ ହୋଇ ଯେଉଁ ପଦାର୍ଥ ଜନ୍ମନିଏ ତାହାକୁ ଚିତ୍ତ ବୋଲି ବୁଝ । ଏହି ଚିତ୍ତ ମାତୃଗର୍ଭରେ ଶରୀର ନିର୍ମାଣ କରି ସେହି ଶରୀର ସ୍ଥିତ ମୁଣ୍ଡରେ ରହି ବା ମସ୍ତିଷ୍କ ନାମରେ ସମସ୍ତ ବିଷୟକୁ ଆକର୍ଷଣ କରି ବିଷୟର ଚୈତନ୍ୟ ଉଦୟକରାଏ । ଏହି ପଞ୍ଚୀକୃତ ଚିତ୍ତ ସତ୍ତ୍ୱଜ୍ଞାନ ସ୍ୱଭାବ ଯୁକ୍ତ ଅଟେ । ଯେତେବେଳେ ସତ୍ତ୍ୱଜ୍ଞାନ ସ୍ୱଭାବ ଯୁକ୍ତ ଚିତ୍ତରେ ରଜ ଓ ତମଗୁଣ ଏ ଦୁହିଁଙ୍କର ମିଳନ ହୁଏ । ତହିଁର ପ୍ରତିକ୍ରିୟାସ୍ୱରୂପ ଏକ ସୃଜନ ଶକ୍ତି ଉତ୍ପନ୍ନ ହୋଇ ବିଷୟର ଐଶ୍ୱର୍ଯ୍ୟ ପ୍ରାପ୍ତିର ଆକାଂକ୍ଷା କରି ଆଶା ସୃଷ୍ଟି କରେ । ଏହି ଆଶା ଅନ୍ୟର ଐଶ୍ୱର୍ଯ୍ୟକୁ ଦେଖି ପ୍ରାପ୍ତିର ଆଶାବାଦୀ ହେବା ସଂଗେ ସଂଗେ ଏକ ପ୍ରକାରର ଦାହ ଅର୍ଥାତ୍ ଅନ୍ତରରେ ପ୍ରଚଣ୍ଡ କ୍ଷୋଭ ଜାତ କରାଏ । ଏହି କ୍ଷୋଭର ଅନ୍ୟନାମ ଈର୍ଷା ଏବଂ ଏହା ଚିତ୍ତର କାଳିମା ବା କଳୁଷ ଅଟେ ।

ଜିଜ୍ଞାସୁ : ତାହେଲେ ଚିତ୍ତରେ ରଜଗୁଣ ଓ ତମ ଗୁଣ ପ୍ରଭାବରୁ ଯେଉଁ ସୃଜନୀ ଶକ୍ତି ସୃଷ୍ଟି ହୁଏ ତହିଁରୁ ଦୁଇଟି ପ୍ରବୃତ୍ତି ଅର୍ଥାତ୍ ଐଶ୍ୱର୍ଯ୍ୟକୁ ଦେଖି ପ୍ରାପ୍ତିର ଆଶା ଏବଂ କ୍ଷୋଭ ରୂପୀ ଅର୍ନ୍ତଦାହ ସୃଷ୍ଟି କରେ । ଏହି କ୍ଷୋଭ ରୂପୀ ଅର୍ନ୍ତଦାହ କ'ଣ ?

ଠାକୁର : ପରର ଗୁଣାବଳୀ ଓ ଐଶ୍ୱର୍ଯ୍ୟକୁ ଦେଖିଲେ ତୁମ ଅନ୍ତରରେ, କ'ଣ କ୍ଷୋଭ ସୃଷ୍ଟି ହୁଏନା ।

ଜିଜ୍ଞାସୁ : ହଁ ହୁଏ ।

ଠାକୁର : ପୁଣି ସେହି ପ୍ରକାର ଐଶ୍ୱର୍ଯ୍ୟକୁ ପାଇବା ପାଇଁ ଆଶାରୂପୀ ଆକାଂକ୍ଷା କ'ଣ ସୃଷ୍ଟି ହୁଏନା ?

ଜିଜ୍ଞାସୁ : ହଁ ହୁଏ, ତାହାହେଲେ ଦୁଇଟି ଯାକ ଠିକ୍ ।

ଠାକୁର : ହଁ ଅନ୍ୟର ଐଶ୍ୱର୍ଯ୍ୟକୁ ଦେଖି ଲାଳାୟୀତ ହେବା ଏବଂ କ୍ଷୋଭରୁ ପଦବୀରେ ଥିବା ଐଶ୍ୱର୍ଯ୍ୟକୁ ବିପର୍ଯ୍ୟସ୍ତ କରିବା ଏହି ଦୁଇଟି କାମ ଗୋଟିଏ ପ୍ରକ୍ରିୟାରୁ ହିଁ ସୃଷ୍ଟ ।

ଜିଜ୍ଞାସୁ : ଗୋଟିଏ ତୀରରେ ଦୁଇଟି ଶିକାର ମଙ୍ଗଳ ଆଉ ଅମଙ୍ଗଳ । ସେହିପରି ଆଉ ଗୋଟିଏ ତୀରରେ ଏହି ଦୁହିଁଙ୍କୁ ଶିକାର କରିବାର ଉପାୟ କିଛି ଥିବ ନିଶ୍ଚୟ ।

ଠାକୁର : କାରଣ ଥିଲେ କାର୍ଯ୍ୟ ଅଛି । କାର୍ଯ୍ୟ ଥିଲେ କାରଣ ମଧ୍ୟ ଅଛି ।

ଜିଜ୍ଞାସୁ : ତାହେଲେ ଉପାୟଟି କ'ଣ ?

ଠାକୁର : ଉପାୟଟି ଅତି ସହଜ ।

ଜିଜ୍ଞାସୁ : କିପରି ?

ଠାକୁର : ଅନ୍ୟର ଐଶ୍ୱର୍ଯ୍ୟକୁ ନିଜେ ପ୍ରାପ୍ତ ନ ହୋଇ ନିଜର ବୋଲି କହି ଅନ୍ୟର ଐଶ୍ୱର୍ଯ୍ୟକୁ ଶ୍ରଦ୍ଧା କରିବା ।

ଜିଜ୍ଞାସୁ : ଏହା କିପରି ସମ୍ଭବ ।

ଠାକୁର : ଅସମ୍ଭବ କ'ଣ ?

ଜିଜ୍ଞାସୁ : ଅନ୍ୟର ଗୁଣାବଳି ଓ ସଂପଦକୁ ନିଜର କହି ତାକୁ ଶ୍ରଦ୍ଧା କରିବା ଜଗତରେ କାହାର ହୋଇଛି ନା ଆମର ହେବ ? କଥା ଅଛି 'ପୋଥିଗତ ବିଦ୍ୟା, ପରହସ୍ତ ଧନ' ଏ କ'ଣ କାମରେ ଲାଗିବ ? ଅନ୍ୟର ଗୁଣ ସମ୍ପଦ ମୋର କେଉଁ କାମରେ ଲାଗିବ ? ଅନ୍ୟର ଧନ, ମାନ, ସମ୍ଭ୍ରାନ୍ତ ପ୍ରତିପତି ମର୍ଯ୍ୟାଦାକୁ ନିଜର ମନେ କରି ଗର୍ବିତ ହେବ, କିପରି ସମ୍ଭବ ? ଏ କେଉଁ ନ୍ୟାୟ ?

ଠାକୁର : ଏପରି ନ୍ୟାୟ ତୁମେ ମାନେ କ'ଣ ଅଙ୍ଗେ ଲିଭାଉ ନାହଁ ? ଅନ୍ୟର ଐଶ୍ୱର୍ଯ୍ୟକୁ ନିଜର କହିବାର ସୃଜନୀ ଶକ୍ତି ତୁମମାନଙ୍କ ଭିତରେ ଅଛି । ସୃଜନୀ ଶକ୍ତିକୁ କାର୍ଯ୍ୟରେ ଲଗାଇ ଅନ୍ୟର ଗର୍ବ, ଐଶ୍ୱର୍ଯ୍ୟରେ ନିଜକୁ ଗର୍ବିତ ଓ ଐଶ୍ୱର୍ଯ୍ୟ ଶାଳୀ ମନେ କରି ଗର୍ବିତ ହେଉ ଅଛ । ପ୍ରତିମୁହୂର୍ତ୍ତରେ ଯେପରି ନିଜର ରୋଜଗାର ନଥାଇ ପୁଅର ରୋଜଗାରକୁ ନିଜର ମନେ କରି ଗର୍ବିତ ହେବା । ସେହିପରି ପୁତ୍ରର ବଳ, ଜାତୀୟ କବି, ଦେଶ ନେତା, ଗ୍ରାମର ଧନୀ, ଶିଳ୍ପୀ, ନୃତ୍ୟ, ସଂଗୀତ, କଳାକାର, ଖେଳାଳି, ବୁଦ୍ଧିଜୀବି ମାନଙ୍କର ଗର୍ବରେ, ଐଶ୍ୱର୍ଯ୍ୟରେ ଯେପରି ଗର୍ବିତ ହୋଇ କହିଥାଅ-ଆମର ନେତା, ଆମର କବି, ଆମର ଶିଳ୍ପୀ, ଆମ କଳାକାର, ଆମ ଖେଳାଳି ଇତ୍ୟାଦି । ଏହିପରି ଗର୍ବ ତୁମେମାନେ କରି ନଥାଅ ?

ଜିଜ୍ଞାସୁ : ହଁ ଆଜ୍ଞା, କରିଥାଉଁ ।

ଠାକୁର : ତୁମ ଭିତରେ ଯଦି ଏହିପରି ସୃଜନୀ ଶକ୍ତି ନଥାଆନ୍ତା ତାହେଲେ ଅନ୍ୟର ସମ୍ପଦକୁ ନିଜର କହି ଗର୍ବିତ ହେବାର ନ୍ୟାୟ ଦର୍ଶାଯାଆନ୍ତା ନାହିଁ ।

ସଂଘୀୟ ଚର୍ଯ୍ୟାରେ ଯେଉଁ ପଦ ପଦବୀ ଅଛି ସେହି ପଦବୀରେ ପଦାଧିକାରୀଙ୍କର ଗୁଣାବଳି ମାନ, ମର୍ଯ୍ୟାଦା ପ୍ରତି ଶ୍ରଦ୍ଧା ଭାବ ତୋଳିଲେ ସୃଜନୀ ଶକ୍ତିରୁ ସୃଷ୍ଟି ହେଉଥିବା କ୍ଷୋଭ ସତ୍ତ୍ୱଗୁଣର ପ୍ରଭାବରେ ଶ୍ରଦ୍ଧାରେ ପରିଣତ ହୋଇଯାଏ । ଭାବ ତୋଳିବା ଅସଲ କଥା ।

ଜିଜ୍ଞାସୁ : ଭାବ ତୋଳି ହୁଏନା କାହିଁକି ?

ଠାକୁର : ତୋଳି ହୁଏ କିନ୍ତୁ ବୋଧ ଅଭାବରୁ ଧରି ହୁଏନାହିଁ । ଭାବ ଆସେ ବାନ୍ଧି ହୁଏ ନାହିଁ । ସବୁ ହୁଏ କିଛି ହୁଏନା ।

ଜିଜ୍ଞାସୁ : କାହିଁକି ?

ଠାକୁର : ସବୁରି ମୂଳରେ ସେହି ଗୋଟିଏ କଥା । ଗୁରୁକୃପା ।

ଜିଜ୍ଞାସୁ : ତାହେଲେ ତ କଥା ଆପଣଙ୍କ ଆଡ଼େ ।


ଠାକୁର : କଥାଟା ସିନା ଆମ ଆଡ଼େ । କାମଟା କିନ୍ତୁ ତୁମ ଆଡ଼େ ।

ଜିଜ୍ଞାସୁ : ସଂଘୀୟ ଚର୍ଯ୍ୟାରେ ପଦବୀର ଲାଳସାପାଇଁ ନିଷ୍ପତ୍ତି କ'ଣ ?

ଠାକୁର : ଭାବର ଅନ୍ତର ପାନ୍ତର କରିପାରିଲେ ହେଲା । ଭାବରେ ସବୁଗଡ଼ା, ଭାବର ଉଠାଣି, ଭାବର ଗଡ଼ାଣିରେ ଗତି କରି ସ୍ଥିର ରହି ପାରିଲେ ସବୁ ଅନୁଭବ କରି ପାରିବ ।

+++

# ସମ୍ଭବାମି ଯୁଗେ ଯୁଗେ
# ରଙ୍ଗବେଦୀ



''ପଞ୍ଚଭୂତ ଦେହଧରି ପ୍ରଭୁ ଭଗବାନ ।
ମାନବଲୀଳା ରଚନ୍ତି ଦେବ ନାରାୟଣ ।।
ଜନନୀ ଜଠର ଜରାୟୁକୁ ଆଶ୍ରା କରି ।
ଧରାଧାମେ ସଂଗୋପନେ ଥା'ନ୍ତି ଅବତରି ।।
ମାତୃ ଗରଭର ଅନୁଭୂତି ଗାଥାମାନ ।
ପ୍ରଚରି ଅଛନ୍ତି ସୁଖେ, କର ଆସ୍ୱାଦନ ।।

**ଜନନୀ: ଜଠର: ଜରାୟୁ !!!**

*ପରମ କୃପାଳୁ ଭଗବାନ ଠାକୁରଙ୍କର ଲୀଳାର ନା ଅଛି ଆଦି, ନା ଅଛି ଅନ୍ତ । ଅନାଦି ଅନନ୍ତ ଚରମ ପୁରୁଷଙ୍କର ଚରମ ଲୀଳା ରହସ୍ୟ କିଏ ବା ଉନ୍ମୋଚନ କରିପାରେ ? ସ୍ୱୟଂ ମହାପ୍ରଭୁ କରୁଣା ଓ କଲ୍ୟାଣର ଅବତାର । ସ୍ୱୟଂ ନିଜେ ନିଜ ଲୀଳାର ରହସ୍ୟ ଉଦ୍‌ଘାଟନ କରନ୍ତି - ''ଚରମ'' ପୃଷ୍ଠାରେ ''ସମ୍ଭବାମି ଯୁଗେ ଯୁଗେ'' ସ୍ତମ୍ଭରେ, ''ଜନନୀ ଜଠର ଜରାୟୁ' ଶୀର୍ଷକରେ । ମାତୃଗର୍ଭରେ ବିନ୍ଦୁ ସ୍ଥାପନ ମୁହୂର୍ତ୍ତରୁ ଏହି ସ୍ତମ୍ଭରେ ପ୍ରଭୁ ସ୍ୱୟଂ ଆପଣାର ଦିବ୍ୟ ଭଗବଦ୍ ଅନୁଭୂତି ପ୍ରକାଶ କରିଚାଲିଛନ୍ତି । ସକଳ ଜୀବ ପାଇଁ ଏହା ସତ୍ୟ, ତ୍ରିକାଳରେ ଏହା ନିତ୍ୟ ଏବଂ ଯୁଗଯୁଗାନ୍ତର ପାଇଁ ଶାଶ୍ୱତ ଏବଂ ସନାତନ, ଚିର ନବୀନ, ଚିର ନୂତନ, ମଧୁର, ମନୋଜ୍ଞ ଓ ମନୋରମ ।ଯୁଂସାନ୍, ଏହା ପାଠ କରି ଅମରପୁରର ଅମୀୟ ସୁଧାରସ ପାନ କରି ଧନ୍ୟ ହୁଅ । ଜୀବନ ଓ ଜନ୍ମକୁ ସଫଳ ଏବଂ ସାର୍ଥକ କରି ତୋଳ । ଏତିକି କାମନା ।।*

**''ଚରମ'': ପଞ୍ଚମପୁଷ୍ପ: ଚତୁର୍ଥ ପାଖୁଡ଼ା: ତ୍ରୟୋବିଂଶ ସଂଖ୍ୟା ଅନୁଶ୍ରୁତିରୁ :**

## (୪୦) ରଜ୍ଜୁ ଗୁର୍ଜ୍ଜରୀ କୋଷ :

### (୯) ପ୍ରତିଶୋଧ ପରାୟଣ, ଦୃଢ଼ ସଂକଳ୍ପକୁ ମାର୍ଗ ଦର୍ଶନ :

ଉକ୍ତ ରଜ୍ଜୁଗୁର୍ଜ୍ଜରୀ କୋଷ ଜୀବର ପରମବନ୍ଧୁ ହୋଇ ଉର୍ଦ୍ଧ୍ୱମୁଖୀ ହେବାକୁ ଯେତିକି ସାହାଯ୍ୟ କରେ, ଶତ୍ରୁ ଭାବାପନ୍ନ ହୋଇ ପତନ ଅବସ୍ଥା ପ୍ରାପ୍ତ କରାଇବାକୁ ସେତିକି ପ୍ରେରଣା ଯୋଗାଇଥାଏ । ପୂର୍ବରୁ ଆଲୋଚନା କରାଯାଇଛି ଯେ, କୋଷଟି ଯେତେବେଳେ ବାହୁକ ନାଦ ସଂସ୍ପର୍ଶରେ ରହିଥାଏ, ସେତେବେଳେ ଜୀବ ଯଦି ନିଦ୍ରାଯାଏ, ତେବେ ନିଦ୍ରାରେ କେବଳ ପ୍ରତିହିଂସା ପରାୟଣ ହୋଇ ଅନ୍ୟର (ଶତ୍ରୁର) ଅନିଷ୍ଟ ଚିନ୍ତା ସଂପର୍କିତ ସ୍ୱପ୍ନ ଦେଖେ । ଅଧିକ ସମୟ ଉକ୍ତ ମିଳନ କ୍ରିୟା ସଂଗଠିତ ହୋଇ ରହିଲେ ଜୀବ ଜାଗ୍ରତ ଅବସ୍ଥାରେ ମଧ୍ୟ ସେହି ଭାବରେ ପ୍ରଭାବିତ ହୋଇଯାଏ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ଅନ୍ୟଏକ ବ୍ୟକ୍ତି ପ୍ରତି ଅନ୍ୟାୟ ଆଚରଣ କଲେ କିମ୍ବା କୌଣସି କ୍ଷତି ଘଟାଇଲେ: ଘଟଣା ଘଟିବା ସମୟରେ

ରଜ୍ଜୁଗୁର୍ଜ୍ଜରୀ ଯଦି ଏକାକୀ ରହିଥାଏ, ତେବେ ସେତେବେଳେ ଜୀବ ସ୍ୱାଭାବିକ ଅବସ୍ଥାରେ ରହେ; କିନ୍ତୁ ମନରେ ଦୁଃଖ ପାଏ । ସଂଗଠିତ ହୋଇଥିବା ଘଟଣା ଉପରେ ଗଭୀର ଭାବରେ ଚିନ୍ତାକରି ତାହାର କାରଣ, ପ୍ରତିକାରର ପଥ ଅନ୍ୱେଷଣ କରିଚାଲେ । ବିମର୍ଷତା ସେତେବେଳେ ତାର ମୁଖ୍ୟ ସହଚର ହୋଇଥାଏ । ଅଘଟଣ ଘଟାଇଥିବା ବ୍ୟକ୍ତିଙ୍କ ପ୍ରତି ମନରେ କ୍ରୋଧ ଆସେ, ଘୃଣାଭାବ ଜାଗ୍ରତ ହୁଏ । ତାଙ୍କଠାରୁ ନିଜକୁ ପୃଥକ କରି ଯଥେଷ୍ଟ ବ୍ୟବଧାନରେ ରହିବାର ଇଚ୍ଛା ପ୍ରକଟିତ ହୁଏ, ଏପରିକି ତାଙ୍କ ସହ ମୌଖିକ ଆଲୋଚନା କରିବାର ଆଗ୍ରହ ମଧ୍ୟ ହୁଏ ନାହିଁ । ଏପରି ଏକ କୃତଘ୍ନ ବ୍ୟକ୍ତିସହ ଥିବା ସଂପର୍କକୁ ପୁନଃ ପୁନଃ ପର୍ଯ୍ୟାଲୋଚନା କରି ଅନୁତପ୍ତ ହେଉଥାଏ । କିନ୍ତୁ ପ୍ରତିହିଂସା ପରାୟଣ ହୋଇ ପାରେନାହିଁ କିମ୍ବା ତାଙ୍କର କୌଣସି କ୍ଷତି ସାଧନ କରିବାର ଆକାଂକ୍ଷା ଆଣିପାରେ ନାହିଁ । ଅନେକ ସମୟ ଏହି ପର୍ଯ୍ୟାୟରେ ରହିଗଲେ କ୍ରମଶଃ ବୋଧଶକ୍ତିର ପ୍ରଭାବରେ ପ୍ରଭାବିତ ହୋଇ କ୍ଷମାଗୁଣ ଉଦ୍ରେକ ହୋଇଯାଏ ଏବଂ ଆତ୍ମିକ ସ୍ତରରେ କ୍ଷମା ପ୍ରଦାନ କରି ଘଟିଯାଇଥିବା ଅଭାବନୀୟ କ୍ଷତ ନିର୍ବାପିତ ହୋଇଯାଏ । ମାତ୍ର ମାନସିକ ସ୍ତରର ଉକ୍ତ ଅସନ୍ତୁଳନ ଅବସ୍ଥାରେ ରଜ୍ଜୁଗୁର୍ଜ୍ଜରୀ ଯଦି ବାହୁକ ନାଦ ସହ ଏକତ୍ର ହୋଇଯାଏ, ତେବେ ଜୀବ ତା'ର ସମସ୍ତ ଭାରସାମ୍ୟ ହରାଇଦିଏ । ବୋଧଶକ୍ତି ସଂପୂର୍ଣ୍ଣ ଲୋପ ପାଇଯାଏ । କ୍ରୋଧର ବଶୀଭୂତ ହୋଇ ଅତ୍ୟନ୍ତ ପ୍ରତିହିଂସା ପରାୟଣ ହୋଇ ପ୍ରତିଶୋଧ ନେବାର ସଂକଳ୍ପ କରିପକାଏ । ଯେ ପର୍ଯ୍ୟନ୍ତ ପ୍ରତିଶୋଧ ନେଇ ନ ପାରିଛି, ସେ ପର୍ଯ୍ୟନ୍ତ ଅଶାନ୍ତି ଓ ଅସହାୟତା ବୋଧରେ ଜୀବ ଜ୍ୱଳନ ଅବସ୍ଥାରେ ରହେ । ଏହି ସମୟରେ ଅପରବ୍ୟକ୍ତିର ଯଦି ଅନ୍ୟ କୌଣସି କାରଣରୁ କ୍ଷତି ହୋଇଯାଏ, ତେବେ ସେ ଖୁବ୍ ଆନନ୍ଦିତ ହୁଏ ଏବଂ କ୍ଷତିର ମାତ୍ରା ଅଧିକରୁ ଅଧିକ ହେବା ପାଇଁ କାମନା କରେ । ସେହି ଅବସ୍ଥାରେ ଶତ୍ରୁର ଦୁର୍ବଳ ମୁହୂର୍ତ୍ତ ଏବଂ ପ୍ରତିଶୋଧ ନେବାର ଉପଯୁକ୍ତ ସମୟ ଭାବି ବିଭିନ୍ନ ଉପାୟରେ ଆଘାତ କରି ସୁଖଲାଭ କରେ । ଏହାପରେ ବାହୁକ ନାଦ ନିଜର କର୍ମ ସମାପ୍ତ ହୋଇଛି ଭାବି ରଜ୍ଜୁଗୁର୍ଜ୍ଜରୀଠାରୁ ପୃଥକ ହୋଇଯାଏ । ସେତେବେଳେ ଜୀବ ତା'ର ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ଓ କୃତକର୍ମ ପାଇଁ ଅନୁତପ୍ତ ହୁଏ ।

ରଜ୍ଜୁଗୁର୍ଜ୍ଜରୀ ସହ ବାହୁକ ମିଳିତ ହୋଇ ଜୀବକୁ ଅସଂଯତ, ଉଗ୍ର କରାଉଥିବା ସମୟରେ ଯଦି ଶୃଣଭୃଙ୍ଗ ସହ ମିଳନ ହୋଇଯାଏ, ତେବେ ପରିସ୍ଥିତିର ରୂପରେଖ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯାଏ । କ୍ଷତି କରିଥିବା ବା କରାଇଥିବା ଶତ୍ରୁପ୍ରତି ଥିବା ପ୍ରତିହିଂସା ଆଭିମୁଖ୍ୟ ବଦଳିଯାଏ ଓ ଆତ୍ମ ଅନୁଶୀଳନ କରିବାର ପ୍ରେରଣା ଜାଗ୍ରତ ହୁଏ । ଯେଉଁ କାରଣ ଯୋଗୁଁ ବ୍ୟକ୍ତିଟି ଶତ୍ରୁ ହୋଇଯାଇଛି, ସେହି କାରଣ ସମୀକ୍ଷାକରି ଶତ୍ରୁପ୍ରତି ସ୍ୱତଃ କ୍ଷମା ଉତ୍ପନ୍ନ ହୋଇଯାଏ ଏବଂ ଶତ୍ରୁର ସେହି ଅବସ୍ଥା ଅନୁଧାନ କରିବାପରେ ଦୟାଭାବ ଉଦ୍ରେକ ହୋଇଯାଏ । କେବଳ ଏତିକିରେ କୋଷଟିର ଶୃଣ ସହ ଏକତ୍ର ହୋଇଥିବା ପରିବେଶର ସମାପ୍ତି ହୁଏ ନାହିଁ । ପ୍ରତିହିଂସା ନେବାପାଇଁ କରିଥିବା ଦୃଢ଼ସଂକଳ୍ପ ନିଜକୁ ମାର୍ଜିତ କରି ଶୃଙ୍ଖଳିତ ହେବାପାଇଁ ଏବଂ ପରିସ୍ଥିତିର ପୁନରାବୃତ୍ତି ନ ଘଟାଇବା ପାଇଁ ଏକ ବକ୍ର ଶପଥରେ ରୂପାନ୍ତରିତ ହୋଇଯାଏ । ସେତେବେଳେ ପ୍ରଭାବିତ ଜୀବ ପର୍ଯ୍ୟାୟକ୍ରମିକ ଭିତ୍ତିରେ ଅନ୍ତର୍ମୁଖୀ ହୋଇ ଉର୍ଦ୍ଧ୍ୱଗାମୀ ହେବାର ଉତ୍ସାହ, ଉଦ୍ଦୀପନା ଓ ପ୍ରେରଣା ପ୍ରାପ୍ତ ହୁଏ ।

ପରମାର୍ଥ ଜୀବନଯାତ୍ରା ପାଇଁ ରଜ୍ଜୁଗୁର୍ଜ୍ଜରୀ ସହ ଶୃଣ ଓ ବାହୁକ ନାଦର ମିଳନ ଏକାନ୍ତ ପ୍ରୟୋଜନ । ଘଟଣା ବହୁଳ ନିଷ୍ଠୁର ତଥା କଠୋର କର୍ମ ପ୍ରବାହରେ ପରିପୂର୍ଣ୍ଣ ପରମାର୍ଥ ପଥରେ ଅଗ୍ରଗତି ପାଇଁ ଦୃଢ଼ ସଂକଳ୍ପ ଏବଂ ଅତ୍ୟନ୍ତ ନିଷ୍ଠାର ସହ ସଂକଳ୍ପର ରକ୍ଷାକରଣ ଅପରିହାର୍ଯ୍ୟ । କିନ୍ତୁ ଏହାର ପ୍ରଧାନ ଆଧାର ରଜ୍ଜୁଗୁର୍ଜ୍ଜରୀ କୋଷ ଯେ ପର୍ଯ୍ୟନ୍ତ ଶୃଣ ଓ ବାହୁକ ନାଦ ସହ ମିଳିତ ନ ହୋଇଛି ସେ ପର୍ଯ୍ୟନ୍ତ ''ଦୃଢ଼ସଂକଳ୍ପ'' ପାଇଁ ମାର୍ଗ ପରିଷ୍କାର ହୋଇପାରିବ ନାହିଁ । ଜୀବ ବାରମ୍ବାର ''ସଂକଳ୍ପ'' କରୁଥିବ ଏବଂ ସାମାନ୍ୟ ସ୍ୱାର୍ଥହାନୀ କିମ୍ବା ପାର୍ଥିବ ସୁଖର ଆଘାତରେ ''ସଂକଳ୍ପ'' ଭଙ୍ଗ କରୁଥିବ । ଉତ୍ଥାନ ଓ ପତନ ଉଭୟର ମିଶ୍ରିତ ଅବସ୍ଥାରେ ଅନେକ ଦିନ ରହିବା ପରେ ଶେଷକୁ ଜୀବ ବିକାରଗ୍ରସ୍ତ ହୋଇଯାଏ । ନିଜପ୍ରତି ଅସହାୟ ଭାବ ଓ ଇଷ୍ଟଙ୍କ ପ୍ରତି ଅବିଶ୍ୱାସ ଭାବକୁ ଗ୍ରହଣ କରି ପରମାର୍ଥ ପଥରୁ ଅପସରି ଯାଏ । ସେଥିପାଇଁ କୌଶଳୀ

ତଥା ଚେତନଶୀଳ ଜୀବ ସାଧନସୂତ୍ର ମାଧ୍ୟମରେ ଉକ୍ତ ତିନିବନ୍ଧୁଙ୍କୁ (ରଜ୍ଜୁଗୁର୍ଜରୀ, ଶୁଣ୍ଡଭୃଙ୍ଗ ଓ ବାହୁକ ନାଦ) ସର୍ବଦା ନିଜର ଆୟତ୍ତରେ ରଖିଥାଏ ଏବଂ ନିଜର ଇଚ୍ଛାନୁସାରେ ପରିଚାଳିତ କରାଇଥାଏ । ଫଳରେ ଜଣକର ଅନୁପସ୍ଥିତିରେ ଯେଉଁ ଅସନ୍ତୁଳନ ଅବସ୍ଥା ସୃଷ୍ଟିହୁଏ, ସେ ପରିସ୍ଥିତି ନିୟନ୍ତ୍ରଣ କରାଇବାରେ ସେ ସଫଳ ହୁଏ । କୋଷ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ପ୍ରାପ୍ତି ପାଇଁ କେବଳ ସ୍ୱର ସାଧନ (ବାୟୁ ସଂଯମ, ଚାଳନ) ହିଁ ସାମର୍ଥ୍ୟ ଯୋଗାଏ । ଏହାକୁ ''ପ୍ରାଣାୟାମ'' କୁହାଯାଏ । ପ୍ରାଣାୟାମ ସାହାଯ୍ୟରେ ସ୍ୱର (ବାୟୁ) ସଂଚାଳନ କରାଇବା ଏକ ନିଶ୍ଚିତ ବିପଜ୍ଜନକ ପ୍ରକ୍ରିୟା । ଉପଯୁକ୍ତ ଗୁରୁଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ଉପଦେଶ ବିନା ''ପ୍ରାଣାୟାମ'' ସାଧନ ଜୀବକୁ ବିକଳାଙ୍ଗ, ପାଗଳ ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ନେଇଯାଏ । ପ୍ରାଣାୟାମ ସାଧନ ପାଇଁ ଉପଯୁକ୍ତ ଶରୀର, ଖାଦ୍ୟ, ପରିବେଶ ତଥା ବିଶୁଦ୍ଧ ବାୟୁ ଏକାନ୍ତ ପ୍ରୟୋଜନ ଓ ଜରୁରୀ । କିନ୍ତୁ ଦୂଷିତ ବାୟୁ, କଳୁଷିତ ପରିବେଶ ଓ ପୌରୁଷହୀନ ଶରୀରରେ ବର୍ତ୍ତମାନ ସମୟରେ ଉକ୍ତ ପ୍ରାଣାୟାମ ସାଧନ ସଂପୂର୍ଣ୍ଣ ଅସମ୍ଭବ । ତେଣୁ ଜୀବ ଉପର ଆଲୋଚିତ ତିନିସଖାଙ୍କୁ ଶରୀର ମଧ୍ୟରେ ସୂକ୍ଷ୍ମରେ ଏକତ୍ର କରାଇ ''ଦୃଢ଼ସଂକଳ୍ପ'' ଗ୍ରହଣ କରି ପରମାର୍ଥ ପଥରେ ଉତ୍କର୍ଷତା ପ୍ରାପ୍ତ ହେବା ମରିଚୀକା ସହ ସମାନ ଅଟେ ।

ଏହି ସମସ୍ତ କ୍ରିୟା ଓ କାରଣକୁ ଲକ୍ଷ୍ୟ ରଖି ସର୍ବଜ୍ଞାତା ପରମକାରୁଣିକ ଶ୍ରୀ ଗୁରୁସ୍ୱାମୀ ସାଷ୍ଟାଙ୍ଗ ପ୍ରଣାମ ଓ ଧ୍ୟାନ ବିଧି ପ୍ରଚଳନ କରାଇଛନ୍ତି । ତାଙ୍କ ପ୍ରଦତ୍ତ କର୍ମଧାରା ଯଦି ଜଣେ ନିଷ୍ଠା ଓ ଭକ୍ତିର ସହ ନିୟମିତ କରୁଥାଏ, ତେବେ ସେହି କର୍ମଧାରା ମାଧ୍ୟମରେ ଜୀବର ଅଜାଣତରେ ଶ୍ରୀଗୁରୁସ୍ୱାମୀ ତା'ର ଶରୀରରେ ସୂକ୍ଷ୍ମକ୍ରିୟା ସଂଗଠିତ କରାଇ ଆଲୋଚ୍ୟ କୋଷ ଉପରେ ନିୟନ୍ତ୍ରଣ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରାଇ ଦିଅନ୍ତି । ଶୁଣ୍ଡର ଅନୁପସ୍ଥିତରେ ରଜ୍ଜୁଗୁର୍ଜରୀ ବାହୁକ ନାଦ ସହ ମିଳିତ ହୋଇ ଜୀବକୁ ଅସନ୍ତୁଳନ ଅବସ୍ଥାକୁ ପ୍ରେରଣ କରିବା ସମୟରେ ଶ୍ରୀଗୁରୁସ୍ୱାମୀ ତାଙ୍କର ସୂକ୍ଷ୍ମକ୍ରିୟା ମାଧ୍ୟମରେ ତତ୍‌କ୍ଷଣାତ୍ ଶୁଣ୍ଡଭୃଙ୍ଗ ସହ ଏକତ୍ର କରାଇଦିଅନ୍ତି । ଫଳରେ ଜୀବର ମନରେ ଶତ୍ରୁପ୍ରତି ସୃଷ୍ଟି ହୋଇଥିବା ପ୍ରତିହିଂସା ଓ କ୍ରୋଧ ଭାବ ପରିବର୍ତ୍ତେ କ୍ଷମାଗୁଣର ଉଦ୍ରେକ ହେବା ସଂଗେ ସଂଗେ ବୋଧଶକ୍ତି ଜାଗ୍ରତ ହୋଇ ଜୀବକୁ ସର୍ବଦା ସ୍ଥିତପ୍ରଜ୍ଞ ଅବସ୍ଥାରେ ରହିବାର ପ୍ରେରଣା ଯୋଗାଇଦିଏ । ଶ୍ରୀଗରୁସ୍ୱାମୀଙ୍କର କୃପା ଓ କରୁଣାବଳରେ ଏହି ଅପ୍ରାକୃତିକ ମିଳନ ବାରମ୍ବାର ସଂଘଟନ ହେଲେ, ପର୍ଯ୍ୟାୟକ୍ରମେ କ୍ରିୟାଟି ସ୍ଥୂଳ ରୂପ ଧାରଣ କରି ଜୀବର ଅଭ୍ୟାସରେ ପରିଣତ ହୋଇଯାଏ । ଅଭ୍ୟାସ ଦୃଢ଼ ହୋଇଗଲେ ଶ୍ରୀଗୁରୁସ୍ୱାମୀଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇ କୋଷତ୍ରୟ ପରସ୍ପରପ୍ରତି ଚୁମ୍ବକୀୟ ଆକର୍ଷଣ ଶକ୍ତି ପ୍ରାପ୍ତ ହୋଇଯାଆନ୍ତି । ସେତେବେଳେ ରଜ୍ଜୁଗୁର୍ଜରୀ ବାହୁକ ନାଦ ସହ ଏକତ୍ର ହେବାମାତ୍ରେ କୃପାସିଦ୍ଧ ଚୁମ୍ବକୀୟ ଆକର୍ଷଣ ଶକ୍ତି ଦ୍ୱାରା ପ୍ରଭାବିତ ହୋଇ ଶୁଣ୍ଡଭୃଙ୍ଗ ସ୍ୱତଃ ସେମାନଙ୍କ ସହ ମିଳିତ ହୋଇଯାଏ । ତେଣୁ ଜୀବ କ୍ରୋଧ ବା ପ୍ରତିହିଂସାର ଶୀକାର ହେବାର କୌଣସି ସମ୍ଭାବନା ମଧ୍ୟ ରହେ ନାହିଁ । ଅପରପକ୍ଷରେ ପରମାର୍ଥ ଜୀବନ ପାଇଁ ଦୃଢ଼ ସଂକଳ୍ପ ନେଇ ଉଚିତ ମାର୍ଗରେ ପରିଚାଳିତ ହେବାର ସ୍ଥାୟୀ ପ୍ରେରଣା ପ୍ରାପ୍ତ ହେବା ସଂଗେ ସଂଗେ ସଂକଳ୍ପିତ ପଥରୁ ନିବୃତ୍ତ ହେବାପାଇଁ ଯେଉଁ ବିବଶତା ଆସିଥାଏ ତାହା ଅଚିରେ ଧ୍ୱଂସ ହୋଇଯାଏ ଏବଂ ଶରୀରସ୍ଥ କୋଷମାନଙ୍କ ଉପରେ ଅଖଣ୍ଡ ପ୍ରଭୁତ୍ୱ ବିସ୍ତାର କରି ଜୀବ ସେମାନଙ୍କୁ ନିଜର ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାପାଇଁ ସମର୍ଥ ହୁଏ । ନଚେତ୍ ଅଜ୍ଞାନପାଶରେ ବନ୍ଦୀ ରହି ସର୍ବଦା ସେମାନଙ୍କର ଅଧୀନସ୍ଥ ହେବା ଦ୍ୱାରା ଜ୍ଞାନପ୍ରାପ୍ତିର ସକଳ ପଥ ଅବରୁଦ୍ଧ ହୋଇଯାଇ ଦୁର୍ଲଭ ମାନବ ଜନ୍ମ ବ୍ୟର୍ଥ ହୋଇଯାଏ ।

କ୍ରମଶଃ......

# କେଶବ କୈବଲ୍ୟ କଣିକା

**ପରମକୃପାଳୁ ଠାକୁରଙ୍କର ଶ୍ରୀମୁଖରୁ ବହୁ ସମୟରେ ଦର୍ଶନ ଆନନ୍ଦରେ ନିମଜ୍ଜିତ ଭକ୍ତ ଅନୁଗତମାନଙ୍କ ସହିତ ନାନା ପ୍ରସଙ୍ଗରେ କଥୋପକଥନ ମଧ୍ୟରେ ବହୁଳ ଭାବରେ ଉପଦେଶ/ଆଦେଶ/ଆଜ୍ଞା/ଅନୁଜ୍ଞା ସମ୍ବଳିତ ବହୁତ ଅମୂଲ୍ୟ ବାଣୀ ଝରିପଡ଼େ । ଏହି ବାଣୀଗୁଚ୍ଛକୁ ସଂଗ୍ରହ କରି ଯତ୍ନର ସହିତ ସଂରକ୍ଷଣ କରାଯାଇଛି । ତନ୍ମଧ୍ୟରୁ ପର୍ଯ୍ୟାୟକ୍ରମରେ ମହାପ୍ରଭୁଙ୍କର ବାଣୀ ଏହି ସ୍ତମ୍ଭରେ ନିୟମିତ ଭାବରେ 'ଚରମ' ପୃଷ୍ଠାରେ ପରିପ୍ରକାଶ କରାଯାଉଅଛି । ତାହାହିଁ କୈବଲ୍ୟ କଣିକା । ଏହି କୈବଲ୍ୟ କଣିକାର ମଧୁର ଆସ୍ୱାଦନ କରି ଜୀବନର ସଂସାର ପଥରେ ଚଳମାନ ବ୍ୟକ୍ତିମାନେ ଏହାକୁ ଜୀବନଚର୍ଯ୍ୟାରେ ବାସ୍ତବାୟିତ କରିବା ପାଇଁ ସାମାନ୍ୟତମ ଉଦ୍ୟମ ଓ ସାଧନା କଲେ, ଶ୍ରମ ସାର୍ଥକ ହେବ, ଲକ୍ଷ୍ୟ ପୂର୍ଣ୍ଣ ହେବ, ଉଦ୍ଦେଶ୍ୟ ସଫଳ ହେବ ବୋଲି ଆମର ଦୃଢ଼ ବିଶ୍ୱାସ ।**

୧. ପିଲା ବେଳରୁ କର୍ମଯୋଗ ଅଭ୍ୟାସ କରିଥିଲେ, ଜୀବ ଭିତରେ ଥିବା ଗୃହୀତ ଫଳ ବିନିଷ୍ଟ ହୋଇ ଜୀବ ରୋଗମୁକ୍ତ ହୋଇପାରନ୍ତା ।

୨. ଗୁରୁକୁଳରେ ଯିଏ ରହିବ, ତାର ଜୀବନ କିମ୍ବା ଶ୍ରମ ବୃଥାହେବ ନାହିଁ । ସ୍ଥୂଳରେ ହେଉ ବା ସୂକ୍ଷ୍ମରେ ହେଉ ତାର ଆଧ୍ୟାତ୍ମିକ ଉନ୍ନତି ନିଶ୍ଚୟ ହେବ ।

୩. ସମସ୍ତଙ୍କର ସହିବା ଶକ୍ତି ସମାନ ନୁହେଁ । କହିବା ଶକ୍ତି ଯେପରି ଅଧିକ, ଚାହିବା ଓ ସହିବା ଶକ୍ତି ସେହିପରି ଅଧିକ ହେଲେ ଭାବର ପରିବର୍ତ୍ତନ ହୁଅନ୍ତା ନାହିଁ ।

୪. ଯୁକ୍ତି କରିବା ଗୋଟିଏ ଦିଗରୁ ଠିକ୍ । କିନ୍ତୁ ଅନ୍ୟଦିଗରୁ ଭୁଲ । ଯୁକ୍ତି ଦ୍ୱାରା ଭକ୍ତିଭାବ କମିଯାଏ । ସାଂଖ୍ୟବାଦୀ ମାନଙ୍କର ଭକ୍ତି ଅଛି, ଯୁକ୍ତି ମଧ୍ୟ ଅଛି । କିନ୍ତୁ ସାଧାରଣ ଲୋକଙ୍କର ଭକ୍ତି ବିହୀନ ଯୁକ୍ତି ତର୍କ ରୂପରେ ଛିଡ଼ାହୁଏ । ବାରମ୍ବାର ଏହିପ୍ରକାର ତର୍କକଲେ ବା ଶୁଣିଲେ ଅନ୍ତରରେ ସଞ୍ଚିତ ଭକ୍ତି ଭାବ କ୍ରମେ କ୍ରମେ ହ୍ରାସ ପାଇ ଶୂନ୍ୟ ହୋଇଯାଏ ।

୫. ଯେଉଁମାନେ ବୈଷୟିକ କାମନା ବାସନା ନେଇ ଆସୁଛନ୍ତି, ସେମାନଙ୍କର କାମନା ବାସନା ପୂରଣ ନ ହେଲେ, ବିକାର ଗ୍ରସ୍ତ ହେବେ, ହେଉଛନ୍ତି ।

୬. ଧର୍ମଧାରାରେ ଜୀବ ନିଜକୁ ଟାଣକରିବା ଉଚିତ ।

୭. ପୂର୍ବଯୁଗରେ ମୁନିଋଷିମାନେ ଲୁଚି ଛପି ଧର୍ମ ବଞ୍ଚାଇଥିଲେ, ତୁମମାନଙ୍କ ଉପରେ ଅତ୍ୟାଚାର ହେଲେ ତୁମେମାନେ କଣ ତୁମର ଧର୍ମଧାରାର ସ୍ଥିତି ହରାଇ ଧର୍ମ ଛାଡ଼ି ଦେବ ?


୮. ତୁମମାନଙ୍କୁ ଅନ୍ୟମାନଙ୍କର ଆଚାର ଆଚରଣରେ ବିଚଳିତ ନ ହୋଇ ଧୈର୍ଯ୍ୟ ଧରିବାକୁ ପଡ଼ିବ ।

୯. ଧର୍ମଦ୍ୱାର ବା ଗୁରୁଦ୍ୱାରକୁ ଆସିଲେ, ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କଠାରୁ ନାନାପ୍ରକାର କଥା ଶୁଣିବାକୁ ପାଇବ ହିଁ ପାଇବ ।

୧୦. ଆଧ୍ୟାତ୍ମିକ ପଥରେ ନିନ୍ଦା ପ୍ରଶଂସା ଏକ କଥା । ବଣରେ ଛୁଆ ଜନ୍ତୁ କରି ଡରିଲେ ଚଳିବ ? ନିନ୍ଦା ପ୍ରଶଂସାକୁ ଏକ ଭାବରେ ଗ୍ରହଣ କରି ଆମେ ନିଷ୍ପତ୍ତି କରି ଆସିଛୁ ।

୧୧. ଭାବ ସମାଧି ଅବସ୍ଥା ଆସିଲେ ହିଁ ଯାଇ ଗୋଷ୍ଠୀ ଗଠନ କରିପାରିବ । ବର୍ତ୍ତମାନ ତୁମର ପ୍ରାଥମିକ ଅବସ୍ଥା । ବହୁ ଲୋକଙ୍କର ବହୁମତ ରହୁଛି । ବହୁମତ ଥିବାରୁ ନାନାଯୁକ୍ତି ତର୍କ ସୃଷ୍ଟି ହେଉଛି । ଯେତେବେଳେ ଭାବ ସମାଧି ଅବସ୍ଥା ଆସିବ, ସେତେବେଳେ ଜ୍ଞାନଦୀପ ଜାଳି ଗୋଷ୍ଠୀ ମେଳରେ ବସିପାରିବ ।

୧୨. ଯେଉଁମାନେ ଏଠାକୁ ଆସିଛନ୍ତି ବା ଆସୁଛନ୍ତି ପ୍ରାୟ ସମସ୍ତେ ବୈଷୟିକ କାମନାବାସନା ନେଇ ଆସି ଏଠାରେ ଧର୍ମଧାରା ନେଉଛନ୍ତି ବା ନେଉଛନ୍ତି । ସେମାନେ କଣ ବାସ୍ତବିକତା ବୁଝୁଛନ୍ତି ? ତେଣୁ ସେମାନଙ୍କର କାମନାବାସନା ପୂରଣ ନ ହେଲେ ବିକାର ଗ୍ରସ୍ତ ହେଉଛନ୍ତି । ଧର୍ମଗୁରୁଙ୍କର ନିନ୍ଦା ଅପବାଦ କରୁଛନ୍ତି । କିନ୍ତୁ ଯେଉଁ କେତେଜଣ ଧର୍ମଧାରାରେ ଅବିଚଳିତ ଅଛନ୍ତି; ସେମାନଙ୍କର କର୍ମ କଣ ବେକାର ହେବ ନା ଯେଉଁମାନେ ବିକାରଗ୍ରସ୍ତ ପୂର୍ବରୁ ଯେଉଁ କେତେଦିନ ଧର୍ମଧାରାର ନିୟମ ପାଳନ କରିଛନ୍ତି, ତାହା ନିଷ୍ଫଳ ହୋଇଯିବ ? ସମସ୍ତଙ୍କର ସବୁ ହିସାବ ଆମ ଖାତାରେ ଲେଖାହୋଇ ରହିଛି, ରହୁଛି ।



# କଲ୍ୟାଣ ଦେଲି ତୋତେ

ଯାହା ମୁଁ ଦେଖୁଛି ସବୁତ ତୁମରି
କିବା ଦେଇ ମନ ତୋଷିବି ?
ଜାଣି ମୁଁ ପାରୁନି କେଉଁ ପଥେ ଗଲେ
ତୁମକୁ ଅନ୍ତରେ ପାଇବି ?

ମିନତି କରୁଛି ଶ୍ରୀପୟରେ ପ୍ରଭୁ
ଏତିକି କରୁଣା ହେଉ ।
କଲ୍ୟାଣ ତବ ମଥାରେ ମୋ ଝରି
ବନ୍ଧନ ମୋ ଖୋଲି ଯାଉ ॥

ଦୁସ୍ତର ଭବପାରାବାରରୁ ଉଦ୍ଧାର କରିବାକୁ ' ଭଗନାବିକ'' ଙ୍କ ବ୍ୟତୀତ ଆଉ କିଏ ସମର୍ଥ ? କେତେବେଳେ ଶ୍ରୀଗୁରୁସ୍ୱାମୀ ଭାବରେ ତ କେତେବେଳେ ଭାବବିନୋଦିଆ ଶ୍ରୀକୃଷ୍ଣ ରୂପରେ । ପୁନଶ୍ଚ କେବେ ସୂକ୍ଷ୍ମରେ ବା କେବେ ସ୍ଥୂଳରେ ଆବିର୍ଭାବ ହୋଇ ସେହି ମହାନାବିକ ଜୀବର ହାତଧରି ଭବସାଗର ପାର କରାଇ ଦିଅନ୍ତି । ଘୋର କଳିର ଏହି ଅନ୍ତିମ ଚରଣରେ ଶ୍ରୀପଦ୍ମପାଦ ସ୍ୱୟଂ ଶ୍ରୀଗୁରୁସ୍ୱାମୀ ରୂପରେ ସ୍ଥୂଳ ଆବିର୍ଭାବ ହୋଇ ନାନା କୌଶଳରେ ଏ ଜଗତବାସୀଙ୍କୁ ଅଜସ୍ର କରୁଣାର ଧାରା ବିଛାଡ଼ି ଚାଲିଛନ୍ତି । ପରମାର୍ଥ ଜୀବନର ଉତ୍କର୍ଷତା ପ୍ରାପ୍ତି ପାଇଁ ସହଜ, ସରଳ, ସୁଗମ ପଥ ମାନ, ଆବିଷ୍କାର କରି ଶ୍ରୀମୁଖ ଓ ଶ୍ରୀକର ମାଧମରେ ବାଣ୍ଟି ଦେଉଛନ୍ତି । ତନ୍ମଧ୍ୟରୁ ତାଙ୍କରି ଆଶୀର୍ବାଦ ରେଣୁ ବହନ କରି ଜନ୍ମଲାଭ କରିଥିବା ମାନସ ପୁତ୍ର ''ଚରମ''ର ଏହି ସ୍ତମ୍ଭରେ ଆରମ୍ଭରୁ ଆଜି ପର୍ଯ୍ୟନ୍ତ କଲ୍ୟାଣ ଦାନ କରି ବିଶ୍ୱବାସୀ ମାନଙ୍କୁ ମାର୍ଜିତ, ଆଚରଣ ସିଦ୍ଧ, ଦୃଢ଼ ପ୍ରତିଜ୍ଞ ହୋଇ ସତର୍କ ତଥା ସାହସର ସହ କଳିର ଅସତ୍ୟ ଆହ୍ୱାନର ସମ୍ମୁଖୀନ ହେବାର ଶକ୍ତି ପ୍ରଦାନ କରି ଚାଲିଛନ୍ତି । ଏହି କୃପା ଅନୁସରଣରେ ''ଚରମ ପ୍ରାପ୍ତି'' ନିଶ୍ଚିତ ॥

## ଚରମ ରେ ! ଧନ ମୋର !

ମୋର ଗେହ୍ଲାପୁଅ ହୋଇ ତୁ ଦିନକୁ ଦିନ ଅତି ଅମାନିଆ ହୋଇଗଲୁଣି । ଆଳସ୍ୟ, ଅସ୍ଥିରତା, ଅବାଧ୍ୟତାକୁ ଯତ୍ନର ସହ ନିକଟ କରିଦେଇ ତୋର ସୁନ୍ଦର ଚେହେରାରେ ଦାଗ ଲଗାଇସାରିଲୁଣି । କହିଲୁ ଧନ ! ତୋର ଦେହ, ମନ ଶୁଖିଗଲେ, ମୁହଁରୁ ହସ ଲିଭିଗଲେ ମୋତେ କେତେ କଷ୍ଟ ହେଉଛି ? ମୁଁ କ'ଣ ତୋ ଠାରୁ କେବେ କିଛି ଚାହିଁଛି ନା କୌଣସି ବସ୍ତୁ ମାଗିଛି ? ସବୁବେଳେ ଚାହିଁବସିଛି ତୋର ମନରେ ଆନନ୍ଦ, ମୁହଁରେ ଟିକେ ହସ ଦେଖିବା ପାଇଁ । ବାଶ୍ ସେତିକିରେ ମୁଁ ସନ୍ତୁଷ୍ଟ । ମୁଁ ଜାଣିଛି, କଳିଯୁଗରେ ଯୁଗ ପ୍ରଭାବ ଓ ସୃଷ୍ଟିଚକ୍ରର ନିଷ୍ଠୁରତା ତୋ ପାଇଁ ଅନେକ ସମସ୍ୟା ଉତ୍ପନ୍ନ କରାଇ ଦେଉଛନ୍ତି । ସେ ସମସ୍ୟା ମଧ୍ୟରେ ଗତିକରି

ଆନନ୍ଦ ଅନୁଭବ କରିବା ତୋ ପକ୍ଷରେ ସମ୍ଭବ ହେଉନାହିଁ । ସେଇଥି ପାଇଁ ପରା ମୁଁ ତୋତେ ଧାରା ଧରାଇ ଦେଇଛି । ସମସ୍ତ ଅସଙ୍ଗତି ମଧ୍ୟରେ ସଙ୍ଗତି ରକ୍ଷାକରି ଚଲାପଥରେ କଣ୍ଟାଗୁଡ଼ିକ ଅପସାରିତ କରିବାର କୌଶଳ ବତାଇ ଦେଇଛି । ତଥାପି କାହିଁକି ଭାଙ୍ଗି ପଡୁଛୁ ? ଅବିଶ୍ୱାସକୁ ମନରେ ସ୍ଥାନ ଦେଉଛୁ ? ଆରେ ପାଗଳ ! ମୁଁ ପରା ତୋ ପାଖେ ପାଖେ ଛାଇପରି ଅଛି । ଭୟ କାହିଁକି କରୁଛୁ ? ମୋ ଉପରୁ କ'ଣ ବିଶ୍ୱାସ ତୁଟାଇ ଦେଲୁଣି ? ମୁଁ ବତାଇ ଦେଉଥିବା ପଥକୁ ଯଦି ପ୍ରଥମରୁ ନିଷ୍ଠାର ସହ ଅନୁସରଣ କରିଥାନ୍ତୁ, ତେବେ ଆଜି କାହିଁକି ତୋର ମନରେ ଦ୍ୱନ୍ଦ୍ୱ, ଅବିଶ୍ୱାସ, କ୍ରୋଧ, ଅନାସ୍ଥାଭାବ ଇତ୍ୟାଦି ପ୍ରବେଶ କରି ତୋତେ ଅସ୍ଥିର କରାଇଥାନ୍ତା ? ପ୍ରଥମରୁ କହି ଆସୁଅଛି; କଳିଯୁଗର ପଥ ଅନେକ ଖସଡ଼ା । ପ୍ରତି ପଦକ୍ଷେପରେ ସତର୍କ ହୋଇ ଗତି କରିବାକୁ ହେବ । ନଚେତ୍ ତୋରି ଭିତରେ ଥିବା ଶତ୍ରୁମାନେ ତୋତେ ଭାବଚହଲାପଥକୁ ଠେଲି ଦେଇ ମୋ ଠାରୁ ଦୂରେଇ ନେବେ । ବାରମ୍ବାର ମିଥ୍ୟା ବସ୍ତୁର ଆବଶ୍ୟକତାକୁ ତୋର ମନରେ ଭର୍ତ୍ତି କରି ତୋତେ ବିବ୍ରତ କରାଇଦେବେ । କାମନା,ବାସନା, ଅପୂର୍ଣ୍ଣାଙ୍ଗ ହେଲେ ମୋ ପ୍ରତି ତୋ ଠାରେ ବିଷ ପ୍ରୟୋଗ କରିଦେବେ । ଶେଷରେ 'ଭାବ' ରୁ 'ଅଭାବ' ପ୍ରାପ୍ତି ହୋଇ ମୋ ଠାରୁ ପୃଥକ ହୋଇଯିବୁ । କିନ୍ତୁ ମୁଁ କ'ଣ ତାହା କରାଇଦେବି ? ତୁ ମତେ ଭୁଲି ଯାଇପାରୁ, ହେଲେ ମୁଁ ତୋତେ କଦାପ ଭୁଲି ପାରିବି ନାହିଁ । କାରଣ ତୁ ହିଁ ମୋର କାୟା ଆଉ ମୁଁ ତୋର ଛାୟା କାୟା ବିନା ଛାୟା କେଉଁଠି ରହିଛି ନା ରହିବ ।

ମୁଁ ଲକ୍ଷ୍ୟ କରୁଛି, କେତୋଟି ବିଶେଷ କାରଣ ତୋର ମନରେ ବିଷାଦ ସୃଷ୍ଟି କରି ଅନାସ୍ଥାଭାବ ତୋଳି ଦେଉଛି । ସେଗୁଡିକ ହେଲା ଆର୍ଥିକ ଦୁରାବସ୍ଥା, ରୋଗମାଳା ଏବଂ ସମାଜରେ ଏକ ସମ୍ମାନ ଜନକ ସ୍ଥିତି । ମୁଖ୍ୟତଃ ଏହି ତିନୋଟି ବ୍ୟତୀକ୍ରମରେ ତୁ ଅସ୍ଥିର ହୋଇ ଯାଉଛୁ । ଏ ସଂପର୍କରେ ଅତୀତରେ ଅନେକ ବୁଝାଇଛି । ଏବେ ପୁଣିଥରେ ସ୍ମରଣ କରାଇ ଦେଉଛି । ଅର୍ଥ କେଉଁଥି ପାଇଁ ଆବଶ୍ୟକ ? ବଞ୍ଚରହିବାକୁ ହେଲେ ଜଣକର ସର୍ବନିମ୍ନ ଆବଶ୍ୟକତା ହେଉଛି ଖାଦ୍ୟ, ବସ୍ତ୍ର,ଓ ରହିବାକୁ ଖଣ୍ଡେ ସ୍ଥାନ । ସ୍ରଷ୍ଟା ଯେତେବେଳେ ତୋତେ ଜନ୍ମ ଦେଇଛନ୍ତି ସେହି ସମୟରୁ ତୋ ପାଇଁ ଖାଦ୍ୟ,ବସ୍ତ୍ର ଏବଂ ଆଶ୍ରୟସ୍ଥଳୀ ସ୍ଥିର କରି ସାରିଛନ୍ତି । ତୁ ଏ ଶରୀର ତ୍ୟାଗ କରିବା ପର୍ଯ୍ୟନ୍ତ କେବେ ମଧ୍ୟ ଉପବାସ ରହିବୁ ନାହିଁ । ଅନାବସ୍ତ୍ର ହେବୁ ନାହିଁ । ସାଧାରଣ ଭାବରେ ଚଳିବାକୁ ହେଲେ ଯେତିକି ଆବଶ୍ୟକ, ତା ଠାରୁ ଯଦି ଅଧିକ ଆଶା ରଖିବୁ, ତେବେ ସେ ଆଶା ପୂର୍ଣ୍ଣ ନ ହେଲେ ଦୁଃଖ ଆସିବ ଏବଂ ସେ ଭାବଟି କ୍ରମଶଃ ଦାନାବାନ୍ଧି ମହାଦ୍ରୁମ ହୋଇଯିବ । ଆଶା ପୂର୍ଣ୍ଣ କରିବା ପାଇଁ ଖସଡ଼ା ପଥରେ ପାଦ ଦେବାକୁ ବାଧ୍ୟ ହେବୁ । ସତ୍‌କୁ ପରିହାର କରି ଅସତ୍‌କୁ ଆଶ୍ରୟ କରିବୁ । ନିଜର ସାମର୍ଥ୍ୟ ବାହାରକୁ ଯାଇ ଭାରାକ୍ରାନ୍ତ ହୋଇଯିବୁ । ତୋର ଶରୀର ମଧ୍ୟରେ ଥିବା ତଥା କଥିତ ବଂଧୁମାନେ ସେତେବେଳେ ଉତ୍ସାହିତ ହୋଇ ତୋତେ ବ୍ୟାପକ ଭାବରେ ଅନୀତି କରିବାକୁ ଉତ୍ସାହିତ କରିବେ । ପଡ଼ୋଶୀ, ପ୍ରତିବେଶୀ,ବଂଧୁ ପରିଜନମାନଙ୍କ ଐଶ୍ୱର୍ଯ୍ୟ ସହ ତୁଳନାତ୍ମକ ଭାବ ସୃଷ୍ଟି କରାଇ ତୋତେ ବିବଶ କରାଇ ଦେବେ । ତୋର ଆତ୍ମିୟ ସ୍ୱଜନ ମାନଙ୍କ ମନରେ ମଧ୍ୟ ସେହି ଭାବ ଉଦ୍ରେକ କରାଇ ତୋତେ ଚତୁପାର୍ଶ୍ୱରୁ ଆକ୍ରମଣ କରିବେ । ସେମାନଙ୍କ ଆକ୍ରମଣରେ କ୍ଷତ ବିକ୍ଷତ ହୋଇ ତୁ ତୋର କର୍ମଧାରା ଧର୍ମପଥରୁ ବିଚ୍ୟୁତ ହେବାକୁ ବାଧ୍ୟ ହେବୁ । ତେଣୁ ଭଲକରି ବିଚାର କରି ଦେଖ୍ '' ଅର୍ଥ ହିଁ ସକଳ ଅନର୍ଥର କାରଣ'' । ଅର୍ଥ ପ୍ରତି ଥରେ ଆସକ୍ତି ଆସିଲେ ସେଥିରୁ ନିସ୍ତାର ପାଇବା କେବେମଧ ସମ୍ଭବ ନୁହେଁ । କିନ୍ତୁ ତୁ ସବୁ ଜାଣି, ସବୁ ଦେଖି, ସବୁ ଅନୁଭବ କରି ମଧ୍ୟ ଅଜଣା, ଅଦେଖା ଓ ଅଭାବୀର ଖୋଳ ମଧ୍ୟରେ ବୁଡି ଯାଉଛୁ । ତେଣୁ ରେ ଅବୁଝା । ଅର୍ଥ ଚିନ୍ତା ପରିହାର କର । ଚଳିବା ପାଇଁ, ଧରିତ୍ରୀରେ ଜୀବନଧାରଣ କରି ବଂଚି ରହିବା ପାଇଁ ସର୍ବନିମ୍ନ ଆବଶ୍ୟକତା ତୋ ପାଇଁ କେବେ ଅଭାବ ହେବ ନାହିଁ । '' ଶ୍ରୀମଦ୍ ଭାଗବତ୍ ଗୀତା ''ରେ ପରା ତୋର ପୂର୍ବ ଗୁରୁଦେବ ତୋତେ ବୁଝାଇ ଦେଇଥିଲେ, ''ଯେଉଁ ପାର୍ଥିବ ବସ୍ତୁ ପାଇଁ ଆଜି ତୁ ଅଳି କରି କାନ୍ଦୁଛୁ , ନପାଇଲେ ବ୍ୟାକୁଳ ହେଉଛୁ, ସେଗୁଡିକ କଦାପି ତୋର ନିଜର ହେବେ ନାହିଁ । ଗତକାଲି ସେ ଅନ୍ୟଜଣଙ୍କର ଥିଲା, ଆଜି ତୋ'ର ହୋଇଛି, ଆସନ୍ତାକାଲି ଆଉ କାହାର ହେବ । ତେଣୁ ସେଥିପାଇଁ ଏତେ ବ୍ୟାକୁଳ କାହିଁକି ? କ'ଣ ଏକଥା ଭୁଲି ଯାଇଛୁ ? ତୋର ପିତା ହିଁ କେବଳ ତୋର ନିଜର ହୋଇଥିଲେ ଆଜି ଅଛନ୍ତି, ଆସନ୍ତାକାଲି ମଧ୍ୟ ରହିବେ । ଏକ ଅମୂର୍ତ୍ତା କଳସୀର ଭିତରେ ବୁଡି ରହିଥିବାରୁ ତୁ ସିନା ତୋ ପିତାଙ୍କୁ ଦେଖି ପାରୁନାହୁଁ, ସେ କିନ୍ତୁ ତୋତେ ସର୍ବଦା ଦେଖୁଛନ୍ତି । କଳସୀରୁ ବାହାରକୁ ଆସିଲେ ସିନା ତାଙ୍କୁ ଦେଖିବୁ ?

ପରବର୍ତ୍ତୀ ସମସ୍ୟା ହେଉଛି ତୋର ତଥା ତୋର ପରିବାରର ରୋଗ, ବ୍ୟାଧି ଆଦି ଯନ୍ତ୍ରଣାଦାୟକ ପରିବେଶ । ଯେତେବେଳେ ତୋର କିମ୍ବା ତୋ ସଂସାରର କାହାରି କୌଣସି ରୋଗ ହୋଇଗଲା, ତେବେ ତୋ ମନ ବ୍ୟସ୍ତ, ବିବ୍ରତ ହୋଇଯାଉଛି ଏବଂ ଆଶୁକାମନରେ ବ୍ୟତିବ୍ୟସ୍ତ ହୋଇ ମୁହୂର୍ତ୍ତକ ମଧ୍ୟରେ ଭାବଡ଼ୋରି ଛିଣ୍ଡାଇ ଦ୍ୱରେଇ ଯାଉଛୁ । ବାବୁରେ ! ସେ ବିଷୟରେ ତୋତେ ମୁଁ କିପରି ବୁଝାଇବି ? ଜୀବର କର୍ମଫଳ ଭୋଗ କରିବା ଏକାନ୍ତ ଜରୁରୀ । ସମସ୍ତ ରୋଗ, ବ୍ୟାଧି ସେହି କାରଣରୁ ଆସିଥାଏ । ପ୍ରତ୍ୟେକ ବ୍ୟକ୍ତି ରୋଗ ଭୋଗ କରିବାକୁ ବାଧ୍ୟ । ପ୍ରତିଯୁଗରେ ଥିଲା । ଏବେ ଅଛି । ଆସନ୍ତା ଯୁଗରେ ମଧ୍ୟ ରହିବ । ମୁଁ ତୋତେ ବଚନ ଦେଇଛି, ତୋର ହାତଧରି ''ଚରମ''ରେ ପହଞ୍ଚାଇ ଦେବି । ସେଥିପାଇଁ ତୋତେ ନିର୍ମଳ କରିବା, ଶୁଦ୍ଧ କରିବା, ମାର୍ଜିତ କରିବା ମୋର କର୍ତ୍ତବ୍ୟ । ଯେଉଁସବୁ ଗୃହୀତ, ସଂଚିତ, କ୍ରିୟାମାଣ କର୍ମ କରିଛୁ, ସେଗୁଡ଼ିକର ଫଳ ଭୋଗ ହୋଇନଗଲେ ତୋର ପରମାର୍ଥ ପଥରେ ସେମାନେ ଅନ୍ୟରୂପରେ କଣ୍ଟାଗବାଡ଼ ହୋଇ ରହିଯିବେ ଓ ତୋର ସମସ୍ତ ଗତିପଥ ରୁଦ୍ଧ କରିଦେବେ । ତେଣୁ ମୋର ସ୍ଥୂଳ ଉପସ୍ଥିତିରେ ସେ ସମସ୍ତ ଫଳ ଭୋଗ ଶେଷ ହୋଇଗଲେ ତୁ ମନ୍ଦାକାନୀ ଧାରା ପରି ସ୍ୱଚ୍ଛ, ନିର୍ମଳ ହୋଇଯିବୁ । ଏ ସୃଷ୍ଟିରେ କୌଣସି ବିଷୟ, ପଦାର୍ଥ, ଭାବନା, ଅଦରକାରୀ ହୁଏ ନାହିଁ । ସମୟର ତାଳେ ତାଳେ ଜୀବ ତା'ର ସମସ୍ତ କ୍ରିୟା, କର୍ମ, ଆଚରଣ, ବ୍ୟବହାର ଫଳ ସଂଚୟ କରିଚାଲିଥାଏ । ତେଣୁ ଯେଉଁ ରୋଗ, ବ୍ୟାଧି ପାଇଁ କଷ୍ଟ, ଯନ୍ତ୍ରଣା, ସହ୍ୟ କରି ଅଥୟ ହେଉଛୁ ତା'ର ମଧ୍ୟ ନିଜସ୍ୱ ଗୁଣ ରହିଛି । ସେହି କଷ୍ଟ, ଯନ୍ତ୍ରଣା ଭୋଗ ମାଧ୍ୟମରେ ତୋ ଅଜାଣତରେ ତୋର କ୍ରମୋନ୍ନତି ହୋଇ ଚାଲିଛି, ସଂସ୍କାର ହୋଇ ଯାଉଛି । ଧୈର୍ଯ୍ୟ ଧରି ଅପେକ୍ଷାକର; ଶେଷରେ ଦେଖିବୁ ତୋର ଶରୀର, ମନ କିପରି ଶୁଦ୍ଧପୂତ ହୋଇଯାଇଛି । ମନେରଖ ରୋଗ ଯନ୍ତ୍ରଣାର ପ୍ରତ୍ୟକ୍ଷ ଭୋଗ ହିଁ ପରବର୍ତ୍ତୀ ଜୀବନର ଐଶ୍ୱର୍ଯ୍ୟ । ସେହି କଷ୍ଟକୁ ଅନାୟାସରେ ସହ୍ୟ କରିନେବା ପାଇଁ ଶକ୍ତି ଆହରଣ କରିବାକୁ ମୁଁ ପରା ତୋତେ ଅର୍ଘ୍ୟଫଳଦୋଳ ଦେଇଛି । ଦୃଢ଼ମନା, ନିର୍ଭୀକ ହୋଇ କର୍ମଧାରା ପାଳନ କରୁଥିଲେ ସମସ୍ତ ଯନ୍ତ୍ରଣା ଅକ୍ଲେଶରେ ଅତିକ୍ରମ କରି ଅନ୍ତିମ ଚରଣରେ ସୂର୍ଯ୍ୟାଲୋକ ନିଶ୍ଚୟ ଲାଭ କରିବୁ ।

ତୋର ଅନ୍ୟଏକ ସମସ୍ୟା ହେଉଛି, ସମାଜରେ ସମ୍ମାନଜନକ ସ୍ଥିତି । ଅନ୍ୟମାନଙ୍କ ପରି ତୁ ସମ୍ମାନିତ ହେବୁ । ଅନ୍ୟ ଉପରେ ପ୍ରଭାବ ବିସ୍ତାର କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବୁ । ପଞ୍ଚଭୂତ ଶରୀର ଧାରଣ କରିବା ପରେ ମନରେ ଏ ଭାବ ଆସିବା ସ୍ୱାଭାବିକ ଏବଂ ନିଶ୍ଚୟ ଆସିବ । କିନ୍ତୁ ତାକୁ ନିଜର ବିବେକ ବୋଧଦ୍ୱାରା ପ୍ରତିହତ କରି ଭାବନାର ଗତିପଥ ପରିବର୍ତ୍ତନ କରାଇବାର ନାମ ହିଁ ''ସାଧନ'' । ନିଜର ଅନ୍ତର୍ଦୃଷ୍ଟିରେ ଦେଖିଲୁ; ଯେଉଁ ସମ୍ମାନ ତୁ ଚାହିଁଛୁ ତା'ର ସ୍ଥାୟିତ୍ୱ କେତେ ? ତୋ ପୂର୍ବରୁ ଓ ତୋର ଉପସ୍ଥିତିରେ ଏ ଧରାପୃଷ୍ଠରେ ଯେଉଁମାନେ ସମ୍ମାନର ଉତ୍ତୁଙ୍ଗ ଶିଖରରେ ଥରେ ପହଞ୍ଚିଥିଲେ, ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କର ପରିସ୍ଥିତି କ'ଣ ହୋଇଛି ? ସେମାନେ ମର୍ତ୍ତ୍ୟଭୂମିର ଏ ଘଟ ତ୍ୟାଗ କରିବା ସମୟରେ ସଂଗରେ କ'ଣ ନେଇ ଯାଇଛନ୍ତି? ସେମାନଙ୍କର ମୃତ୍ୟୁପରେ ଏ ବିଶ୍ୱବାସୀ ସେମାନଙ୍କୁ କେତେଦିନ ମନେ ରଖିଛନ୍ତି ? ଯେତେଦିନ ପର୍ଯ୍ୟନ୍ତ କ୍ଷମତାର କେନ୍ଦ୍ରବିନ୍ଦୁ ହୋଇଥିବେ ସେତେଦିନ ପର୍ଯ୍ୟନ୍ତ ଲୋକମାନେ ନିଜ ସ୍ୱାର୍ଥ ହାସଲ ପାଇଁ ସମ୍ମାନ ଦେବେ, ପୂଜା କରିବେ, ପ୍ରଶଂସା ଓ ପ୍ରଶସ୍ତିଗାନରେ ଶତମୁଖ ହେବେ । କ୍ଷମତାରୁ ଯିବା ପରଦିନ ଘୃଣା କରିବେ, ସମାଲୋଚନା କରିବେ ଏବଂ ନିନ୍ଦା, ଅପବାଦର ହୋଲ୍ଡ ଉଡ଼ିଦେବେ । ତୁ କ'ଣ ସେହି କ୍ଷଣିକ ସୁଖ, ସମୃଦ୍ଧି ଚାହୁଁ ? ମୁଁ ପରା ତୋ ପାଇଁ ଏପରି ଏକ ସ୍ଥାନ ରଖିଛି, ଯେଉଁଠାରେ ତୁ ଥରେ ପହଞ୍ଚଗଲେ, ଯୁଗଯୁଗପାଇଁ ଅବିସ୍ମରଣୀୟ ହୋଇ ରହିଯିବୁ । ସେ ପର୍ଯ୍ୟନ୍ତ ଅପେକ୍ଷା ନ କରି ଏ ମିଥ୍ୟା, ଅଳିକ ସୁଖ ପାଇଁ ଏତେ ବ୍ୟାକୁଳ କାହିଁକି ହେଉଛୁ ? ସମ୍ମାନ କ'ଣ ଖୋଜିଲେ ମିଳେ କିରେ ? ତୁ ଯଦି ସେହି ଶୀର୍ଷ ସ୍ଥାନରେ ପହଞ୍ଚିଯିବୁ, ତେବେ ତୁ ସମ୍ମାନ ଖୋଜିବୁ ନାହିଁ । ସେ ଆପେ ଆପେ ତୋର ଅନୁଧାବନ କରିବ ।

ଆଉଥରେ ଚିନ୍ତାକରି ଦେଖିଲୁ; ଏପରି ଭାବ ତୋ ମନରେ ଆସିବାର କାରଣ କେଉଁଠି ? ଗଭୀର ଭାବରେ ଆତ୍ମଅନୁଶୀଳନ କଲେ ଉପଲବ୍ଧି କରିପାରିବୁ ଯେ, ଏ ସମସ୍ତ କୁଭାବନାର ମୂଳ କାରଣ ହେଉଛି, ତୋ ମନର ସଂକୀର୍ଣ୍ଣତା ଓ ଶରୀରର ମୋହ । ତୁ ସର୍ବଦା ନିଜକୁ ଏକାକୀ ଭାବୁଛୁ । ତୋର ଶରୀର ସୁଖରେ ସମସ୍ତ ସୁଖ ବୋଲି ଚିନ୍ତା କରୁଛୁ, ତୋ ଚତୁଃପାର୍ଶ୍ୱରେ ଥିବା ଅନ୍ୟମାନଙ୍କୁ ତୁ ପରବୋଲି ଗଣ୍ୟ କରୁଛୁ । ସେଥିପାଇଁ ତୁଳନାତ୍ମକ ଢଂଗରେ ସେମାନଙ୍କ ଠାରୁ ଶ୍ରେଷ୍ଠ ହୋଇ ଅଗ୍ରଣୀ ପଦବୀ

ପ୍ରାପ୍ତି ପାଇଁ ମନରେ ସଂକଳ୍ପ ନେଉଛୁ । ସେତେବେଳେ ସମୀକ୍ଷା କରି ଦେଖ୍ ! ତୋ ମନରେ ଯେଉଁ କଳ୍ପନା, ସେହି କଳ୍ପନା, ଆଶା, ଆକାଂକ୍ଷା ଅନ୍ୟମାନଙ୍କ ମନରେ ଠିକ୍ ସେହିପରି ସୃଷ୍ଟି ହେଉଛି । ସେମାନେ ମଧ୍ୟ ତୋରି ପରି ଉଚ୍ଚାଭିଳାସ କରି ତୋ ଠାରୁ ଉଚ୍ଚ ସ୍ଥାନରେ ରହି ତୋତେ ତାଙ୍କର ଅଧିନସ୍ଥ କରିବାକୁ କାମନା କରୁଛନ୍ତି । ଫଳରେ ପରସ୍ପର ପରସ୍ପର ପ୍ରତି କେବଳ ମିଥ୍ୟା, ଅନିତ୍ୟ,ଅଳିକ ବିଷୟ ପାଇଁ ପ୍ରତିଯୋଗି ହୋଇ ମୂଳଲକ୍ଷ୍ୟରୁ ବିଚ୍ୟୁତ ହେଉଛନ୍ତି । ତେଣୁ ରେ ଧନ ମୋର ! ଏ ସଂକୀର୍ଣ୍ଣତା ପରିହାର କର । ତୁ କେବେ ଏକାକୀ ନଥିଲୁ, ଏବେ ନାହିଁ, ଭବିଷ୍ୟତରେ ମଧ୍ୟ ରହିବୁ ନାହିଁ । ତୋ ଚତୁଃପାର୍ଶ୍ୱରେ ଅନନ୍ତ ସାଗର । ସେହି ସାଗର ମଧ୍ୟରେ ତୁ ଏକ ଶକ୍ତ ଆବରଣ ଭିତରେ ବନ୍ଦୀ ହୋଇ ରହିଛୁ । ତୋ ବାହାରେ କ'ଣ ଅଛି ,ଦେଖିପାରୁନାହୁଁ, ଅନୁଭବ କରିପାରୁନାହୁଁ, ତେଣୁ ମନରେ ଏ ସଂକୀର୍ଣ୍ଣ/ସୀମିତ ଭାବ ବସା ବାନ୍ଧି ଯାଉଛି, ତୁ କାହାରି ପର ନୋହୁଁ । ତୋର ମଧ୍ୟ କେହି ପର ନାହାଁନ୍ତି । ତୁ ସମସ୍ତଙ୍କର ନିଜର ତୋର ମଧ୍ୟ ସମସ୍ତେ ନିଜର । ଏହି ମହାଭାବ ଗ୍ରହଣ କରି ବ୍ୟାପକ ହୋଇଯାଆ,ଦେଖିବୁ କେଉଁ ସ୍ଥାନରେ ପହଞ୍ଚିବୁ । କ'ଣ ବୁଝି ପାରିଲୁ ନାହିଁ ? ଆହୁରି ସରଳ ଭାବରେ ଉଦାହରଣ ଦେଇ ତୋର ସ୍ଥିତି ତୋତେ ବୁଝାଇ ଦେଉଛି ।

ସମୁଦ୍ରରୁ ଜଳ ଆଣି ଗୋଟିଏ କଳସୀରେ ରଖ । କଳସୀଟିର ମୁହଁ ଭଲଭାବରେ ବନ୍ଦ କରି ତାକୁ ନେଇ ସମୁଦ୍ରରେ ରଖିଦେ । କଳସ ଭିତରେ ଜଳ ରହିଥିବାରୁ ସେହି ସମୁଦ୍ରର ଜଳ ହେଲେ ମଧ୍ୟ ତାର ନାମ କଳସୀଜଳ । ତାର ଚତୁଃପାର୍ଶ୍ୱରେ ସେହି ଜଳ । କିନ୍ତୁ ଶକ୍ତ ଆବରଣ କଳସ ମଧ୍ୟରେ ଥିବାରୁ ସେହି କଳସର ଅହଂକାରରେ ସେ ତା'ର ସ୍ୱତନ୍ତ୍ରତା ରକ୍ଷାକରି ପାରୁଛି ଏବଂ ସମୁଦ୍ର ଜଳଠାରୁ ନିଜକୁ ପୃଥକ ଭାବେ ବିବେଚନା କରି ଆତ୍ମହରା ହେଉଛି । ଯଦି କଳସଟି ଭାଙ୍ଗିଯାଏ, ତେବେ କ'ଣ ହେବ ? କଳସଜଳର ସଂଜ୍ଞା ଲୋପ୍ ପାଇଯିବ ଏବଂ ପୂର୍ଣଥରେ କଳସୀରେ ରହି ଗର୍ବକରୁଥିବା ଜଳ ମହାସାଗରରେ ଏକାକାର ହୋଇଯିବ । ତୁ ହେଉଛୁ ସେହି କଳସୀ । ତୋ ଭିତରେଥିବା ଆତ୍ମା ହିଁ ସାଗରର ଜଳ । ସାଗର ହେଉଛନ୍ତି ଏ ବିଶ୍ୱର ସ୍ରଷ୍ଟା- ଅମୃତ ଭଣ୍ଡାର । ଯେହେତୁ ଶରୀର ରୂପକ ଶକ୍ତ ଆବରଣମଧ୍ୟରେ ଅମୃତର ବିନ୍ଦୁଟି ବନ୍ଧନ ଅବସ୍ଥାରେ ରହିଛି, ତୁ ଭାବୁଛୁ ତୁ ଏକାକୀ, ସ୍ୱତନ୍ତ୍ର । ତେଣୁ ତୋର ଏକ ନିର୍ଦ୍ଦିଷ୍ଟ ପଦବୀ ଆବଶ୍ୟକ । ସ୍ୱତନ୍ତ୍ର ସ୍ଥିତିର ପ୍ରୟୋଜନ । କାରଣ ଶରୀର ରୂପକ ଅହଂ ତୋତେ ସଙ୍କୁଚିତ କରିଦେଇଛି । ମହାସାଗର ମଝିରେ ରହିମଧ୍ୟ ଅନୁଭବ କରିପାରୁନାହୁଁ । ସେହି ପରି ତୋ ପିତାଙ୍କର ଏହି ସୃଷ୍ଟିରେ ପ୍ରତ୍ୟେକ ଜୀବନ ଗୋଟିଏ ଗୋଟିଏ କଳସୀ ଓ ତା ମଧ୍ୟସ୍ଥ ଜଳ ତୋରି ପିତାଙ୍କ ଅଂଶ ବିଶେଷ ଓ ଆତ୍ମସତ୍ତା । ତେଣୁ ରେ ବାଉଳା ! କାହାକୁ ତୁ ପର କହୁଛୁ ? କାହାକୁ ନିନ୍ଦା କରୁଛୁ ? କାହାଠାରୁ ଶ୍ରେଷ୍ଠ ହେବାକୁ ଚାହୁଁଛୁ ? ତୋ ପିତାଙ୍କୁ ? ପିତାଙ୍କ ଠାରୁ ?

ଧନ ରେ ! ଥରେ ବ୍ୟାପକ ଭାବରେ ନିଜକୁ ପ୍ରତିଷ୍ଠା କର । ଶରୀର ରୂପକ ଅହଂକାରକୁ ଦୂରକୁ ଠେଲି ଦେଇ ମହାସାଗରର ଆଂଶିକ ସ୍ଥିତିକୁ ଅନ୍ୟ କଳସ ମଧ୍ୟରେ ଚିହ୍ନିତ କରି ସେମାନଙ୍କ ସହ ସୁସଂପର୍କ ସ୍ଥାପନ କର । ଦେଖିବୁ ! ତୁ କେଉଁଠି, କିପରି ଅବସ୍ଥାପିତ ହେଉଛି । ସେତେବେଳେ ତୁ ମହାସାଗରର ପରିଚୟ ବହନ କରି ଅସୀମ, ଅମାପ ହୋଇଯିବୁ । ତା ଠାରୁ କ'ଣ ସମାଜରେ ବର୍ତ୍ତମାନ ପ୍ରଚଳିତ କ୍ଷଣିକ ସୁଖ, ମିଥ୍ୟା ପ୍ରଭାବ,ଓ ଅନିତ୍ୟ ସମ୍ମାନ ଏତେ ବେଶୀ ? ବିଚାର କରି ଦେଖିବୁ ।

ସର୍ବଶୁଭମନାସି ଏଥରକ

ଏତିକିରୁ ରହୁଛି

ତୋର

ଚିର ମଂଗଳାକାଂକ୍ଷୀ

ପିତା

# ବ୍ରହ୍ମବୈବର୍ତ୍ତ ପୁରାଣ : ପ୍ରକୃତିଖଣ୍ଡରୁ ଉଦ୍ଧୃତ ସୁଯଜ୍ଞ ନୃପତି ଉପାଖ୍ୟାନର ମୀମାଂସାଖଣ୍ଡ:

ପିଣ୍ଡତତ୍ତ୍ୱ ମତରେ ଭାରତ କହିଲେ କୋଷ, ସ୍ନାୟୁ, ମେଦ, ମାଂସ, ରକ୍ତ, ଅସ୍ଥିଆଦି ଦ୍ୱାରା ଗଠିତ ଶରୀରକୁ ହିଁ ବୁଝାଯାଏ । ସ୍ଥୂଳ ଶରୀର ବା ପିଣ୍ଡରେ ସ୍ଥିତ ସୁବୁଦ୍ଧିକୁ ସୁଯଜ୍ଞ ରାଜା ବୋଲି ବୁଝାଯାଏ । ଶ୍ରୀରାଧା ବୋଇଲେ, ଜୀବର କର୍ମଧାରା । ଏହି କର୍ମଧାରା ନିତ୍ୟନୈମିତ୍ତିକ ନିଷ୍ଠା, ବିଶ୍ୱାସ ଓ ଆନ୍ତରିକ ଶ୍ରଦ୍ଧା ସହ ଅଭ୍ୟାସ କଲେ, ଜୀବ ତହିଁରୁ ଭକ୍ତିପ୍ରେମ ସୁଧାରସ ପାନ କରିବାକୁ ସମର୍ଥ ହୁଏ । ଜୀବ ଗୁରୁବରଣ କରି ଧାରାଧରି ଧରାଧାମରେ ସଂସାର ପଥର ଯାତ୍ରୀ ହେବା ସହିତ ଆଧ୍ୟାତ୍ମିକ ମାର୍ଗରେ ଗତିକରି ଯୋଗାଭ୍ୟାସ ବଳରୁ ପର୍ଯ୍ୟାୟକ୍ରମେ ଅଷ୍ଟାଙ୍ଗ ଯୋଗପଥରେ ସମାଧି ଅବସ୍ଥା ପ୍ରାପ୍ତ ହେବା ପରେ ତାମସିକ ନୀତିଖଣ୍ଡନ ହୁଏ । ଏହାକୁ ଏହି ଗଳ୍ପାଂଶରେ ବ୍ରହ୍ମଶାପ ବୋଲି କୁହାଯାଇଅଛି । ଫଳରେ ଜୀବ ସଂସାରର ମାୟାଜାଲରୁ ମୁକ୍ତ ହୋଇ ସୁଦ୍ୱିତୀୟ ବ୍ରହ୍ମାଣ୍ଡ ଶରୀର ଧାରଣ କରି ଭ୍ରମଣ କରେ । ଜୀବ ସ୍ୱଶରୀରରେ ଅବସ୍ଥିତ ପରଂବ୍ରହ୍ମଙ୍କୁ ଜୀବବ୍ରହ୍ମରୂପରେ ରହି ଅନେକ ସ୍ତୁତିରେ ଧ୍ୟାନ କରୁଥାଏ । ଗଳ୍ପାଂଶରେ ବ୍ରହ୍ମଦତ୍ତସ୍ତବରେ ଦେବୀ ଶ୍ରୀରାଧାଙ୍କୁ ସ୍ତବ କରିବାର ଏହାହିଁ ମୀମାଂସା ସୂତ୍ରୀୟ ଧସ୍ଥାନ ଅଟେ । ଶ୍ରୀରାଧାଙ୍କର ବର ବୋଇଲେ ଭକ୍ତିପ୍ରେମ ସୁଧା ଆଶିଷଲାଭକୁ ବୁଝାଯାଏ । ଏହା ସମାଧିସ୍ଥ ଯୋଗୀର ଦିବ୍ୟଦୃଷ୍ଟିକୁ ବୁଝାଯାଏ । ରାଧାଙ୍କ କବଚ ଧାରଣର ଅର୍ଥ ଯୋଗୀର କର୍ମତତ୍ତ୍ୱଜ୍ଞାନ ପିଣ୍ଡରେ ଧାରଣ କରିବାକୁ ବୁଝାଏ । ପୁଷ୍କର ତୀର୍ଥ କହିଲେ ଯୋଗମାର୍ଗରେ ପ୍ରାଣାୟାମ ସୋପାନ ପରେ ପଡୁଥିବା ସୁକୌଶଳ ତତ୍ତ୍ୱ ସ୍ଥାନକୁ ବୁଝାଏ । ଏହା ରଜ ଓ ତମଗୁଣଦ୍ୱୟର ମିଶ୍ରିତ ଅବସ୍ଥା ଅଟେ । ଶହେ ବର୍ଷ ପୂଜା କରିବାର ଅର୍ଥ; ଏକଶତ ବିକାରୀୟ ବୃତ୍ତିର ଭାବ । ଷଡ଼ଚକ୍ର ଭେଦ ସାଧନ ପ୍ରକିୟାରେ ଏହା ନାଭି ବା ମଣିପୁର ମଣ୍ଡଳରୁ ହୃଦ ବା ଅନାହତ ମଣ୍ଡଳ ପର୍ଯ୍ୟନ୍ତ ବିସ୍ତୃତ ଅଟେ । ସ୍ୱର୍ଗର ଅମୂଲ୍ୟ ରଥ ବୋଇଲେ ତ୍ରିକୂଟ ସନ୍ଧି । ଏଠାରେ ଇଂଳା, ପିଂଳା, ସୁଷୁମ୍ନା ନାଡ଼ିତ୍ରୟ ଏକତ୍ର ମିଳିତ ହୋଇ ତ୍ରିବେଣୀ ସୃଷ୍ଟି କରିଅଛନ୍ତି । ଗୋଲୋକ ଭୁବନ ବୋଇଲେ ଅବ୍ୟକ୍ତ ମଣ୍ଡଳ ବା ପିଣ୍ଡ ମଧ୍ୟରେ ବ୍ୟକ୍ତ ବ୍ରହ୍ମଙ୍କର ଆସନକୁ ବୁଝାଏ । ଦେବଦେବ ମହାଦେବ ବୋଇଲେ ଶିବ ବା ଜ୍ଞାନକୁ ବୁଝାଯାଏ । ଜୀବ ଦେହରେ ଶିବ ଲୁଚି ରହି ପ୍ରକାଶିତ ହେଲେ, ତାହା ଜୀବର ଶବ ଅବସ୍ଥା ଅଟେ । ଏହି ଅବସ୍ଥାକୁ ଆଧ୍ୟାତ୍ମିକ ଭାଷାରେ ଜୀବନ୍ମୁକ୍ତ ଅବସ୍ଥା କୁହାଯାଏ ।

ଜୀବ ପ୍ରକୃତିର ପ୍ରକୃତିସ୍ଥମାୟାକୁ ଦେବୀ ପାର୍ବତୀ ବୋଲାଯାଏ । ଏହି ପ୍ରକୃତିସ୍ଥ ମାୟା ଜ୍ଞାନରୂପୀ ଶିବଙ୍କୁ ମାୟାରଜ୍ଜୁଦ୍ୱାରା ବାନ୍ଧି ରଖିଛି । ପିଣ୍ଡସ୍ଥ ସୁବୁଦ୍ଧି ବା ସୁଯଜ୍ଞ ରାଜାଙ୍କୁ କିପରି ବ୍ରହ୍ମଶାପ ହେଲା ଓ ତତ୍ପରବର୍ତ୍ତୀ ଅବସ୍ଥା ସମ୍ବନ୍ଧରେ ପ୍ରକୃତିସ୍ଥ ମାୟା ଜ୍ଞାନସ୍ୱରୂପ ଶିବଙ୍କଠାରୁ ଶୁଣିବାକୁ ଇଚ୍ଛା ପ୍ରକାଶ କରନ୍ତେ, ଜ୍ଞାନଦେବ ମହାଦେବ କହୁଅଛନ୍ତି-ମନୁ ଅର୍ଥାତ୍ ସଦ୍‌ମନର ଜାଡ୍ରୈତନ୍ୟ ଅବସ୍ଥାରୁ ଯେଉଁ ସ୍ନାୟୁ କୋଷ ସକଳକୁ ସଂଗଠିତ କରି ରଖିଛି, ତାହା ପିଣ୍ଡ ବ୍ରହ୍ମାଣ୍ଡରେ ଯୁଗଯୁଗ ଧରି ରହିଛି । ଉତ୍ତାନପାଦର ଅର୍ଥ ଶାନ୍ତ, ସୁଧୀର ଭାବକୁ ବୁଝାଏ । ବୈଧିର୍ଭ କୋଷ ଓ ସ୍ନାୟୁ ଜୀବକୁ ଶାନ୍ତ ଓ ସୁଧୀର କରି ତୋଳେ । ଜୀବ ଧାରାଧରି ତାହା ଅଭ୍ୟାସଯୋଗରେ ସାଧନକଲେ, ଶରୀରରେ ଏହି ବୈଧିର୍ଭ କୋଷ ଓ ସ୍ନାୟୁର ସଞ୍ଚାର ହୁଏ । ଧ୍ରୁବର ଅର୍ଥ ଦୃଢ଼, ନୀତିବାନ, ଧୈର୍ଯ୍ୟଶୀଳ, ସାହସୀ, ଅଟଳ । ଏ ସକଳ ଅବସ୍ଥାପନ୍ନ ସ୍ୱଭାବକୁ ଧ୍ରୁବ କୁହାଯାଏ । ଏହା ଜୀବବ୍ରହ୍ମର ସ୍ୱଭାବ ଅଟେ ।। ଉତ୍କଳ ବୋଇଲେ ସୌମନ୍ତ୍ରିକ ସ୍ନାୟୁକୋଷ । ଏହା ଇଂଳା, ପିଂଳା ଓ ସୁଷୁମ୍ନାର କେନ୍ଦ୍ରସ୍ଥଳରେ ଅବସ୍ଥିତ । ସୁଯଜ୍ଞ ବା ସୁବୁଦ୍ଧି ପିଣ୍ଡ ମଧ୍ୟରେ ଷଡ଼ଚକ୍ର ଭେଦ ସାଧନ ଯୋଗକ୍ରିୟା ଅବସ୍ଥାରେ ବ୍ରହ୍ମଦଣ୍ଡ ମଧ୍ୟରେ ମୂଳାଧାରରୁ ଆରମ୍ଭ କରି ବିଶୁଦ୍ଧାଖ୍ୟ ଦେଇ ଆଜ୍ଞାମଣ୍ଡଳ ପର୍ଯ୍ୟନ୍ତ ସବୁସ୍ଥାନରେ ବିଚରଣ କରିପାରେ । ବ୍ରାହ୍ମଣଗଣ ବୋଇଲେ ବ୍ରହ୍ମଙ୍କର ଉପାସ୍ୟଭାବକୁ ବୁଝାଏ । ବ୍ରହ୍ମାଣ୍ଡ ମତରେ ଗୋତ୍ରାଦିଗଣ, ମୁନୀ ଓ ଋଷି । ପିଣ୍ଡ ତତ୍ତ୍ୱରେ ଅମୌଷ୍ଠୀ ସ୍ନାୟୁ । କୋଷ ମଧ୍ୟରୁ ଯୋଗ ପର୍ଯ୍ୟାୟରେ ଏହା ଦେହରେ ସ୍ୱତଃ ସୃଷ୍ଟି ହୁଏ ଓ ସୁବୁଦ୍ଧିର ପରିଚର୍ଯ୍ୟା ଲାଭକରେ । ଏହା ଦେହରେ ରହି ସକଳ ସତ୍ କାର୍ଯ୍ୟାନୁଷ୍ଠାନର ଫଳ ସର୍ବଦା ଗ୍ରହଣ କରନ୍ତି । ଦେବଗଣର ଅର୍ଥ ହେଉଛି, ଓିଘୋଦ୍ୟ ନାଡ଼ୀଗୁଚ୍ଛ । ଏମାନଙ୍କର କାର୍ଯ୍ୟ ହେଉଛି, ମାୟାଠାରୁ ଦୂରରେ ରହି ବ୍ରହ୍ମଙ୍କ ନିକଟକୁ ଧ୍ୱନି ଦିଅନ୍ତି । ଓଁକାର ଧ୍ୱନିକୁ ସଂପ୍ରସାରଣ କରି ଅକ୍ଷରତତ୍ତ୍ୱରେ ଅନେକ ହୁଅନ୍ତି । ପିଣ୍ଡରେ ତ୍ରିକୂଟର ଆଶ୍ରୟସ୍ଥଳୀ ଭାତ୍ଟକ ସ୍ନାୟୁକୁ ରନ୍ ସିଂହାସନ କୁହାଯାଏ । ରାଜକାର୍ଯ୍ୟ ବୋଇଲେ, ଜୀବ ରଜଗୁଣରୁ କେତେକ ରାଜକୀୟ ଭାବର ସୃଷ୍ଟି ହୁଏ, ତନ୍ମଧ୍ୟରୁ ରାଜକର୍ମକୁ ରାଜକାର୍ଯ୍ୟ

ବୋଲାଯାଏ । ତ୍ରମ୍ବକ ସ୍ନାୟୁ ଏସବୁର କାର୍ଯ୍ୟକୁ ନିୟନ୍ତ୍ରଣ କରେ । ଏହି ଅବସ୍ଥାରେ ସୁବୁଦ୍ଧି ନିକଟରେ ଇନ୍ଦ୍ର ଅର୍ଥାତ୍ ଜୀବ ଦେହରେ



କାର୍ଯ୍ୟକରୁଥିବା ୨୪ ପ୍ରକାର ମାୟା ମଧ୍ୟରୁ ଐନ୍ଦ୍ରିୟ ମାୟା, ଯାହା ଯୋଗୀର ସାଧନ ପଥରେ ଭ୍ରମାତ୍ମକ ଭାବ ସୃଷ୍ଟି କରେ ତାହା; ଚନ୍ଦ୍ର ଅର୍ଥାତ୍, ଐକାରକ ଚକ୍ଷୁ, ଚନ୍ଦ୍ରାଣି ଦର୍ଶନସୂତ୍ର, ଗୁରୁନ୍ଦକ ସ୍ନାୟୁକୋଷ, ରୁଦ୍ର ଅର୍ଥାତ୍, ଜ୍ଞାନ ବିଜ୍ଞାନକୋଷ; ବ୍ରହ୍ମା ଅର୍ଥାତ୍ ବ୍ରହ୍ମତୈତେରୀୟ ଶବ୍ଦଭେଦ ସ୍ନାୟୁ; ବିଷ୍ଣୁ ଅର୍ଥାତ୍ ବ୍ରହ୍ମ ଶ୍ୱେତୌତରୀୟ ଯନ୍ତ୍ର, ମନ୍ତ୍ର ତନ୍ତ୍ର ଶକ୍ତିର ଚାଳନ କ୍ରିୟା (ଏହା ଏହି ଗଚ୍ଛାଂଶରେ ବିଷ୍ଣୁଙ୍କୁ ବୁଝାଏ); ମାନବାଦି ଅର୍ଥାତ୍, ମୌଦ୍ୟକସ୍ତୁ ସ୍ନାୟୁକୋଷ ଯାହା ବ୍ରହ୍ମଦେବଙ୍କୁ ସ୍ମରଣ କରିବାରେ ସହାୟକ ତାହା; ଉପସ୍ଥିତ ରହି ରାଜସଗୁଣ ସମ୍ପନ୍ନ କାର୍ଯ୍ୟନିର୍ବାହରେ ସହଯୋଗ କରନ୍ତି । ଜୀର୍ଣ୍ଣଶୀର୍ଣ୍ଣ ମଳିନବସନ ବ୍ରାହ୍ମଣ ବୋଇଲେ, ଓଁର୍ଜେୟ ସ୍ନାୟୁ ଓ କୋଷଦ୍ୱାରା ନିୟନ୍ତ୍ରିତ ବିକାର କୃତ୍ୟକର୍ମ ସକଳ । ଏମାନେ ଜୀବକୁ ପ୍ରକୃତିର କୁମାର୍ଗ ଭାବରେ ପରିଚାଳିତ କରନ୍ତି । ଯୋଗୀ ଯୋଗମାର୍ଗରେ ଥାଇ ମଧ୍ୟ ଏହାର ପ୍ରଭାବକୁ ତାଡ଼ନ କରି ପାରନ୍ତି ନାହିଁ । ପିଣ୍ଡ ମଧ୍ୟରେ ସୁବୁଦ୍ଧି ମଧ୍ୟ ଏହାକୁ ଚିହ୍ନି ନ ପାରି ଭ୍ରମରେ ପଡ଼େ । ସର୍ବଶୂନ୍ୟ ହେବାର ଅର୍ଥ ବ୍ରହ୍ମଙ୍କ କଳେବର ଅବସ୍ଥାରେ ପ୍ରକୃତି ବିକାରଶୂନ୍ୟ ହୋଇଯିବା ଅବସ୍ଥା । ଲକ୍ଷ୍ମୀ ହେଉଛନ୍ତି ନିତ୍ୟ, ସତ୍ୟ, ନିଷ୍ଠା ବୌଦିତତ୍ତ୍ୱର ମାୟା । ବୁଦ୍ଧିଭ୍ରଂଶ ହେବାର ତାତ୍ପର୍ଯ୍ୟ ହେଉଛି ଯୋଗୀର ବିକାରଦମନ ହେବା ଓ ତମ ଓ ରଜଗୁଣର ଭାବ ନ୍ୟୂନ ହୋଇ କ୍ରମଶଃ ବିକାର ଶୂନ୍ୟ ହୋଇଯିବା । ବାର୍ଦ୍ଧକ୍ୟ ଆକ୍ରମଣ କରିବା ବୋଇଲେ, ଯୋଗୀ ପିଣ୍ଡର ପ୍ରକୃତିଗଣ ଦୁର୍ବଳ ହୋଇଯିବା, ସ୍ନାୟୁ କୋଷ ନିସ୍ତେଜ ହୋଇଯିବାକୁ ବୁଝାଏ ।

ଏବେ ଗଚ୍ଛାଂଶରେ ବର୍ଣ୍ଣିତ ଋଷିମୁନିଗଣଙ୍କର ପିଣ୍ଡତତ୍ତ୍ୱରେ ପରିଚୟ ସମ୍ପର୍କରେ ଆଲୋଚନା କରିବା । ସନତ୍ କୁମାର ହେଉଛନ୍ତି ସଦ୍‌ମତିର ଜ୍ଞାନ । ପିଣ୍ଡମତରେ ଏହା ମତୈତରୀୟ ତତ୍ତ୍ୱଜ୍ଞାନ । ପୁଲସ୍ତ୍ୟ ହେଉଛନ୍ତି ପ୍ରଦ୍ୟୋତତ୍ତ୍ୱଜ୍ଞାନ । ପିଣ୍ଡରେ ପରା କେନ୍ଦ୍ରରେ ଏହାର ଅବସ୍ଥିତି । ଏହା ସ୍ୱର ଶବ୍ଦକୁ କ୍ରମ ଅନୁଯାୟୀ ସଜାଡ଼ି ରଖେ । ପୁଲହର ଅର୍ଥ ଅଗୌଳି ତତ୍ତ୍ୱଜ୍ଞାନ । ଏହି ଜ୍ଞାନ ତତ୍ତ୍ୱ ପିଣ୍ଡରେ ପଶ୍ୟତିରେ ଇଙ୍ଗିତ କରାଏ । ଅଙ୍ଗିରା ହେଉଛି ଭୌରୀ ତତ୍ତ୍ୱଜ୍ଞାନ । ଏହା ମଧ୍ୟ ପଶ୍ୟତିରୁ ଉଦୟ ହୋଇ ଭୌରୀକୁ ପୁଞ୍ଜିଭୂତ କରି ଇଡ଼ା ନାଡ଼ିକୁ ଗତିକରେ । ମରୀଚି ବୋଇଲେ ମୌନି ତତ୍ତ୍ୱଜ୍ଞାନ । ଇଡ଼ା ପିଣ୍ଡ ମଧ୍ୟରେ ମୌନି ତତ୍ତ୍ୱଜ୍ଞାନକୁ ପିଙ୍ଗଳାରେ ପହଞ୍ଚାଇ ଜୀବ (ଯୋଗୀ) ମଧ୍ୟରେ ବିସ୍ତାର ଜ୍ଞାନ ଉଦୟ କରାଏ । କ୍ରତୁ ହେଉଛନ୍ତି କୁଣ୍ଡଳି ତତ୍ତ୍ୱଜ୍ଞାନ । ଏହା ସୁଷୁମ୍ନା ନାଡ଼ି ପଥରେ ନାଦବ୍ରହ୍ମଙ୍କ ବାଟଦେଇ ଶବ୍ଦମତିକୁ ଆସି ଠୁଳ ବୁଦ୍ଧି ସୃଷ୍ଟି କରାଏ । ଭୃଗୁ ହେଉଛନ୍ତି ବ୍ରହ୍ମର୍ଷି । ପିଣ୍ଡରେ ଭୂତତ୍ତ୍ୱ ବ୍ରହ୍ମଜ୍ଞାନ ଉଦୟ କରାଇ ଯୋଗୀର କୁଣ୍ଡଳିନୀ ଜାଗ୍ରତ କରାଏ । କଶ୍ୟପ ବୋଇଲେ କର୍ଣ୍ଣତତ୍ତ୍ୱଜ୍ଞାନ । ଏହା ଐଧିତ୍ୟକ ସ୍ନାୟୁ ଦ୍ୱାରା ଶ୍ରବଣ ପଥରେ ଯୋଗଦିଏ । ପ୍ରଚେତା ହେଉଛି ଚିତ୍ତ ଓ ପଞ୍ଚବିଂଶ ଅବସ୍ଥା । ଏହା ଭୁର୍ବେସ୍ତୁ ସ୍ନାୟୁର ସହଯୋଗରେ ଯୋଗୀ ଶରୀରରେ ସ୍ଥୂଳ ବିବେକରେ ପରିଣତ ହୋଇ ଠୁଳ ହୁଏ । ବଶିଷ୍ଠ ବୋଇଲେ ବ୍ରହ୍ମଜ୍ଞାନ ତତ୍ତ୍ୱ । ଏହାଯୋଗୀ ଦେହରେ ନୈନିଦ୍ରିୟ ସ୍ନାୟୁକୋଷରେ ଠୁଳ ଅବସ୍ଥାରେ ଅବସ୍ଥାନ କରେ । ଶୁକ୍ରର ଅର୍ଥ ଅଧିତୀୟ ବ୍ରହ୍ମ । ଏହା ବୁଦ୍ଧିଶ୍ରେଷ୍ଠ ଅଟେ । ଏହାଯୋଗୀର ପୂର୍ଣ୍ଣ ଅଂଗରେ ଥାଏ । ଅବସ୍ଥାଭେଦରେ ଯୋଗୀ ପିଣ୍ଡରେ ଏହାର ଅଂଶ ପରିବର୍ତ୍ତିତ ହୋଇ ଶବ୍ଦ ବ୍ରହ୍ମ ସୃଷ୍ଟି କରେ । ବୃହସ୍ପତି ହେଉଛି ଗ୍ରହଦୀୟ ସ୍ନାନସୌରୀ ସ୍ନାୟୁରେ ବିଚରଣ କରୁଥିବା ବୌଧ୍ୱନି କର୍ମପ୍ରବାହ । ଏହା ଯୋଗୀର ବ୍ରହ୍ମ ରନ୍ଧ୍ରରେ ଅନୁଭୂତ ହୁଏ । ଏହା ମଧ୍ୟ ଜୀବର ଜନ୍ମମୃତ୍ୟୁରେ ସାହାଯ୍ୟ କରେ । ଗୌତମର ଅର୍ଥ ନ୍ୟାୟ, ସଂଯତ, ଧୀରେ ଅବସ୍ଥିତ ଜ୍ଞାନ । ଏହା ଯୋଗୀ ପିଣ୍ଡରେ ଶୌକ୍ୟତ ସ୍ନାୟୁଦ୍ୱାରା ପବନ ଚାଳନାରେ ସାହାଯ୍ୟ କରେ ଏବଂ ଉତ୍ତମ କର୍ମାନୁଷ୍ଠାନରେ ଗରିଷ୍ଠ ଭାବେ ସତ୍‌କାର୍ଯ୍ୟ ସମ୍ପାଦନରେ ସହଯୋଗୀ ହୁଏ । ଦୁର୍ବାସା ବୋଇଲେ ଯୋଗୀର କ୍ରୋଧ ନିର୍ବାହ । ଏହା କୌଧ୍ୱନ ସ୍ନାୟୁ କୋଷଦ୍ୱାରା ପରିଚାଳିତ ହୋଇ ଅସତ୍, ଅସଂଯତ୍, ମାୟାମୋହ ଆସକ୍ତ କର୍ମ, ଭାବ, ଚିନ୍ତା, ବଚନର ବିରୋଧ କରେ । ଋଷ୍ୟଶୃଙ୍ଗ ହେଉଛି ବାଙ୍ମୟ ସ୍ନାୟୁ । ଏହାର ପ୍ରକୃତି ଚପଳ, କର୍ମରେ ବିଚକ୍ଷଣ ଓ ଏହା ଚିତ୍ତକୁ ବୃତ୍ତି ନିୟନ୍ତ୍ରଣରେ ବଳଶାଳୀ କରେ । ଯୋଗୀର ସମାଧି ଅବସ୍ଥା ପରେ ଏହା କାର୍ଯ୍ୟ କରିଥାଏ ଓ ସତ୍ ଚରିତ୍ର ଉପରେ ଆଧାର ତୋଳେ । ପୁଣି ବ୍ରହ୍ମଙ୍କ ପାଇଁ ସତ୍ ବିକାରୀୟ ନୀତି ତୋଳେ । କାତ୍ୟାୟନ ବୋଇଲେ ବିକୃତୀୟ ମାୟା । ଏହାର ସଂସ୍ପର୍ଶରେ ଆସିଲେ ଏହା ଯୋଗୀର ଯୋଗ ଭ୍ରଷ୍ଟ କରେ । ସନନ୍ଦ ଓ ସନାତନ ହେଉଛନ୍ତି ବ୍ରହ୍ମବାଲ୍ୟ ଅବସ୍ଥା । ଏହା ବ୍ରହ୍ମଜ୍ଞାନର ସୁଖକୁ ବୁଝାଏ । ଏମାନେ ପଞ୍ଚବାଳକ ଅବସ୍ଥାରେ ମହାଶୂନ୍ୟରେ ଥାଆନ୍ତି । ବ୍ରହ୍ମ ପ୍ରଳୟ ହେଲେ, ମର୍ତ୍ତ୍ୟଧାମକୁ

ପ୍ରଥମଜ୍ଞାନ ଏମାନଙ୍କ ମଧ୍ୟ ଦେଇ ଖସେ । ଯୋଗୀର ସମାଧିସ୍ତରର ଅନ୍ତିମ ପର୍ଯ୍ୟାୟରେ ପରାଠାରୁ ବୈଖାରୀ ପର୍ଯ୍ୟନ୍ତ ସମସ୍ତ କେନ୍ଦ୍ରରେ ଏହି ବ୍ରହ୍ମଜ୍ଞାନ ପ୍ରକାଶ ପାଏ । ପରାଶରର ଅର୍ଥ ବ୍ରହ୍ମଙ୍କର ନିତ୍ୟସାଧନ ପଥ । ଯୋଗୀର ରଜଭାବର କର୍ମ । ଜରତ୍କାରୁ ବୋଇଲେ ଧୌମ୍ୟ ସ୍ନାୟୁ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ତମ ଓ ରଜଗୁଣ ମିଶ୍ରିତ ଭାବର କର୍ମ । ଭରଦ୍ୱାଜ ହେଉଛନ୍ତି ଉର୍ଦ୍ଧ୍ୱବାୟୁର ଜ୍ୱାଳା । ବିଭାଣ୍ଡକର ଅର୍ଥ ରୟିର ଅବସ୍ଥା ଭୋଗରେ ଯୋଗୀଠାରେ ପରିଲକ୍ଷିତ ଗୁଣକ୍ରିୟା । ଏହି ଉଭୟ ଜ୍ୱାଳା ଓ ଗୁଣ କ୍ରିୟା ଯୋଗୀର ସମାଧି ପର ଅବସ୍ଥାରେ ଧୃତ୍ୟକଭାବ ଦ୍ୱାରା ପରିସ୍ଫୁଟିତ ହୁଏ । ମାର୍କଣ୍ଡେୟର ଅର୍ଥ ତର୍ଜ୍ଜରୀକା ସ୍ନାୟୁ । ଯୋଗୀର ସାଧନାମାର୍ଗରେ ଏହା ବାହ୍ୟଜ୍ଞାନ ଶୂନ୍ୟ କରେ । ଦେବଳ ହେଉଛି ବ୍ରହ୍ମରନ୍ଧ୍ରରେ ବିଦ୍ୟମାନ ବ୍ରହ୍ମଶକ୍ତି । ଏହା ତ୍ରିବେଣୀ (ଇଂଳା, ପିଂଳା, ସୁଷୁମ୍ନାର ମିଳନ ସ୍ଥଳ)ରେ ଚେତା ଆଣେ । ନୈଗିସବ୍ୟ ବୋଇଲେ ଯୋଗୀର ଯୋଗାରୂଢ଼ ଅବସ୍ଥାରେ ଶରୀରକୁ ଜଡ଼ରେ ପରିଣତ କରୁଥିବା ବାହ୍ଧିତ୍ୟ ସ୍ନାୟୁ । ଏହା ସାହାଯ୍ୟରେ ଯୋଗୀ ଯୋଗସ୍ଥାପନରେ ବାହ୍ୟଜ୍ଞାନ ଶୂନ୍ୟ ହୋଇ ବ୍ରହ୍ମରେ ଲୟ ରଖେ । ବାଲ୍ମୀକି ହେଉଛନ୍ତି ଆଜ୍ଞା ଚକ୍ରରେ ଅବସ୍ଥିତ ବ୍ରହ୍ମଧୃତି ସ୍ନାୟୁ କୋଷ । ଏହା ରାମ ତାରକ ବ୍ରହ୍ମର ଅଂଶ ବିଶେଷ ହୋଇଥିବାରୁ ଯୋଗୀର ଯୋଗାରୂଢ଼ ଅବସ୍ଥାରେ ଯୋଗଦର୍ଶନରେ ପୂର୍ଣ୍ଣ ସହଯୋଗ କରେ । ଆସ୍ତିକ ବୋଇଲେ ନୌମୁଦ୍ୟତ କୋଷ ସ୍ନାୟୁ । ଏହା ଶବ୍ଦବ୍ରହ୍ମ ଭେଦ ସୂତ୍ର କ୍ରିୟା ସଂପାଦନରେ ଯୋଗୀକୁ ସହଯୋଗ କରେ । ବ୍ରହ୍ମାଙ୍କର ଅଥ ଓଁକାର ନାଦବ୍ରହ୍ମ । ଏହା ପିଣ୍ଡତତ୍ତ୍ୱମତରେ ଶରୀରସ୍ଥ କୌଧିମ ସ୍ନାୟୁକୋଷକୁ ବୁଝାଏ । ଅମର ହେଉଛି ରୈନ୍ଧିକ ସ୍ନାୟୁ । ଏହା ଆତ୍ମା ବା ବ୍ରହ୍ମଙ୍କୁ ବୁଝାଏ । ଦେହ ନଷ୍ଟ ହୋଇଗଲେ, ଏହା ସୂକ୍ଷ୍ମାଂଶରେ ମହାଶୂନ୍ୟକୁ ଗତିକରେ । ଗୁଣଧର ବୋଇଲେ, ବିଜ୍ଞୌଦ୍ରିକ କୋଷ ବା ସ୍ନାୟୁ । ଏହା ଜ୍ଞାନ କ୍ରୋଡ଼ରେ ଥାଏ । ଏହା ଜୀବର ପ୍ରତ୍ୟେକ ସ୍ଥୂଳ ଓ ସୂକ୍ଷ୍ମ ଜ୍ଞାନ ଏବଂ ବୁଦ୍ଧିକୁ ସାଇତି ରଖେ । ପରଂବ୍ରହ୍ମ ଦର୍ଶନକୁ ବିଶ୍ୱରୂପ ବୋଲାଯାଏ । ଏହା ପିଣ୍ଡର ସର୍ବୋଚ୍ଚକକ୍ଷ ସ୍ନାୟୁ କୋଷ ଅଟେ । ସୁତପା ହେଉଛି ଦିବ୍ୟଚକ୍ଷୁ । ପିଣ୍ଡରେ ଏହାକୁ ଦୃଶୌରୀ ସ୍ନାୟୁକୋଷ କୁହାଯାଏ । ଜନାର୍ଦ୍ଦନ ହେଉଛି ପୋଷକ ସ୍ନାୟୁ । ଏହା ଗ୍ରହ ରୂପରେ ରହି ଗ୍ରହ ବିଚରଣ କର୍ମ କରନ୍ତି । ପ୍ରତ୍ୟେକ ଗ୍ରହ ଚାଳନାରେ ଏହା ସାହାଯ୍ୟକରେ ।

ସାଧୁ ବୋଇଲେ ସିଦ୍ଧ ଶରୀରକୁ ବୁଝାଏ । ଏହା ପିଣ୍ଡରେ ଅନ୍ତୌଶ୍ୱରୀ ସ୍ନାୟୁ ନାମରେ ଖ୍ୟାତ । ଯୋଗୀପିଣ୍ଡରେ ଏହା ସାଧୁନୀତି ଅବଲମ୍ବନ କରିବାରେ ସାହାଯ୍ୟ କରେ । ସାଧୁସଙ୍ଗର ଅର୍ଥ ହେଉଛି ଅନ୍ତୌଶ୍ୱରୀ ସ୍ନାୟୁର କୋଷ ସହିତ ସମ୍ମିଳିତ ହେଲେ ଦୃଶୌରୀ ସ୍ନାୟୁକୋଷ ବ୍ରହ୍ମଦର୍ଶନ କରିବାରେ ଯୋଗୀଙ୍କୁ ସହାୟକ ହୁଏ । ଏହାଫଳରେ ଯୋଗୀ ବ୍ରହ୍ମରେ ବିଚରଣ କରି ବ୍ରହ୍ମଚାରୀ ବୋଲାନ୍ତି । ପୁନଶ୍ଚ ଏହା ଜୀବ ଭାବକୁ ଆସି ଶରୀର ଧର୍ମ ରକ୍ଷାକରେ ଓ ଯୋଗରୂଢ଼ ଅବସ୍ଥାରେ ସ୍ୱଭାବତଃ ଚୈତନ୍ୟକର୍ମରେ ସହଯୋଗ କରେ ।

କାର୍ତ୍ତିକ ପୂର୍ଣ୍ଣିମାର ଅର୍ଥ ହେଉଛି, ସତ୍ୟରେ ବିଚରଣ । ଶାନ୍ତିଧାମ ପ୍ରତିଷ୍ଠା । ଦୟାଅବତାର ଓ କ୍ଷମାଶୀଳ ହେବା ଧାମ ହିଁ କାର୍ତ୍ତିକ ପୂର୍ଣ୍ଣିମା । ଯୋଗୀ ଦେହରେ ନିମ୍ନୌରୀ କୋଷ ଦ୍ୱାରା ଏହା ବାସ୍ତବରୂପ ପରିଗ୍ରହ କରେ । ଜୀବ ଏହି କୋଷବଳରୁ ଧର୍ମଧାରା ଗ୍ରହଣ କରେ । ଧାରାରେ ଚଳି ଜୀବ ଆଚରଣ ରକ୍ଷାକଲେ, ପୂର୍ଣ୍ଣ ଅବସ୍ଥା ପ୍ରାପ୍ତ ହୋଇ ନିର୍ବିକଳ୍ପ ସମାଧି ସ୍ତରରେ ଉପନୀତ ହୋଇପାରେ । ଏହାଦ୍ୱାରା ତ୍ରିକୂଟରେ ଧାମ ବା ପୀଠ ପ୍ରତିଷ୍ଠା ସମ୍ଭବ ହୁଏ ।

ସାଧାରଣ ଜୀବ ଧରାପୃଷ୍ଠରେ ଜନ୍ମହୋଇ ପୂର୍ବ ଜନ୍ମଜନ୍ମାନ୍ତରର ପ୍ରାରବ୍ଧ ଅନୁସାରେ କର୍ମଫଳ ଅବଶ୍ୟ ଭୋଗ କରନ୍ତି । ଜୀବ ଦେହରେ ସୂକ୍ଷ୍ମ ସୂତ୍ରୀୟ ଅଂଶରେ ବିଦ୍ୟମାନଥିବା ନିମ୍ନୌରୀ କୋଷ ଓ ସ୍ନାୟୁର ପ୍ରଭାବ ବଳଶାଳୀ ହେଲେ ଜୀବ ଧର୍ମଧାରା ଗ୍ରହଣ କରେ । ଧାରା ଗ୍ରହଣ ପରେ ଜୀବ ଅଭ୍ୟାସ କର୍ମଯୋଗର ଆଚରଣ ରକ୍ଷା କରିବାକୁ ସମର୍ଥ ହେଲେ, ନିମ୍ନୌରୀ କୋଷ ଓ ସ୍ନାୟୁ ସ୍ଥୂଳରୂପ ଧାରଣ କରେ । ଏହି ସ୍ଥୂଳ ନିମ୍ନୌରୀ କୋଷ ଓ ସ୍ନାୟୁ ପରିପକ୍ୱ ଅବସ୍ଥାପ୍ରାପ୍ତ ହେଲେ ଜୀବ ଯୋଗମାର୍ଗରେ ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱତର ସୋପାନ ଶ୍ରେଣୀ ଆରୋହଣ କରି ସମାଧି ଯୋଗାରୂଢ଼ ଅବସ୍ଥାରେ ପହଞ୍ଚିଯାଏ । ସମାଧିସ୍ତରର ଗୋଟିଏ ପରେ ଗୋଟିଏ ସୋପାନ ଚଢ଼ି ଚାଲିଲେ ଯୋଗୀ ହୃଦୟରୁ ବ୍ରହ୍ମଜ୍ଞାନ କ୍ଷରିତ ହୁଏ, ସବିକଳ୍ପ ସମାଧିସ୍ତରରେ ଯୋଗୀ ବ୍ରହ୍ମ ଉପଲବ୍ଧି କରି ଆନନ୍ଦ ଲାଭ କରେ ଏବଂ ନିର୍ବିକଳ୍ପ ସମାଧି ସ୍ତରରେ ନିରାକାର ବ୍ରହ୍ମଙ୍କର ଦର୍ଶନ ଓ ସାକ୍ଷାତ୍ ଲାଭ କରି ଜନ୍ମ ଓ ଜୀବନକୁ ଧନ୍ୟ କରିବାକୁ ସମର୍ଥ ହୁଏ ।

# ମହାପୁରୁଷ ଅଚ୍ୟୁତଙ୍କ ରଚିତ 'ଶିବକଳ୍ପ': ପଞ୍ଚମ ନିର୍ଘଣ୍ଟରୁ ଉଦ୍ଧୃତାଂଶର ବ୍ୟାଖ୍ୟା

ମହାପୁରୁଷ ଅଚ୍ୟୁତାନନ୍ଦ ନିର୍ବିକଳ୍ପ ସମାଧି ଅବସ୍ଥାରେ ରହି ମହାଘୋର କଳିକାଳରେ କଳିହତ ଜୀବମାନଙ୍କର ସାଧନଭଜନର ସହଜତମ ପ୍ରଣାଳୀ ପୂର୍ଣ୍ଣପରଂବ୍ରହ୍ମ ନିରାକାର ପୁରୁଷଙ୍କ ଠାରୁ ପ୍ରାପ୍ତ ହୋଇ ନିଜର ପ୍ରିୟ ଶିଷ୍ୟ ରାମଦାସଙ୍କୁ ଅବଗତ କରାଇଅଛନ୍ତି । ତାହା ଅଚ୍ୟୁତଙ୍କ ପ୍ରଣୀତ 'ଶିବକଳ୍ପ'ରେ ସୂତ୍ରରେ ପ୍ରକାଶିତ ହୋଇଅଛି । ସେହି ଶିବକଳ୍ପ ପଞ୍ଚମ ନିର୍ଘଣ୍ଟରୁ ଉଦ୍ଧୃତ ଏଗାରଗୋଟି ପଦର ସରଳ ସହଜ ବ୍ୟାଖ୍ୟା ଏଠାରେ ସ୍ଥାନିତ ହୋଇଅଛି ।

'ତ୍ରିଶୂଳ' ବୋଇଲେ ଏଠାରେ ତ୍ରିଗୁଣ ଅର୍ଥାତ୍ ସତ୍ତ୍ୱ, ରଜ, ତମ ଗୁଣକୁ ବୁଝାଯାଏ । ସାଧକ ସାଧନସ୍ତର ଭେଦରେ ଯଥାକ୍ରମେ ଗୋଟିଏ ଗୋଟିଏ ଗୁଣର ପ୍ରପଞ୍ଚରୁ ନିଜକୁ ସୁରକ୍ଷିତ ରଖି ଶେଷ ପର୍ଯ୍ୟାୟ ନିର୍ଗୁଣ ହୋଇ ଯିବାହିଁ ସିଦ୍ଧି ପର୍ଯ୍ୟାୟ ଅଟେ । ସେହିପରି 'ବସୁଗଣ' ବୋଇଲେ ଅଷ୍ଟାଙ୍ଗଯୋଗ ସ୍ତରର ଧ୍ୟାନରୁ ଧାରଣା ପର୍ଯ୍ୟନ୍ତ କୌଟିରୀୟ ଭାବକୁ ବୁଝାଏ । ସାଧକ ଯୋଗସାଧନ ମାର୍ଗରେ ପ୍ରଥମତଃ ସ୍ଥୂଳଧ୍ୟାନ, ସୂକ୍ଷ୍ମଧ୍ୟାନ, ସ୍ଥୂଳ ଧାରଣା ଓ ସୂକ୍ଷ୍ମ ଧାରଣା ସୋପାନ ଦେଇ କ୍ରମଶଃ ଅଗ୍ରଗତି କରିବା ବିଧେୟ । 'ପଦ୍ମାକେଶ ଦକ୍ଷିଣରେ'ର ଅର୍ଥ ଡାହାଣପଟର ନାସାପୁଡ଼ା । ଏହି ପୁଡ଼ାରେ ପବନବେଗ ଥିଲେ ତାହା ସୂର୍ଯ୍ୟାୟଣ ଅଟେ । 'କୁମାର ତୀର୍ଥ, ହେଉଛି, ଧାରଣା ସ୍ତରରୁ ସମାଧି ସ୍ତର ପର୍ଯ୍ୟନ୍ତ ସୋପାନଶ୍ରେଣୀ । ଏହା ମଧ୍ୟରେ ଯୋଗୀର ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି ସୋପାନ ରହିଅଛି । ସମାଧିସ୍ତରରେ ଉପନୀତ ହେଲେ ଯୋଗୀ ବ୍ରହ୍ମଙ୍କୁ ଅନୁଭବ କରେ । ତତ୍ପରେ ବ୍ରହ୍ମବୈବର୍ତ୍ତ ତୀର୍ଥରେ ବୁଡ଼ଦିଏ । ଏହି ସୋପାନ ଶ୍ରେଣୀ ଅତିକ୍ରମଣ କାଳରେ ଯୋଗୀ ପର୍ଯ୍ୟାୟକ୍ରମରେ ଚକ୍ରପରେ ଚକ୍ର ଭେଦି ଉର୍ଦ୍ଧ୍ୱତର ସ୍ତରକୁ ଆରୋହଣ କରେ । 'ସମୁଦ୍ର' ବୋଇଲେ ମହାଶୂନ୍ୟ । 'ବାମରେ' ଅର୍ଥାତ୍ ବାମପଟର ନାସାପୁଡ଼ା । ଯୋଗୀ ବାମ ନାସାପୁଡ଼ାରେ ପବନଗତି (ଚାନ୍ଦ୍ରାୟଣ)କୁ ଲକ୍ଷ୍ୟରେ ରଖି ମହାଶୂନ୍ୟକୁ ଧ୍ୟାନ କରିବା ଉଚିତ । ଏହି ମହାଶୂନ୍ୟର ଅବସ୍ଥା କିପରି ? ତାହା ଉଦ୍ଧୃତ ଶ୍ଳୋକାଂଶରୁ ବୁଝାଯାଏ- 'ଶୂନ୍ୟଂ ଶୂନ୍ୟଂ ମହାଶୂନ୍ୟଂ । ମହାଶୂନ୍ୟେ ନିରାକାରଂ ।' ଅର୍ଥାତ୍ ମହାଶୂନ୍ୟସ୍ଥିତ ନିରାକାର ପୁରୁଷଙ୍କୁ ଯୋଗୀ ଧ୍ୟାନ କରେ । ୧।

ଶୂନ୍ୟ ବା ଶୂନ୍ୟ ପୁରୁଷଙ୍କୁ ନାସାମୂଳ ବା ତ୍ରିକୂଟରେ ଧ୍ୟାନ କରି 'ରକ୍ତୁ' ଅର୍ଥାତ୍ 'ର' ବୋଇଲେ ଚକ୍ଷୁ ଏବଂ 'କ୍ତୁ' ବୋଇଲେ ଜ୍ୟୋତି ଅର୍ଥାତ୍ ଚକ୍ଷୁର ଜ୍ୟୋତିକୁ ତ୍ରିକୂଟରେ ଠୁଳ କରିବାକୁ ବୁଝାଏ । ''ଐରାବତ ତହିଁ ତଳେ''ର ଅର୍ଥ ହେଉଛି ହସ୍ତଦ୍ୱୟକୁ ହୃଦୟଦେଶ ତଳେ ନାଭି ପାଖରେ ମୁଦ୍ରାରେ ରଖି ଧ୍ୟାନସ୍ଥ ହେବା । 'ବ୍ରହ୍ମନାୟତରୀ'ର ଅର୍ଥ- ଯୋଗୀନ୍ଦ୍ରସୁସ୍ନାୟୁ । ଏହା ନାଭିଠାରୁ ତାଳୁ ପର୍ଯ୍ୟନ୍ତ ବିସ୍ତାର ଲାଭ କରି ରହିଅଛି । ଏହି ଅବସ୍ଥା ଯୋଗୀକୁ ଯୋଗଧ୍ୟାନ ମାର୍ଗରେ ସ୍ଥିରକରେ । ଫଳତଃ ଯୋଗୀ ଏହାର ସହାୟତା ଲାଭ କରି ଅକ୍ଷର ବ୍ରହ୍ମର ଉପଲବ୍ଧ କରିପାରେ । ଶୀର୍ଷାସନ ଦ୍ୱାରା ଦେହକୁ ଓଲଟ ବୃକ୍ଷ କଲେ, ଯୋଗୀନ୍ଦ୍ରସୁସ୍ନାୟୁ ତାଳୁ ଠାରୁ ନାଭି ପର୍ଯ୍ୟନ୍ତ ପାହଚଶ୍ରେଣୀ ପରି ଦୃଶ୍ୟମାନ ହୁଏ ଓ ଓଁକାରରୂପୀ ବେଦ ଭୂତଳେ ସ୍ଥିତ ହୋଇ ଶରୀରର ଭିଳି ସ୍ୱରୂପ ଦୃଶ୍ୟମାନ ହୁଏ । ଏହା ଯୋଗୀଦେହରେ ମୃଣୌଧୃତି ସ୍ନାୟୁର ରୂପନିଏ ।।୨।।

ଓଢ଼ଣୀ ହେଉଛି ଇଡ଼ା ଓ ବେଢ଼ଣୀ ହେଉଛି ପିଙ୍ଗଳା ନାଡ଼ି । ଏହି ଦୁଇନାଡ଼ି ଯୋଗୀ ଦେହରେ ଉଭୟେ ଉଭୟ ସହିତ ଛନ୍ଦି ରହି ସୁଷୁମ୍ନା କାଣ୍ଡରେ ବ୍ରଜଛନ୍ଦ ବା ବଂଶୀସ୍ୱନର ଛନ୍ଦ ସୃଷ୍ଟି କରେ । ତେତ୍ରିଶ କିଳିଣି ବୋଇଲେ, ଯାତୃଧୀୟ ସ୍ନାୟୁକୋଷକୁ ବୁଝାଯାଏ । ଏହା ବ୍ରହ୍ମଙ୍କର ମାୟା କବାଟ । ଯୋଗୀ ଏହି ଯାତୃଧୀୟ ସ୍ନାୟୁକୋଷ ବଳରେ ନିଜଦେହକୁ ବାହ୍ୟମାୟାରୁ ସୁରକ୍ଷିତ କରି ନିଜ ଦେହମଧ୍ୟସ୍ଥ ଦିଅଁ ବା ବ୍ରହ୍ମଙ୍କୁ ସମାଧିସ୍ଥ ହୋଇ ଦର୍ଶନ କରେ ଓ ଆନନ୍ଦ ଉପଲବ୍ଧ କରେ ।।୩।।

ଅଷ୍ଟବସୁ ବୋଇଲେ ଅଷ୍ଟପାଟବଂଶୀ । ଗୋରଚନାର ଅର୍ଥ ନୀତି ଧୌତିକବାଣୀ । ଏହାଯୋଗୀ ଶରୀରର 'ପଶ୍ୟତି'ରେ ସର୍ବଦା ବିରାଜମାନ କରିଥାଏ । ସପ୍ତଫେଣୀ ବୋଇଲେ ମହାକାଳ । ବୈଶ୍ୟନ୍ତଶ୍ୟ ସ୍ନାୟୁକୋଷ । ଏହା ବ୍ରହ୍ମଙ୍କୁ ରଖେ । ଯୋଗୀ ଯୋଗସାଧନ ମାର୍ଗରେ ଅଗ୍ରସର ହେବା ଅବସ୍ଥାରେ କୋଷ ଶୁଦ୍ଧି, କୋଷସିଦ୍ଧି, ସ୍ନାୟୁ ଶୁଦ୍ଧି ଓ ସ୍ନାୟୁ ସିଦ୍ଧି କରି ପରଂବ୍ରହ୍ମଙ୍କୁ

ଆକାଶ ଅର୍ଥାତ୍ ଆଜ୍ଞାଚକ୍ରରେ ଧ୍ୟାନକରେ । ଯୋଗୀ ଷଡ଼ଚକ୍ର ସାଧନାରେ କୁଣ୍ଡଳିନୀକୁ ଊର୍ଦ୍ଧଗାମୀ କରି ଶେଷଚକ୍ରରେ ପହଂଚି ପାରିଲେ ଜ୍ଞାନମୟ ସ୍ଥିତିର ଅନୁଭୂତି ଲାଭକରେ ।।୪।।

ନାମବ୍ରହ୍ମ ହିଁ ନାଦବ୍ରହ୍ମ । ଶବ୍ଦ ବୋଇଲେ ନାଦ । ନିଃଶ୍ୱାସ ପ୍ରଶ୍ୱାସ ସହିତ ଏହି ନାଦ ସ୍ୱତଃ ଘୋଷିତ ହେଉଅଛି । ତ୍ରୟବୀଜ ବୋଇଲେ ହ୍ରୀଂ, କ୍ଳୀଂ, ଶ୍ରୀଂ । ଷଡ଼ବୀଜ ବୋଇଲେ ଷଡ଼ାକ୍ଷର ମନ୍ତ୍ର-ହରି, କୃଷ୍ଣ, ରାମ । ଏହା ଜପ ଧ୍ୟାନରେ ଅଭ୍ୟାସ କଲେ, ବେଦମାତ ଅର୍ଥାତ୍ ଆଦିମାତା ଶକ୍ତିମୟୀ ଦୁର୍ଗା ଓ ଗାୟତ୍ରୀ ଦେବୀ । ଯୋଗୀ ଯୋଗଧ୍ୟାନରେ ଯୋଗମାୟାଙ୍କୁ ସନ୍ତୁଷ୍ଟ କରି ଯୋଗାଭ୍ୟାସ ଅବସ୍ଥାରେ ତାଙ୍କର କରୁଣା ଓ କଲ୍ୟାଣ ଲାଭ କରି ସିଦ୍ଧିପଦ ଲାଭକରେ ।।୫।।

ତ୍ରିବେଣୀ ବୋଇଲେ ଇଂଳା, ପିଂଳା, ସୁଷୁମ୍ନାର ମିଳନସ୍ଥାନ । ଗଙ୍ଗା (ଦକ୍ଷିଣପୁଡ଼ା) ଯମୁନା (ବାମପୁଡ଼ା) ଓ ସରସ୍ୱତୀ (ମଧ୍ୟସ୍ଥଳ)ର ମିଳିତବାୟୁ । ଏହା ତ୍ରିକୂଟ ଅର୍ଥାତ୍ ଇଂଳା, ପିଂଳା ସୁଷୁମ୍ନାର ସନ୍ଧିସ୍ଥଳରେ ଜଳୁଥିବା ଜ୍ୟୋତିଃକୁ ଲିଭାଇବା ପାଇଁ ଅର୍ଥାତ୍ ପରଂବ୍ରହ୍ମଙ୍କୁ ଶରୀରରୁ କାଢ଼ି ନେବା ପାଇଁ ସଦା ସର୍ବଦା ଚେଷ୍ଟା କରୁଥାଏ । ତ୍ରିଗୁଣ ଅର୍ଥାତ୍ ସତ୍ତ୍ୱରଜ, ତମଗୁଣର ବନ୍ଧନକୁ ତ୍ୟାଗ କରି ଯୋଗୀ ତ୍ରିପୁରା ବୋଇଲେ ଆଦିମାତା ଯୋଗମାୟାଙ୍କୁ ସେବାକରି ଆପଣାର ମନକୁ ଅମନ ବୋଇଲେ ଆକାଶ ତତ୍ତ୍ୱ ବା ଶୂନ୍ୟ ତତ୍ତ୍ୱରେ ଗଳାଇ/ପୂରାଇ ଅ-ମନ ଶିଖରରେ ଅବସ୍ଥିତ ବିନ୍ଦୁ ଉପରେ ଥିବା ଅଲେଖପୁରରେ ସ୍ଥିର ରଖି ମୃତ୍ୟୁକୁ ମଧ୍ୟ ଜୟ କରିପାରେ । ଶାସ୍ତ୍ରକହେ: 'ମରଣଂ ବିନ୍ଦୁପାତେନ । ଜୀବନଂ ବିନ୍ଦୁ ଧାରଣାତ୍ ।' ଏହା କେବଳ ଯୋଗୀର ବୀର୍ଯ୍ୟ ଧାରଣକୁ ବୁଝାଏ ନାହିଁ । ବିନ୍ଦୁ/ବୀର୍ଯ୍ୟ ଧାରଣ ସହିତ ଜ୍ୟୋତିଃବିନ୍ଦୁରେ ମନକୁ ଧ୍ୟାନରୂଢ଼ ଅବସ୍ଥାର ସ୍ଥିର ଅଚଞ୍ଚଳ ରଖିବାକୁ ମଧ୍ୟ ବୁଝାଇଥାଏ ।

ବାରଯୁଣ ବୋଇଲେ ବାର ଯୋଜନ । ଏଠାରେ ବାର ଆଙ୍ଗୁଳି ଦୈର୍ଘ୍ୟମାପକୁ ବୁଝାଉଛି । ପ୍ରାଣ ପବନ ନାସାଦ୍ୱାରଠାରୁ ବାର ଆଙ୍ଗୁଳି ପର୍ଯ୍ୟନ୍ତ ବିସ୍ତୃତ ହୋଇ ନିଃଶ୍ୱାସ ପ୍ରଶ୍ୱାସ ସ୍ୱରୂପରେ ଇଂଳା, ପିଂଳା, ସୁଷୁମ୍ନାରେ ଆତଯାତ ହେଉଅଛି । ଗୋପବୃନ୍ଦାବନ ବୋଇଲେ ବ୍ରହ୍ମର ଲୀଳାଭୂମି, ତ୍ରିକୂଟ, ଇଂଳା,. ପିଂଳା, ସୁଷୁମ୍ନାର ସନ୍ଧିସ୍ଥଳ । ଯୋଗୀ ଯୋଗାରୂଢ଼ ଅବସ୍ଥାରେ କାମନାବାସନା ଶୂନ୍ୟ ହୋଇ ଏକାଗ୍ରଲୟରେ ବ୍ରହ୍ମଠିଁ ମନକୁ ସ୍ଥିର କଲେ, ମଥୁରାନଗର ବୋଇଲେ ଆସୁରୀକ ପ୍ରବୃତ୍ତିସ୍ଥଳ-ନାମୋଦ୍‌ଭୂତସ୍ୱାୟୁ-ଯାହା ଯୋଗୀର ଚିତ୍ତରେ ରହିଥାଏ, ସେଠାରେ ଉତ୍ପନ୍ନ ତମଭାବକୁ ରାଧିକାସୁତ ଅର୍ଥାତ୍ ଯୋଗମାୟା ସମ୍ଭୂତ କହ୍ନାଇ ବୋଇଲେ ଆତ୍ମାପୁରୁଷ ନାଶ କରିଥାଆନ୍ତି ।।୭।।

କାଳିନ୍ଦୀ ହ୍ରଦ ବୋଇଲେ ହୃଦୟଚକ୍ର । ଏହାକୁ ଅନାହତ ଚକ୍ର କୁହାଯାଏ । ଏହାଦ୍ୱାଦଶ ଦଳ ବିଶିଷ୍ଟ ପଦ୍ମ । 'ଚନ୍ଦ୍ର ସୂର୍ଯ୍ୟ ତୁଳେ କର'- ଏହାର ଅର୍ଥ ଚାନ୍ଦ୍ରାୟଣ (ବାମପୁଡ଼ା) ଓ ସୂର୍ଯ୍ୟାୟଣ (ଦକ୍ଷିଣପୁଡ଼ା)ରେ ବାୟୁ ଚଳାଚଳକୁ ବୁଝାଏ । ଦକ୍ଷିଣ ନାସାପୁଡ଼ାରେ ବାୟୁ ଚଳାଚଳ ସମୟରେ ଯୋଗଧ୍ୟାନ ନିଷେଧ । କେବଳ ବାମ ନାସାପୁଡ଼ାରେ ବାୟୁରଗତିକୁ ଲକ୍ଷ୍ୟ କରି ଯୋଗୀମାନେ ଯୋଗଧ୍ୟାନ ଜପାଦି କର୍ମ ସମାପନ କରିବା ବିଧେୟ । ଏହି ସୂତ୍ରକୁ ଜାଣି ଯେଉଁ ଯୋଗୀ ଯୋଗମାର୍ଗରେ ଗୋପନରେ ଗତି କରନ୍ତି, ସେହି ଭକ୍ତର ଅଧୀନରେ କୃଷ୍ଣ ବା ଶରୀର ମଧ୍ୟରେ ବିଦ୍ୟମାନ ଥିବା ଆତ୍ମା ବଶୀଭୂତ ହୋଇ ରହିଥାଆନ୍ତି । ତାଙ୍କର ଆତ୍ମଦର୍ଶନ ହୋଇଥାଏ ।।୮।।

ପଞ୍ଚଦଶ ମାତ୍ରା ବୋଇଲେ (୧)ବୈଧି, (୨) କୁଣ୍ଡୋସୀ, (୩) ଭରି, (୪) ସାନ୍ତ୍ୱି (୫) ସାଲୋଃବନ (୬) ଆହୋତ୍ରୀ (୭) ଇଶୋଚିନ (୮) ଉଉମା (୯) ଭ୍ରାନ୍ତା (୧୦) ମାହୁଭିନା (୧୧)ଯାର୍ତ୍ତ୍ୟକ (୧୨) ଡାଧିତ୍ରୀ (୧୩) ତୀର୍ଥକ, (୧୪) ପାର୍ତ୍ତରକ ଏବଂ (୧୫) ବ୍ରହ୍ମରନ୍ଧ୍ରୀ । ଏହି ପଞ୍ଚଦଶ ମାତ୍ରା ଅନ୍ୟ ଅର୍ଥରେ ପଞ୍ଚଭୂତ ଅର୍ଥାତ୍, କ୍ଷିତି, ଅପ୍, ତେଜ, ମରୁତ୍, ଓ ବ୍ୟୋମ; ପଞ୍ଚଗୁଣ ଅର୍ଥାତ୍, ଶବ୍ଦ, ସ୍ପର୍ଶ, ରୂପ, ରସ ଏବଂ ଗନ୍ଧ; ପଞ୍ଚଜ୍ଞାନେନ୍ଦ୍ରିୟ ଅର୍ଥାତ୍, ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍ ଅଟେ । ଏ ସକଳ ଯୋଗୀର ସମାଧି ଅବସ୍ଥାରେ ପଚିଶ ପ୍ରକୃତି (ଅର୍ଥାତ୍, ପଞ୍ଚକର୍ମଇନ୍ଦ୍ରିୟ, ପଞ୍ଚଜ୍ଞାନଇନ୍ଦ୍ରିୟ, ପଞ୍ଚଭୂତ, ପଞ୍ଚପ୍ରାଣ, ମନ, ବୁଦ୍ଧି, ଚିତ୍ତ, ଅହଂକାର ଓ ଆତ୍ମାପୁରୁଷ)ରେ ସଂଯୁକ୍ତ ହୋଇ ଯୋଗୀକୁ ସୁମାର୍ଗ ଦର୍ଶାଇ ଦିଅନ୍ତି । ଜୀବ ଯୋଗମାର୍ଗ ଅବଲମ୍ବନ କରି ମଧ୍ୟ ପ୍ରାଥମିକ ଅବସ୍ଥାରେ କୁଭାବଧରି ନାନାଦି ତ୍ରୁଟି ବିଚ୍ୟୁତି କରିଚାଲେ । ମାତ୍ର ଏହି ପଞ୍ଚଦଶ କ୍ରିୟା ଯୌଗିକ କୋଷରୁ ଉତ୍ପନ୍ନ ହୋଇ ପଚିଶ ପ୍ରକୃତିରେ ମିଶି ଯୋଗୀକୁ ଯୋଗମାର୍ଗରେ ଅବିଚ୍ଛିନ୍ନ ଭାବରେ ପରିଚାଳିତ କରି ନିର୍ବିକଳ୍ପ ସମାଧି ଅବସ୍ଥାରେ

ପହଞ୍ଚାଇ ଦେଇଥାଏ । ଏହି ଅବସ୍ଥାରେ ଯୋଗୀ ଅହରହ ବ୍ରହ୍ମଙ୍କ ସହିତ ମିଳିତ ହୋଇ ରହିଥାଏ । ଚୈତନ୍ୟର ଷୋଳକଳା ଯଥା- (୧) ଭ୍ରମରୀ (୨) ମାହୁତା (୩) ବାବାନ୍ନ (୪) ଯାଗ, (୫) ବ୍ରାହ୍ମିକ, (୬) ସଭୋରୀ (୭) ଶାରିତ୍ଭ (୮) ଅଭୋ, (୯) ନେତ୍ରଆଭ୍ର (୧୦) ମରାକ୍ସ (୧୧) ଧୌମ୍ମୀ (୧୨) ବନ୍ଦାର (୧୩) ଲହୁରି (୧୪) ଶୌଣ୍ଡୀ (୧୫) କଣ୍ଡୁରାଜ୍ୟ ଓ (୧୬) ବୃନ୍ଦାରକ । ଅନ୍ୟମତରେ (୧) ଅମୃତା (୨) ମାନଦା (୩) ପୂଷା (୪) ତୁଷ୍ଟି (୫) ପୁଷ୍ଟି (୬) ରତି (୭) ଧୃତି (୮) ଶଶୀ (୯) ଚନ୍ଦ୍ରିକା (୧୦) କାନ୍ତି, (୧୧) ଜ୍ୟୋତ୍ସ୍ନା (୧୨) ଶ୍ରୀ (୧୩) ପ୍ରୀତି, (୧୪) ଅଙ୍ଗଦା (୧୫) ପୂର୍ଣ୍ଣା ଏବଂ (୧୬) ପୂର୍ଣ୍ଣାମୃତା । ଯୋଗୀର ସମାଧି ଅବସ୍ଥାରେ ଏହି ଷୋଳକଳା ପରିପୂର୍ଣ୍ଣ ଜାଗ୍ରତ ଅବସ୍ଥାରେ ଯୋଗୀର ପିଣ୍ଡଥିବା ପର୍ଯ୍ୟନ୍ତ ରହିଥାଆନ୍ତି ॥ ଏହି ଷୋଳକଳା ନିସ୍ତେଜ ହେଲେ ପିଣ୍ଡରୁ ବ୍ରହ୍ମ ଶୂନ୍ୟ ହୋଇଯାଏ । ଦେହ ଶବରେ ପରିଣତ ହୁଏ । ବାଲ୍ୟକାଳରୁ ଚୈତନ୍ୟରେ ବ୍ରହ୍ମଜ୍ଞାନ ଉଦୟ ହେଲେ, ଏହି ଷୋଳକଳା ଦେହକୁ ଶୂନ୍ୟ କରିଦିଅନ୍ତି । ଏହି ଶୂନ୍ୟ ବଳରେ ଜନନୀର ଜରାୟୁରେ ପିଣ୍ଡ ତିଆରି ହୁଏ, ହେଉଛି । ଏହି ଅବସ୍ଥାରେ ଯୋଗୀ ଏଇଠି ଅଛି, ପୁଣି ଏଇଠି ନାହିଁ ଅବସ୍ଥାରେ ଉପନୀତ ହୁଏ । ବହୁ ସାଧୁସନ୍ଥ ମହାପୁରୁଷ ଦେହାନ୍ତ ଅବସ୍ଥା ଉପନୀତ ହେବା ପୂର୍ବରୁ ଶିଷ୍ୟବର୍ଗଙ୍କୁ ପାଖକୁ ଡ଼କାଇ କହନ୍ତି ଯେ, ମୋର ଦେହରକ୍ଷାର ସମୟ ହୋଇଗଲା । ଏହା କହି ସେହିଠାରେ ହିଁ ଶୂନ୍ୟରେ ମିଶିଯାଆନ୍ତି । ଚୈତନ୍ୟର ଷୋଳକଳା ସାହାଯ୍ୟରେ ଏହା ସମ୍ଭବ ହୁଏ । ଯୋଗୀ ଯୋଗବଳରେ ଯୋଗମାୟାଙ୍କୁ ସନ୍ତୁଷ୍ଟ କରି ଷୋଳକଳାକୁ ଶରୀର ମଧ୍ୟରେ ବନ୍ଧନ କରି ରଖି ପାରିଲେ, ଶରୀର ଧାରଣ କରି ଶତ ସହସ୍ର ବର୍ଷ ବଞ୍ଚି ରହି ପାରନ୍ତି । ଯୋଗବଳରୁ ସେମାନଙ୍କ ହୃଦୟରେ ଶୁଦ୍ଧା ଭକ୍ତିଭାବ ଉଦୟ ହୁଏ ॥୯॥

କୃଷ୍ଣ ବା ଆତ୍ମା ସହିତ ଭାବରୁ ଉତ୍ପନ୍ନ ରସ ବେଦପାଠଦ୍ୱାରା ଆସ୍ୱାଦନ କରାଯାଇପାରେ ନାହିଁ । ପୂର୍ବଜନ୍ମଜନ୍ମାନ୍ତରର ପ୍ରାରବ୍ଧ ବଳରୁ ସ୍ୱତଃ ଏହି ଆତ୍ମାଭାବ ରସ ଯୋଗୀ ପିଇ ଆନନ୍ଦଲାଭ କରେ । ଆତ୍ମାଭାବରସ ଆନନ୍ଦର ଦୟା ପ୍ରାପ୍ତ ହେଲେ ଯୋଗୀର ଶରୀର କ୍ଷୀଣ, ମଳିନ ଦେଖାଯିବ ଏବଂ ଆତ୍ମା ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହୋଇ ଝଟକି ଦିଶିବ । ବଣରେ ଫୁଲ ଫୁଟିଲେ ଯେପରି ଚଉଦିଗ ସ୍ୱବାସିତ ହୋଇଯାଏ, ଆତ୍ମାଭାବରସରେ ଆନନ୍ଦ ପାନରତ ଯୋଗୀର ପ୍ରେମମୂର୍ତ୍ତି ଓ ତ୍ୟାଗମୂର୍ତ୍ତି ମଧ୍ୟ ବାହ୍ୟ ଆଚରଣରେ ଫୁଟି ଦିଶିଯାଏ ॥୧୦॥

ତେର ବା ତ୍ରୟୋଦଶ ତତ୍ତ୍ୱ ଅର୍ଥାତ୍ ମହତତ୍ତ୍ୱ, ଅହଂକାର ତତ୍ତ୍ୱ, ମନ, ବୁଦ୍ଧି, ଚିତ୍ତ; ସତ୍ତ୍ୱ, ରଜ, ତମ ଏହି ତ୍ରିଗୁଣ, ପଞ୍ଚତନ୍ମାତ୍ରାକୁ ଠୁଳ କରି ଦ୍ୱାଦଶ ଧ୍ୱନି (ଅର୍ଥାତ୍, ଭ୍ରମର, ଝିଙ୍କାରୀ, ପାରା, କପୋତ, କୁକ୍କୁଟ, ସାରୀ, ମୟୂର, ଶଙ୍ଖ, କାଂସ, ତୂରୀ, ଘୋଘୋବାଦ୍ୟ ଓ ଘଣ୍ଟା ଶବ୍ଦ) ବାରକୁ ଘେନି ଠାବ କରିବା ଅର୍ଥାତ୍ ଲୟସ୍ଥିର କଲେ, ଋତୁ ଅର୍ଥାତ୍ ଯୋଗୀର ସମାଧି ଅବସ୍ଥାରେ ଏୖତୁକକର୍ମଜ୍ଞାନର ଦକ୍ଷିଣରେ ତ୍ରିଗୁଣ ଅର୍ଥାତ୍, ସତ୍ତ୍ୱ, ରଜ, ତମର ଅନ୍ତେ ନିର୍ଗୁଣ ବା ଗୁଣାତୀତ ଅବସ୍ଥା ଉପୁଜେ । ଏହି ଅବସ୍ଥାରେ ଯୋଗୀର ପ୍ରତିମୁହୂର୍ତ୍ତରେ ବିଶୁଦ୍ଧ ଭକ୍ତିଭାବରେ ଉଦୟ ହୁଏ ଓ ଆତ୍ମାସହିତ ତଲ୍ଲୀନ ରହି ଯୋଗୀ ତନ୍ମୟତା ଲାଭକରେ । ଏହି ଅପୂର୍ବ ଲୀଳା ଯୋଗୀର ସେବକ ସେବିକାଗଣ ଉପଲବ୍ଧ କରି ପାରନ୍ତି ॥୧୧॥

*ଯେ ନର ପର ସ୍ତ୍ରୀ ହରେ ।*
*ତା ଦୁଃଖ କଦାପି ନ ସରେ ॥*
*ଯେ ନର ନ କହନ୍ତି ସତ ।*
*ତା ପାପେ [illegible] ।*



# ନୀଳଚକ୍ର
# ତେରମର ସଂକେତ

## ପ୍ରାର୍ଥନା

ନିୟମିତ ଧ୍ୟାନ ଓ ପ୍ରାର୍ଥନା ଦ୍ୱାରା ମନ, ହୃଦୟ ଓ ଆତ୍ମା ପ୍ରଭାବିତ ହୋଇଥାଏ, ଏହା ଅନସ୍ୱୀକାର୍ଯ୍ୟ । ଏହା ଦ୍ୱାରା ଉଲ୍ଲେଖନୀୟ ଶାରୀରିକ ପରିବର୍ତ୍ତନ ମଧ୍ୟ ଅଣାଯାଇ ପାରେ । ଏହା ଅବିଶ୍ୱାସନୀୟ ପ୍ରତୀୟମାନ ହେଲେ ମଧ୍ୟ, ସ୍ପଷ୍ଟ ଦିବାଲୋକ ପରିସତ୍ୟ । ପୃଥିବୀରେ ୧୯୮୦ ମସିହା ପରଠାରୁ ଶରୀର ଉପରେ ପ୍ରାର୍ଥନାର ପ୍ରଭାବ ସମ୍ପର୍କରେ ବିଧିବଦ୍ଧ ଗବେଷଣା ଆରମ୍ଭ ହୋଇଛି । ବହୁ ପରୀକ୍ଷା ନିରୀକ୍ଷା ପରେ କେତେକ ଚିକିତ୍ସା ବିଜ୍ଞାନୀ ପ୍ରାର୍ଥନା ଦ୍ୱାରା ଶରୀରରେ ଉଲ୍ଲେଖନୀୟ ପରିବର୍ତ୍ତନ ଅଣାଯାଇପାରେ ବୋଲି ପ୍ରମାଣ କଲେଣି । ଈଶ୍ୱରଙ୍କୁ ପ୍ରାର୍ଥନା କରି ଶାରୀରିକ ଓ ମାନସିକ ରୋଗରୁ ଉପଶମ କରାଯାଇ ପାରେ । ପ୍ରତ୍ୟେକ ଭଗବଦ୍ ବିଶ୍ୱାସୀ ଏହା ଉପଲବ୍ଧି କରନ୍ତି ।

ପ୍ରାର୍ଥନା ଦ୍ୱାରା ବାଞ୍ଛିତ ଫଳ ଲାଭ କରିବା ସମ୍ପର୍କରେ ବହୁ ଆଖ୍ୟାନ, କିମ୍ବଦନ୍ତୀ, ଲୋକକଥା, ପୁରାଣ ଓ ଧର୍ମଗ୍ରନ୍ଥରେ ବର୍ଣ୍ଣନା କରାଯାଇଅଛି । ଏବର ବିଜ୍ଞାନସର୍ବସ୍ୱ ଯୁଗରେ ମଣିଷ ପ୍ରତ୍ୟେକ କଥାରେ ପ୍ରମାଣ ଖୋଜିବସୁଛି । କେତକ ତଥାକଥିତ ପଣ୍ଡିତମନ୍ୟ ଲୋକେ ପୁନର୍ଜନ୍ମ ସମ୍ବନ୍ଧରେ ସନ୍ଧିହାନ ହୋଇ ଯୁକ୍ତି ବାଢ଼ନ୍ତି: ପୁନର୍ଜନ୍ମ ବୋଲି କିଛି ନାହିଁ । ପୁନର୍ଜନ୍ମର ପ୍ରମାଣ କାହିଁ ? ଆମେ ଏ ଶ୍ରେଣୀର ଲୋକଙ୍କୁ ଚାର୍ବାକ୍‌ପନ୍ଥୀ ନାସ୍ତିକ ବୋଲି କହୁଁ । ସେମାନେ ପୁନର୍ଜନ୍ମରେ ବିଶ୍ୱାସ ନକଲେ, ବିଶ୍ୱର ବା କ'ଣ କ୍ଷତି ହୋଇଯାଏ ?

ଯେଉଁ ଐଶ୍ୱରୀୟ ଶକ୍ତି ପ୍ରାର୍ଥନାରେ ନିହିତ ଅଛି, ସେହି ଶକ୍ତିର ଉପସ୍ଥିତିକୁ ବିଜ୍ଞାନ ଆଜି ସ୍ୱୀକାର କରିଛି । ହାର୍ବାଡ୍ ମେଡ଼ିକେଲ୍ ସ୍କୁଲର ଡାକ୍ତର ହର୍ବଟ ବେନ୍‌ସନ୍ ପ୍ରାର୍ଥନା ଓ ଧ୍ୟାନ ସ୍ୱାସ୍ଥ୍ୟ ପାଇଁ କିପରି ଉପଯୋଗୀ ତାହା ଉପରେ ବିଧିବଦ୍ଧ ଗବେଷଣା କରିଥିଲେ । ପ୍ରାର୍ଥନାର ରୋଗ ଉପଶମକାରୀ ଶକ୍ତି ଉପରେ ସବୁଠାରୁ ବିଶ୍ୱାସଯୋଗ୍ୟ ଅନୁଧ୍ୟାନ ୧୯୮୮ ମସିହାରେ କରାଯାଇଥିଲା । ବହୁ ଭାବରେ ବହୁ ପ୍ରକାର ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ ହୃଦରୋଗ, ଉଚ୍ଚରକ୍ତଚାପ, କ୍ଷତ, ମୁଣ୍ଡବିନ୍ଧା, ମାନସିକ ଦୁଶ୍ଚିନ୍ତା ଓ ଉଦ୍‌କଣ୍ଠାଭଳି ଅନେକ ରୋଗ ନିୟମିତ ଧ୍ୟାନ ଓ ପ୍ରାର୍ଥନା ଦ୍ୱାରା ଭଲ ହୋଇ ପାରୁଛି ।

ବିଭିନ୍ନ ଧର୍ମ ଏବଂ ସମ୍ପ୍ରଦାୟର ଅନୁଗାମୀ ମାନଙ୍କ ଦ୍ୱାରା କରାଯାଉଥିବା ପ୍ରାର୍ଥନାର ସକରାତ୍ମକ ପ୍ରଭାବ ଶରୀର ଉପରେ ରହିଛି ଏବଂ ଏହାଦ୍ୱାରା ମଣିଷ ସ୍ୱାସ୍ଥ୍ୟର ଅଧିକାରୀ ହୁଏ ବୋଲି ଡାକ୍ତର ବେନ୍‌ସନ୍‌ଙ୍କର ଅନୁଧ୍ୟାନରୁ ଜଣାପଡ଼ିଛି । ସେ ଏହାକୁ ରିଲାକ୍ସେସନ୍ ରେସ୍‌ପନ୍ସ ଭାବେ ଅଭିହିତ କରିଅଛନ୍ତି । ଡାକ୍ତର ବେନ୍‌ସନ୍‌ଙ୍କ ମତରେ ବ୍ୟାୟାମ (ଯୋଗ) ଏବଂ ପ୍ରାର୍ଥନା ମଧ୍ୟରେ

ନିବିଡ଼ ସମ୍ପର୍କ ରହିଛି । ଧ୍ୟାନ ଓ ପ୍ରାର୍ଥନା କଲେ, ଶରୀର ସୁସ୍ଥ ରହେ ଓ ମାନସିକ ଦୁଶ୍ଚିନ୍ତା ହ୍ରାସ ପାଏ ବୋଲି ଗବେଷଣା ପରେ ଡାକ୍ତର ବେନ୍‌ସନ୍ ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ।

ଧ୍ୟାନ ପ୍ରାର୍ଥନାଦିର ଅଭ୍ୟାସ ନିର୍ଦ୍ଦିଷ୍ଟ ଭାବରେ କିଭଳି ସୁଫଳ ଦିଏ ତାହା ଆମକୁ ସ୍ପଷ୍ଟ ଭାବରେ ଜଣା ନଥିଲେ ମଧ୍ୟ ଆମେ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରାର୍ଥନା କରୁ, ଧ୍ୟାନକରୁ । ହିନ୍ଦୁ, ମୁସଲମାନ,. ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ ଇତ୍ୟାଦି ସବୁ ସମ୍ପ୍ରଦାୟର ପ୍ରାର୍ଥନାରେ ମହିମା ଓ ମହତ୍ତ୍ୱ ବର୍ଣ୍ଣନା କରାଯାଇଛି । ବୈଦିକ ଯୁଗରୁ ଏ ଯାବତ୍ ପୃଥିବୀର ସର୍ବତ୍ର ପ୍ରାର୍ଥନା ଅନୁଷ୍ଠିତ ହୋଇଆସୁଛି । ପ୍ରାକ୍ ବୈଦିକ ଯୁଗରେ ଭାରତର ଘନ ଅରଣ୍ୟ ସଂକୁଳ ପର୍ବତ ଗୁମ୍ଫାରେ ଧ୍ୟାନ ଓ ପ୍ରାର୍ଥନା ଅନୁଷ୍ଠିତ ହେଉଥିଲା । କ୍ରମେ ଗୁରୁକୁଳ ଆଶ୍ରମ ପ୍ରତିଷ୍ଠିତ ହୋଇ ଆଶ୍ରମ ଆବାସିକ ମାନଙ୍କ ଦ୍ୱାରା ସମୂହ/ସମବେତ ପ୍ରାର୍ଥନା ପ୍ରଚଳିତ ହେଲା । ଏହାଦ୍ୱାରା ପରିବେଶ ସୁରକ୍ଷା ସହିତ ଶରୀର ରକ୍ଷାର ସୂତ୍ର ସ୍ୱତଃ କାର୍ଯ୍ୟକାରୀ ହୋଇ ପାରିଥିଲା । ଏବେ ଚିକିତ୍ସାବିଜ୍ଞାନୀମାନେ ଶରୀର ଓ ସ୍ୱାସ୍ଥ୍ୟ ଉପରେ ପ୍ରାର୍ଥନାର ସୁପ୍ରଭାବ ରହିଛି ବୋଲି ପ୍ରମାଣ କଲେଣି ।

ତେବେ ଏତିକି ସ୍ମରଣରେ ରଖିବା ଉଚିତ ଯେ, ପ୍ରାର୍ଥନା ଓ ଧ୍ୟାନ ଯଦି ଏକାଗ୍ରତା, ଶ୍ରଦ୍ଧା, ଅନୁରାଗ, ନିଷ୍ଠା ଓ ନିୟମିତ ଭାବରେ ନହୁଏ, ତେବେ ଏହାର ପ୍ରଭାବ ନିଶ୍ଚିତ ଭାବରେ ହ୍ରାସ ପାଏ, ପାଇବ ।

ମଣିଷ ରୋଗମୁକ୍ତ, ସୁସ୍ଥ ଓ ଦୀର୍ଘାୟୁ ହେବା ପାଇଁ ଆତ୍ମୀୟମାନଙ୍କର ସେବା, ଶ୍ରଦ୍ଧା ଓ ଅନୁରାଗ ଅନେକାଂଶରେ ଜରୁରୀ ଅଟେ । The American Journal of Medicine ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ, ଯେଉଁ ଦମ୍ପତିମାନେ ପରସ୍ପର ପ୍ରତି ଶ୍ରଦ୍ଧାଶୀଳ ଓ ଯତ୍ନବାନ, ସେମାନେ ଅନ୍ୟ ଦମ୍ପତିମାନଙ୍କ ଅପେକ୍ଷା ୫୦% (ପଚାଶ ପ୍ରତିଶତ) ଅଧିକ ସୁସ୍ଥ ଓ ସତେଜ ରହନ୍ତି ।

ମଣିଷ ଯେତେବେଳେ ତା'ର ସମସ୍ତ ଶକ୍ତି ଖଟାଇ ସାରି କୌଣସି କାର୍ଯ୍ୟରେ ବିଫଳ ହୁଏ, ସେତେବେଳେ ସେ ଅନନ୍ୟୋପାୟ ହୋଇ ଈଶ୍ୱରଙ୍କର ଶରଣାପନ୍ନ ହୁଏ । ଅନେକ ସମୟରେ ସବୁ ପ୍ରକାର ଉଦ୍ୟମ ପରେ ପ୍ରାର୍ଥନା ହିଁ ମନରେ ଆଶା ସଞ୍ଚାର କରିଥାଏ । ଯୁଗଯୁଗଧରି ଆମର ଉପଲବ୍ଧି ଓ ଅନୁଭୂତି ଭିତରେ ଯାହା ରହି ଆସିଛି, ବିଜ୍ଞାନ ଆଜି ତା'କୁ ସ୍ୱୀକାର କରିଛି ।

ଆମର ବକ୍ତବ୍ୟ ହେଉଛି: ଯଦି ପ୍ରାର୍ଥନା ଓ ଧ୍ୟାନରେ ଏପରି ଯାଦୁକରୀଶକ୍ତି ଓ ରୋଗଉପଶମକାରୀ ଗୁଣ ରହିଛି, ତେବେ ସମସ୍ତ ଆଶା ହରାଇ ସାରି ହତାଶ ହେବା ପରେ ପ୍ରାର୍ଥନା ଓ ଧ୍ୟାନ କାହିଁକି ? ବରଂ ଆରମ୍ଭରୁ ଧ୍ୟାନ ଓ ପ୍ରାର୍ଥନାର ନିୟମିତ ଅଭ୍ୟାସ କଲେ, ହୁଏତ ଆମେ ଦୁରାରୋଗ୍ୟ ରୋଗବ୍ୟାଧିରୁ ରକ୍ଷା ପାଇପାରନ୍ତେ । ମାନସିକ ଅବସାଦଗ୍ରସ୍ତ ହୋଇ ଶୋକାତୁର ହେବା ଠାରୁ ଦୂରେଇ ରହି ପାରନ୍ତେ !! ''ନେଡ଼ିଗୁଡ଼ କହୁଣୀକୁ ବୋହିଯିବା' ପର୍ଯ୍ୟନ୍ତ ବସି ରହିବା କାହିଁକି ? ଆସ ଆମେ ସମସ୍ତେ ମିଳି (ଶାଖା ଗୃହରେ) ପ୍ରତିଦିନ ସଂଜେ ସକାଳେ ଏକସ୍ୱରରେ, ଏକମନରେ, ଏକ ପ୍ରାଣରେ, ଏକ ଲୟରେ, ଏକ ଧ୍ୟେୟରେ ସମବେତ କଣ୍ଠରେ ଗାଇ ଉଠିବା ।:

''ସେହି ପଥେ ମୋତେ ନେଇ ଯାଅ ପ୍ରଭୁ ଯେଉଁଠି କଲ୍ୟାଣ ହେବ ।।''

# ଚରମ ଯଜ୍ଞ ସଂକଳନ

*ସ୍ରଷ୍ଟା ଅବତାର ବାଦରେ ଧରାପୃଷ୍ଠକୁ ଅବତରିତ ହୋଇ ପ୍ରତିଯୁଗରେ ସୃଷ୍ଟିର ମଂଗଳ ବିଧାନ ପାଇଁ ଯଜ୍ଞାନୁଷ୍ଠାନ କରି ସତ୍ୟଯୁଗରେ ଭୂଧାରକ ଋଷି ଯଜ୍ଞ, ତ୍ରେତୟାରେ ଅଶ୍ୱମେଧ ଯଜ୍ଞ ଓ ଦ୍ୱାପରରେ ପ୍ରଭାସ ଯଜ୍ଞ ଅନୁଷ୍ଠିତ କରାଇଛନ୍ତି । ସେହିକ୍ରମରେ କଳିରେ ''ଚରମ ଯଜ୍ଞ''ର ନିଷ୍ପତ୍ତି ନିଆଯାଇଛି । ଯଜ୍ଞ ପୂର୍ବରୁ ଯଜ୍ଞ ପୁରୁଷ ଓ ଯଜ୍ଞ କର୍ମବାହୀ ମାନଙ୍କର ଚରଣ ଏକାନ୍ତ ପ୍ରୟୋଜନ । ସେହି ଉତ୍ସବ ନିର୍ଦ୍ଧାରିତ ତିଥି ଓ ଲଗ୍ନରେ ପାଳିତ ହୋଇଯାଇଛି । ତାହାରି ପୂର୍ବାଭାସ ହେଉଛି ଏଥରର ''ଉତ୍ସବ ସ୍ମୃତୀ''ର ନିବେଦନ ''ଚରମଯଜ୍ଞ ସଂକଳନ''।*

ଚରମ ଯଜ୍ଞ ସଂକଳନ ୧୪୦୫ ସାଲ, ମୀନ ସଂକ୍ରାନ୍ତି, ୧୯୯୮ ମସିହା ମାର୍ଚ୍ଚ ୧୪ ତାରିଖ, ଶନିବାର

ସ୍ଥାନ : ବାରୁଣାମଠ ତୋଟା (କେଳାପଡ଼ିଆ) ବେଗୁନିଆପଦା

ଅନେକ ବିସ୍ମୟରେ ପୂର୍ଣ୍ଣ ଆମର ଏହି ମର୍ତ୍ତ୍ୟଭୂମି । ସ୍ରଷ୍ଟାଙ୍କ ଅଭିନବ ଲୀଳା ସଂପାଦନର ଆଧାର ଉକ୍ତ ପବିତ୍ର ଧରାଧାମରେ ପ୍ରତି ମୁହୂର୍ତ୍ତରେ ପ୍ରକାଶ୍ୟ/ଅପ୍ରକାଶ୍ୟ ଲୀଳା ସଂଘଟନ ହୋଇ ଚାଲିଛି । କିନ୍ତୁ କରୁଣାମୟଙ୍କ କରୁଣାବିନା ସେଗୁଡ଼ିକୁ ଉପଲବ୍ଧି କରିବା ସମ୍ଭବ ହୁଏନାହିଁ ।

ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କର ହିରଣ୍ୟଗର୍ଭରୁ ସୃଷ୍ଟି ହୋଇଅଛି । ପ୍ରତ୍ୟେକ, କ୍ରିୟା, କର୍ମ ଓ କାରଣ ମଧ ତାଙ୍କରିଠାରୁ ଅବତରଣ କରିଛି, କରୁଅଛି । ତଥାପି ଲୀଳା ପର୍ଯ୍ୟାୟର ଅଂଶସ୍ୱରୂପ ମଙ୍ଗଳ-ଅମଙ୍ଗଳ, ପାପ-ପୁଣ୍ୟ, ଭଲ-ମନ୍ଦ, ଭୁଲ-ଠିକ୍ ଇତ୍ୟାଦି ବହୁ ବିରୋଧାତ୍ମକ ତତ୍ତ୍ୱ ଧରାପୃଷ୍ଠରେ ଖେଳୁଅଛି । ସେହି କ୍ରମରେ ମନ୍ଦକୁ ଭଲ କରିବା ପାଇଁ, ପାପରୁ ନିସ୍ତାର ପାଇ ପୁଣ୍ୟ ଫଳ ପ୍ରାପ୍ତି ପାଇଁ, ଅମଙ୍ଗଳକୁ ବିନାଶ କରି ମଙ୍ଗଳ ପ୍ରତିଷ୍ଠା କରିବା ପାଇଁ ମୁନି, ଋଷି ମାନଙ୍କ ମାଧମରେ ଅନେକ ବୈଦିକ କର୍ମ ମର୍ତ୍ତ୍ୟାବତରଣ କରିଛି । ସେହି କର୍ମାନୁଷ୍ଠାନମାନଙ୍କ ମଧ୍ୟରୁ ''ଯଜ୍ଞକର୍ମ'' ଯୁଗଯୁଗ ଧରି ଏକ ମୁଖ୍ୟ ସ୍ଥାନ ଅଧିକାର କରି ଆସିଛି । ପ୍ରତିଯୁଗରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୁନି, ଋଷି, ସାଧୁ, ସନ୍ଥମାନେ ପ୍ରକୃତିକୁ ଶାନ୍ତ କରାଇ ସୃଷ୍ଟିର ମଙ୍ଗଳ ବିଧାନ ନିମିତ୍ତ ଅଗଣିତ ଯଜ୍ଞାନୁଷ୍ଠାନ କରିଥାନ୍ତି । ମାତ୍ର ଯେତେବେଳେ ସୃଷ୍ଟିର ପରିବର୍ତ୍ତନ ସମୟ ଆସେ, ଗୋଟିଏ ଯୁଗର ଭାବଧାରା, ନିର୍ଯ୍ୟାସ ବିବର୍ତ୍ତମାନ ଅବସ୍ଥାରେ ଉପନୀତ ହୁଏ, ସେତେବେଳେ ସ୍ରଷ୍ଟା ସ୍ୱୟଂ ମାନବ ଶରୀର ଧାରଣ କରି ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ଏବଂ ନିଜେ ଯୁଗର ଶେଷ ଯଜ୍ଞାହୂତି ପ୍ରଦାନ କରି ସମସ୍ତ ଅଶାନ୍ତି, ଅନୀତି, ଭ୍ରଷ୍ଟାଚାର ଇତ୍ୟାଦି କୁଭାବକୁ ବିନାଶ କରି ମନୁଷ୍ୟର ଅନ୍ତରରେ ଦିବ୍ୟଭାବର ପ୍ରତିଷ୍ଠା କରନ୍ତି । ଫଳରେ ମନୁଷ୍ୟର ଶରୀରରୁ ରଜ ଓ ତମ ଗୁଣର ପ୍ରାଧାନ୍ୟ ଲୋପ ପାଇ ସତ୍ତ୍ୱ ଗୁଣ ଜାଗ୍ରତ ହୁଏ । ସେହି କ୍ରିୟାକୁ ପ୍ରଳୟ, ଖଣ୍ଡ ପ୍ରଳୟ ଓ ମହାପ୍ରଳୟ ଆଦି କୁହାଯାଏ । ଯୁଗ ନିଷ୍ପତ୍ତିର ଏହି କ୍ରମରେ ସ୍ରଷ୍ଟା ସତ୍ୟଯୁଗରେ ଭୂଧାରକ ଋଷିଯଜ୍ଞ, ତ୍ରେତୟାରେ ଅଶ୍ୱମେଧ ଯଜ୍ଞ ଓ ଦ୍ୱାପରରେ ପ୍ରଭାସ ଯଜ୍ଞ କରିଥିଲେ ।

ଲୀଳାମୟଙ୍କ ଆଉ ଏକ ବିଚିତ୍ର ଲୀଳା ହେଉଛି ଯେ, ଧରାପୃଷ୍ଠରେ କୌଣସି ଏକ ଘଟଣା ସ୍ଥୂଳରେ ସଂଘଟନ ହେବାର ଅନେକ ପୂର୍ବରୁ କାରଣ ଜଗତରେ ସୂକ୍ଷ୍ମରେ ସଂଗଠିତ ହୋଇଥାଏ ଏବଂ ନିର୍ଦ୍ଧାରିତ ଲଗ୍ନ, ମୁହୂର୍ତ୍ତରେ ମର୍ତ୍ତ୍ୟଭୂମିକୁ ଅବତରଣ କରି ସ୍ଥୂଳରେ ପ୍ରକାଶିତ ହୁଏ । ଦର୍ଶନ ଯୋଗୀମାନେ ସେମାନଙ୍କର ନିର୍ବିକଳ୍ପ ସମାଧି ସ୍ତରରେ ଏହି ସୂକ୍ଷ୍ମ କ୍ରିୟା,କର୍ମ କାରଣକୁ ଉପଲବ୍ଧି କରନ୍ତି ଓ ଭବିଷ୍ୟବାଣୀ ଆକାରରେ ସୃଷ୍ଟିର ମାନବମାନଙ୍କୁ ଚେତାଇ ଦିଅନ୍ତି ।

ସଂପ୍ରତି କଳିଯୁଗ ତା'ର ସନ୍ଧିକ୍ଷଣରେ ପହଞ୍ଚିଯାଇଛି । ସ୍ରଷ୍ଟାଙ୍କର ଯୁଗନିର୍ଯ୍ୟାସ ଯଜ୍ଞାହୂତିର ସମୟ ଉପନୀତ ହୋଇଛି । ବିବର୍ତ୍ତମାନ ପ୍ରଣାଳୀରେ ପରିବର୍ତ୍ତନର କ୍ରିୟା ଆରମ୍ଭ ହୋଇଯାଇଛି । ତାହାରି ଝଲକରେ ସମଗ୍ର ସୃଷ୍ଟି ଆଜି ଅତିଷ୍ଠ ହୋଇ ପଡ଼ିଛି । ଶାନ୍ତି, ସୌହାର୍ଦ୍ଦତା, ପ୍ରେମ,ସ୍ନେହ,ଦୟା କ୍ଷମା ଆଦି ଦୈବିଗୁଣ ଲୁପ୍ତ ହୋଇ ତାହା ସ୍ଥାନରେ ହିଂସା, ଦ୍ୱେଷ, ପରଶ୍ରୀକାତରତା, ପ୍ରତିହିଂସା, ଭ୍ରଷ୍ଟାଚାର ଆଦି ଦୁର୍ଗୁଣରେ ଧରିତ୍ରୀ ମାତା ତ୍ରାହି ତ୍ରାହି ଡାକ ଦେଉଛି । ଏହି ସମସ୍ତ ଘଟଣାବଳୀକୁ କଳିଯୁଗ ଆରମ୍ଭର ବହୁପୂର୍ବରୁ ମୁନି, ଋଷିମାନେ କାରଣ ଜଗତରେ ଦେଖିପାରିଥିଲେ । ଏହାର ସମାଧାନ ସୂତ୍ରଧରି ସ୍ରଷ୍ଟା ନିଜେ ଧରିତ୍ରୀକୁ ମାନବ

ଶରୀର ନେଇ ଅବତରିତ ହେବେ ଏବଂ ଯଜ୍ଞାନୁଷ୍ଠାନ କରି ଶାନ୍ତି ପ୍ରତିଷ୍ଠା କରିବେ, ତାହା ମଧ୍ୟ ଜାଣି ପାରିଥିଲେ । ତେଣୁ ସେମାନଙ୍କ ମଧ୍ୟରୁ କେତେକଣ ପ୍ରଭୁଙ୍କର ସେହି ଅଦ୍ଭୁତ ରୂପ ଓ ଲୀଳା ଦର୍ଶନ ଉପଲବ୍ଧି ପାଇଁ ବରଭିକ୍ଷା କରିଥିଲେ ଏବଂ ପ୍ରାପ୍ତ ହୋଇଥିଲେ ।

ପଞ୍ଚସଖାଙ୍କ ମଉଡ଼ମଣି ଭବିଷ୍ୟଦ୍ରଷ୍ଟା ମହାପୁରୁଷ ଅଚ୍ୟୁତ ତାଙ୍କର ସମାଧି ଅବସ୍ଥାରେ ଏହି ସଂପର୍କରେ ସୂଚନା ପାଇଥିଲେ । ମାତ୍ର କେଉଁଠାରେ, କେବେ ଏହି ଲୀଳା ରଚନା ହେବ ଜାଣି ପାରି ନଥିଲେ । ତେଣୁ ନିର୍ବିକଳ୍ପ ସମାଧିସ୍ଥ ହୋଇ ନିରାକାରଙ୍କ ନିକଟରେ ପ୍ରାର୍ଥନା କରିଥିଲେ କଳିଶେଷର ''ଚରମଯଜ୍ଞ'' ସଂପର୍କରେ ଜ୍ଞାନ ଆହରଣ କରିବା ପାଇଁ । ଭକ୍ତବତ୍ସଳ ଭାବଗ୍ରାହୀ ତାଙ୍କୁ ସେହି ସମାଧି ଅବସ୍ଥାରେ ଯଜ୍ଞର ସ୍ଥାନ, କାଳ ଇତ୍ୟାଦି ସଂପର୍କରେ ସୂଚନା ଦେଇ କହିଥିଲେ ଯଜ୍ଞର ଆରମ୍ଭ ପୂର୍ବରୁ ପ୍ରଥମେ ଯଜ୍ଞର ସଂକଳନ ବା ବରଣୀ ହେବ । ବରଣୀର ୩ ମାସ ବା ୬ ମାସ ବା ୯ ମାସ ବା ୧୨ ମାସ ଏହି କ୍ରମରେ ଯେ କୌଣସି ତ୍ରୈମାସିକ ବ୍ୟବଧାନରେ ଯଜ୍ଞାନୁଷ୍ଠାନ ହେବ । ସେହି ବରଣୀ ଉତ୍ସବ ସଂପର୍କରେ ପ୍ରଭୁ ଅଚ୍ୟୁତଙ୍କୁ ଯାହା କହିଥିଲେ ସେ ତାହାକୁ ତାଙ୍କର ମହାଭବିଷ୍ୟଗ୍ରନ୍ଥ ପ୍ରଥମଭାଗ ପୃ ୪ ଓ ୫ ରେ ବିଶଦ ଭାବରେ ବର୍ଣ୍ଣନା କରି ତାଙ୍କର ପ୍ରିୟଶିଷ୍ୟ ରାମଦାସଙ୍କୁ ସୂଚାଇ ଦେଇଯାଇଛନ୍ତି । ଯଥା :-

''ନିରାକାର କହନ୍ତି ଅଚ୍ୟୁତ ମୁଖ ଚାହିଁ ।
କଳିରେ ବାରତା କଥା ଦିଅଇ ବତାଇ ॥୧॥''

ଅର୍ଥାତ୍ ନିରାକାରପୁରୁଷ ସ୍ୱୟଂ ପରମବ୍ରହ୍ମ ଅଚ୍ୟୁତଙ୍କୁ ଚାହିଁ କଳିର ବାରତା(ଖବର) ବତାଇ ଦେଇଛନ୍ତି । ପୂର୍ବରୁ ଆଲୋଚନାରେ କୁହାଯାଇଛି - ଅଚ୍ୟୁତ କଳିର ''ଚରମ ଯଜ୍ଞ'' ସଂପର୍କରେ ପ୍ରଶ୍ନ କରିଥିଲେ । ତେଣୁ ପ୍ରଭୁ ସେହି ଯଜ୍ଞ ସଂପର୍କରେହିଁ କହୁଛନ୍ତି ।

'' ଶିବସାରୀ ତୋଟା ବେଗୁନିଆ ପଦା ଜାଣ,
ପୁରୁଷ ସୂକ୍ଷ୍ମେ ଆସି, ଦିଅଇ ପ୍ରମାଣ ॥୨॥''

ଏଠାରେ ଯଜ୍ଞ ସ୍ଥାନ ସଂପର୍କରେ ସୂଚନା ଦେଇଛନ୍ତି । ବେଗୁନିଆପଦା ଗ୍ରାମ ନିକଟରେ ଶିବସାରୀ ନାମରେ ଏକ ତୋଟା ଥିବ । ଏହି ତୋଟାରେ ପୁରୁଷ ଅର୍ଥାତ୍ ପରମବ୍ରହ୍ମ ସ୍ୱୟଂ ଆସି ସେଠାରେ ଥିବା ସୂକ୍ଷ୍ମ ଆତ୍ମାଗୁଡ଼ିକୁ ଦର୍ଶନ ଦେଇ ଯଜ୍ଞ ସ୍ଥାନକୁ ସଂସ୍କାର କରିଯିବେ । ''ଶିବସାରୀ'' ଶବ୍ଦର ଅର୍ଥ ହେଉଛି ଆଜିର ପ୍ରଚଳିତ ଭାଷାରେ କେଳାଜାତି । ଏହି କେଳାଜାତି ମହାଯୋଗୀ ଶିବଙ୍କର ସିଦ୍ଧିଲାଭ କରି ସେହି ସିଦ୍ଧି ଶକ୍ତି ସାହାଯ୍ୟରେ ଉନ୍ନୀତ ହୋଇ ଶେଷରେ ପ୍ରେମ ସାଧନାରେ ବ୍ରତୀ ହୁଅନ୍ତି । ଏହି ସର୍ବଶେଷ ପ୍ରେମସାଧନାକୁ ରାଧାଭାବ ସାଧନ ବୋଲି କହନ୍ତି । ଯେତେବେଳେ ଉକ୍ତ ସାଧନରେ ପରିପକ୍ୱତା ଆସେ ସେତେବେଳେ ସାଧକ ନିଜକୁ ରାଧାଭାବରେ ଉପଲବ୍ଧି କରି ପରମ ରାସେଶ୍ୱର ବ୍ରଜପତି ଶ୍ରୀକୃଷ୍ଣଙ୍କ ସହ ମିଳିତ ହୁଅନ୍ତି । ଏହି ମିଳନକୁ ଆଧ୍ୟାତ୍ମିକ ଶବ୍ଦରେ ''କେଳି'' ବୋଲି କହନ୍ତି । ଆଜି ସମାଜରେ 'କେଳା' ନାମରେ ପରିଚିତ ଲୋକମାନଙ୍କର ପୂର୍ବସୂରୀମାନେ ଶିବଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦ ଲାଭ କରି ତାଙ୍କ ସହ ଏକତ୍ର ହୋଇଥିବାରୁ ଉପରଲିଖିତ ''କେଳି'' ଶବ୍ଦ ମର୍ମରେ 'କେଳା' ନାମରେ ପରିଚିତ ହୋଇ ଆସୁଛନ୍ତି । ଏହି ଜାତିର ମହାନତାକୁ ସ୍ୱୀକୃତି ଦେବାପାଇଁ ହରପାର୍ବତୀ କେଳା, କେଳୁଣୀ ବେଶ ଧାରଣ କରିଥିଲେ । ଶ୍ରୀକୃଷ୍ଣ ମଧ୍ୟ ମାଆ ରାଧାଙ୍କର ମାନଭଞ୍ଜନ ପାଇଁ କେଳୁଣୀରୂପ ଧରି ଯାଇଥିଲେ । ଆଜି ସିନା ଆଧୁନିକ ସଭ୍ୟତାର ପ୍ରଭାବରେ କେଳାଭାଇ ଓ ଭଉଣୀମାନେ ସେମାନଙ୍କର ଐତିହ୍ୟ ଭୁଲି ଯାଇଛନ୍ତି, କିନ୍ତୁ କିଛି ବର୍ଷ ପୂର୍ବକୁ ଫେରିଯାଇ ମନେ ପକାଇଲେ ଦେଖାଯିବ ଯେ, କେଳାଭାଇମାନେ ଠିକ୍ ଶିବଙ୍କ ବସ୍ତ୍ରପରି ରଙ୍ଗ ବେରଙ୍ଗର ବସ୍ତ୍ର ପରିଧାନ କରୁଥିଲେ । ଜଣେ ସନ୍ନ୍ୟାସୀ ବା ସାଧୁପରି ବିଭିନ୍ନ ରଙ୍ଗର ଝୁଲା କାନ୍ଧରେ ପକାଉଥିଲେ । ଶିବଙ୍କ ତ୍ରିଶୂଳ ମୁନରୁ ସେମାନଙ୍କର ଉତ୍ପତ୍ତି ହୋଇଥିବାରୁ ସନ୍ତକ ସ୍ୱରୂପ ଶର ଓ ଶରରୁ ପରିବର୍ତ୍ତିତ ସ୍ୱରୂପ ନଳ ବ୍ୟବହାର କରୁଥିଲେ । ସାଧାରଣତଃ ସ୍ତ୍ରୀଲୋକମାନେ ସେମାନଙ୍କର ମୁଣ୍ଡ କୁଣ୍ଡାଇବା ସମୟରେ ଠିକ୍ ମଝିରେ ସୁନ୍ଥାଣୀ କାଟି ଥା'ନ୍ତି । କିନ୍ତୁ ଏବେ ମଧ୍ୟ ଦେଖିଲେ ଜଣାଯିବ ଯେ, ଏହି ସଦାପବିତ୍ର 'କେଳାଜାତି' ର ନାରୀମାନେ ମୁଣ୍ଡରେ ସୁନ୍ଥାଣୀ କାଟନ୍ତି ନାହିଁ । ପୁରୁଷ ପରି ସିଧାଭାବରେ ମୁଣ୍ଡ କୁଣ୍ଡାଇ ମଥା ମଝିରେ ଜଟା ବାନ୍ଧି ଦିଅନ୍ତି । ସେମାନେ ଏହାର କାରଣ ଜାଣନ୍ତି ନାହିଁ । କେବଳ ପୂର୍ବରୁ ପ୍ରଚଳିତ ପରମ୍ପରା ଅନୁସାରେ ଏହି ବେଶରେ ନିଜକୁ ସଜାଇଥାନ୍ତି । ମାତ୍ର ଏହାର କାରଣ ଅତିସ୍ପଷ୍ଟ । କୈଳାଶପତି ଶିବ ହେଉଛନ୍ତି ସର୍ବତ୍ୟାଗୀ ଯୋଗେଶ୍ୱର, ମହାତପସ୍ୱୀ, ମଥାରେ ତାଙ୍କର ବିଶ୍ୱତ୍ରାସ ଜଟା । ମାଆ

ପାର୍ବତୀ ତାଙ୍କର ଅର୍ଦ୍ଧାଙ୍ଗିନୀ । ତେଣୁ ସେ ଯୋଗେଶ୍ୱରୀ , ତପସ୍ୱିନୀ । ତପସ୍ୱିନୀ,ସନ୍ନ୍ୟାସିନୀମାନେ ସେମାନଙ୍କର ମଥାରେ ସୁଛାଣୀ ନକାଟି ଜଟା ଧାରଣ କରନ୍ତି । ସେହି ମର୍ମରେ କେଳାଜାତିର ରମଣୀମାନେ ତପସ୍ୱିନୀ ବା ଯୋଗେଶ୍ୱରୀଙ୍କର ଦାୟାଦ ହୋଇଥିବାରୁ ନିଜକୁ ଠିକ୍ ସେହି ବେଶରେ ସଜାଇଥାନ୍ତି ।

ଉପରବର୍ଣ୍ଣିତ ଶିବସାରୀ ତୋଟା ହେଉଛି ଏକ ସ୍ଥାନ, ଯେଉଁଠାରେଏହି କେଳାଜାତିର ପୂର୍ବପୁରୁଷମାନେ ମହାଯୋଗୀ ଶିବଙ୍କ ସହ ଏକତ୍ରିତ ହୋଇ ମହାକେଳି ସଂରଚନ କରିଥିଲେ । ସେଥିପାଇଁ ସେହିଦିନଠାରୁ ସେ ସ୍ଥାନଟି ''କେଳାପଡ଼ିଆ'' ନାମର ପରିଚୟ ବହନ କରି ଚାଲିଛି । ଏହାର ନିକଟରେ କେଳା ସଂପ୍ରଦାୟର ଏକ ବିରାଟ ବସ୍ତି ରହିଛି । ଏମାନେ ନିଜର ଅଜ୍ଞାତସାରରେ ସେମାନଙ୍କର ପୂର୍ବସୂରୀମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପବିତ୍ର ସ୍ଥାନର ରକ୍ଷକ ହିସାବରେ ରହି ଆସିଛନ୍ତି । ନିରାକାର ଅଚ୍ୟୁତଙ୍କୁ କହୁଛନ୍ତି ଯେ, ବେଗୁନିଆପଦା ଗ୍ରାମର ଏହି 'କେଳାପଡ଼ିଆ' ରେ ଚରମ ଯଜ୍ଞର ସଂକଳନ ଉତ୍ସବ ହେବ । ଗ୍ରାମଟିର ନାମ ବେଗୁନିଆପଦା କାହିଁକି ହୋଇଛି ତା'ର ବର୍ଣ୍ଣନା ନିମ୍ନରେ ପ୍ରଦତ୍ତ ହେଉଅଛି ।

ଫଗୁଣ ତେଇଶି ରାମ ବାର ଶନି ଜାଗ ।
ଉତ୍ତରଫାଲ୍‌ଗୁନି ମୀନ ସଂକ୍ରାନ୍ତି ଭୋଗ ।।୩।।
ଫିରିଙ୍ଗି ଷୋଡ଼ଶ ତିନି ମିଶାବାରେ ରାମ ।
ଅଷ୍ଟାଦଶ ବାଣେ ଗୁଣି ଚାରିବେନି କାମ ।।୪।।
ଏହିଦିନ ସଂକଳନୀ ଚରମ ହୋଇବ ।
ଦ୍ୱାଦଶ ଆଚାରୀଗଣ ସୂକ୍ଷ୍ମରେ ଖସିବ ।।୫।।

ଉକ୍ତ ପଦରେ ମହାପୁରୁଷ ଅଚ୍ୟୁତ ଯଜ୍ଞ ସଂକଳନ (ବରଣ) ସମୟର ସୂଚନା ଦେଇଛନ୍ତି । ଯଥା : ଫଗୁଣ (ଫାଲ୍‌ଗୁନ) ମାସ ଦି ୨୩ ନ ହୋଇଥିବ । ଶନିବାର ହୋଇଥିବ । ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଯୁକ୍ତ ହୋଇ ମୀନ ସଂକ୍ରାନ୍ତି ଭୋଗ ହେଉଥିବ । ମହାପୁରୁଷ ତାଙ୍କର ସମସ୍ତ ଗ୍ରନ୍ଥାବଳୀରେ ଇଂରାଜୀକୁ ଫିରିଙ୍ଗି ନାମରେ ବର୍ଣ୍ଣନା କରିଛନ୍ତି । ଏଠାରେ ଇଂରାଜୀ ମସିହାର ସୂଚନା ଦେବାକୁ ଯାଇ ଫିରିଙ୍ଗି ସମ୍ବୋଧନ କରି କହିଛନ୍ତି । ହେ ରାମ ! ଷୋଡଶ ଅର୍ଥାତ୍ ୧୬ ରେ ୩ ମିଶାଇବୁ । ଏହାପରେ '' ଅଷ୍ଟାଦଶ ବାଣେ ଗୁଣି''ଅର୍ଥାତ୍ ୧୮ ରେ ବାଣେ (ଏଠାରେ ବାଣ- ପଞ୍ଚବାଣକୁ ବୁଝାଇଛନ୍ତି) ବା ୫ ଗୁଣିବୁ । ତାପରେ ଚାରି ବେନି ଅର୍ଥାତ୍ ୨ଟି ୪ କୁ ନେଇ କାମ କରିବୁ । ଅର୍ଥାତ୍ ୧୮ ରେ ୫ ଗୁଣିବାପରେ ଯେଉଁ ଗୁଣଫଳ ହେବ ସେଥିରେ ୨ଟି ୪ ମିଶ୍ରଫଳକୁ ଏକତ୍ର କରିବୁ । ଫଳାଫଳ ଯାହା ହେଲା ଫିରିଙ୍ଗି ବା ଇଂରାଜୀ ମସିହା ବୋଲି ସ୍ଥିର କରିବୁ । ଏହି ଗାଣିତିକ ସଂଖ୍ୟାର ଫଳାଫଳ ଯାହା ହେଲା ଫିରିଙ୍ଗି ବା ଇଂରାଜୀ ମସିହା ବୋଲି ସ୍ଥିର କରିବୁ । ଏହି ଗାଣିତିକ ସଂଖ୍ୟାର ଫଳାଫଳ ହେଲା । ୧୬+୩= ୧୯;(୧୮x୫)+(୪x୨) = (୯୦+୮) = ୯୮ ସୁତରାଂ ଇଂରାଜୀ ମସିହା ହେଲା ୧୯୯୮ । ଉକ୍ତ ୧୯୯୮ ମସିହା ମୀନ ସଂକ୍ରାନ୍ତି, ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର, ଫାଲ୍‌ଗୁନ ୨୩ ଶନିବାର ଦିନ ବେଗୁନିଆ ପଦା ଗ୍ରାମସ୍ଥ ଶିବସାରୀ ତୋଟା( ପ୍ରଚଳିତ ନାମ - କେଳାପଡ଼ିଆ )ଠାରେ ଚରମଯଜ୍ଞର ସଂକଳନ ଉତ୍ସବ ଅନୁଷ୍ଠିତ ହେବ । ଏହିଦିନ ପ୍ରଭୁଙ୍କ ନିର୍ଦ୍ଦେଶରେ ୧୨(ବାର) ଜଣ ଆଚାର୍ଯ୍ୟ ସୂକ୍ଷ୍ମରେ ସେହି ସ୍ଥାନକୁ ଆସିବେ । ସମସ୍ତ ଦେବାଦେବୀଙ୍କ ସହ ଉକ୍ତ ୧୨ ଜଣ ଆଚାର୍ଯ୍ୟଙ୍କ ବରଣ କରାଯାଇ ଚରମଯଜ୍ଞ କାର୍ଯ୍ୟ ନିର୍ବାହ କରିବା ପାଇଁ ନିର୍ଦ୍ଦେଶ ଦିଆଯିବ । ଆଲୋଚ୍ୟ ୧୨ ଜଣ ହେଉଛନ୍ତି - ୧. ଯଜ୍ଞକଳ୍ପ ଆଚାର୍ଯ୍ୟ, ୨. ଯୋଗକଳ୍ପ ଆଚାର୍ଯ୍ୟ, ୩. ବିଭୂତି ଆଚାର୍ଯ୍ୟ, ୪. ବିଶ୍ୱାକଳ୍ପ ଆଚାର୍ଯ୍ୟ, ୫. ବଶିଷ୍ଠ ଶାସ୍ତ୍ର ପାଠକ ଆଚାର୍ଯ୍ୟ,୬. କଳ୍ପ ଯୋଗାନ୍ତକ କ୍ରିୟା ଆଚାର୍ଯ୍ୟ, ୭.ପାରଧକ କ୍ରିୟାଯୋଗ ଆଚାର୍ଯ୍ୟ, ୮. ରାମାୟଣ ଶାସ୍ତ୍ର ପାଠକ ଆଚାର୍ଯ୍ୟ, ୯. ମହାଭାରତ ଶାସ୍ତ୍ରପାଠକ ଆଚାର୍ଯ୍ୟ, ୧୦.ପ୍ରଧାନ ଯଜ୍ଞ ବ୍ୟାସ, ୧୧. ସମିଧ ବ୍ୟାସ , ବ୍ୟାସଭୂତି ଯଜ୍ଞବ୍ୟାସ (ସମିଧ), ଶୁଭ ଶୁଚ ସମ୍ବନ୍ଧୀ (୫ମ ବର୍ଷ ), ଶୁଭସମ୍ବନ୍ଧୀ(୭ମ ବର୍ଷ), ଶୁଚ ସମ୍ବନ୍ଧୀ ( ୧୪ ବର୍ଷ), ଯାପକ କଳ୍ପ(୫ମ ବର୍ଷ), ଯଜ୍ଞ ସମ୍ବନ୍ଧ ଓ ୧୨. ଯଜ୍ଞବ୍ରହ୍ମା । ସେହି ଅନୁସାରେଉପରୋକ୍ତ ତିଥି ଓ ଲଗ୍ନ ମୁହୂର୍ତ୍ତରେ ନିର୍ଦ୍ଧାରିତ ସ୍ଥାନରେ ଦ୍ୱାଦଶ ଘଟ ସ୍ଥାପିତ ହୋଇ ଏହି ମହାପୁରୁଷମାନଙ୍କୁ ଆବାହନ କରାଯାଇ ଘୃତାହୁତି ଦ୍ୱାରା ସେମାନଙ୍କୁ ପୂଜା ଓ ବରଣ ପ୍ରଦାନ କରାଯାଇଅଛି ।

''ଏକଶତ ଆଠ ମନ୍ତ୍ର ଉଚ୍ଚାରଣ କର ।
ହୋମ ତାପ ଶୁଦ୍ଧ ହେବ ଜାଣିଥା ନିକର ।।୬।।

ଉକ୍ତ ପଦରେ ବରେଣ୍ୟ ମହାପୁରୁଷ ଏକ ବିସ୍ମୟର ସାମଧାନ କରିଛନ୍ତି । ଯଥା :- ହୋମ, ଯଜ୍ଞରେ ଆବାହିତ ଅଗ୍ନି ଦେବଙ୍କୁ ପ୍ରଥମେ ସଂସ୍କାର କରି ସନ୍ତୁଷ୍ଟ କରିବାକୁ ହୋଇଥାଏ । ନଚେତ୍ ତାଙ୍କର ଅଶୁଦ୍ଧ ତାପରେ ଯଜ୍ଞକର୍ତ୍ତା, ପୁରୋଧା ତଥା ସୃଷ୍ଟିର ଘୋର ଅମଙ୍ଗଳ ହୋଇଥାଏ । ଆସନ୍ତା ''ଚରମ ଯଜ୍ଞ'' ର ଘୃତାହୁତି ପୂର୍ବରୁ ଉପରବର୍ଣ୍ଣିତ ଆଚାର୍ଯ୍ୟମାନଙ୍କ ବ୍ୟତୀତ ଅଗ୍ନିଦେବଙ୍କୁ ମଧ୍ୟ ଏହିଦିନ ଆବାହନ କରାଯିବ ।୧୦୮ ମନ୍ତ୍ର ଆହୂତି ପ୍ରଦାନ କରାଯିବ । ଉକ୍ତ ମନ୍ତ୍ରର ପ୍ରଭାବରେ ଅଗ୍ନିଦେବ ସନ୍ତୁଷ୍ଟ ହେବେ ଓ ଚରମ ଯଜ୍ଞାହୂତି ସମୟରେ ତାଙ୍କର ତାପ(ତେଜ) ଶୁଦ୍ଧ ହୋଇ ଜଗତ କଲ୍ୟାଣ କରିବ । ତେଣୁ ଆଲୋଚ୍ୟ ଦିବସରେ ୧୦୮ ମନ୍ତ୍ରାହୂତି ପ୍ରଦାନ କରାଯାଇ ହୋମ ତାପ ଶୁଦ୍ଧି କରଣ କରାଯାଇଅଛି ।

''ଚରମ'' ର ଯଜ୍ଞ ହେବ ପୂର୍ଣ୍ଣାହୂତି ଯାଏ ।
ସୁରିଣାଦିବସ ଗଣା ଗୁଣି ଠାଳ ପାଏ ।।୭।।

ହେ ରାମ ! ୧୯୯୮ ମସିହା ସଂକ୍ରାନ୍ତି ଦିନ ବରଣ ଉତ୍ସବ ସମାପ୍ତ ହେବା ପରେ ଚରମ ଯଜ୍ଞ ପୂର୍ଣ୍ଣାହୂତି ଯାଏ ଅନୁଷ୍ଠିତ ହେବ । କେଉଁଦିନ ଏହି ଯଜ୍ଞ ହେବ ତାହା କେବଳ ଯଜ୍ଞକର୍ତ୍ତା ତ୍ରିଲୋକ ସ୍ୱାମୀଙ୍କୁହିଁ ଜଣା । ଅନ୍ୟକେହି ସେ ଦିବସ ସଂପର୍କରେ ନିର୍ଦ୍ଦିଷ୍ଟ ଭାବରେ କହିପାରିବେ ନାହିଁ କିନ୍ତୁ ଗୁଣିଜନ ଅର୍ଥାତ୍ ସିଦ୍ଧ ସାଧକ(ଯୋଗୀ) ମାନେ ସେମାନଙ୍କର ଧ୍ୟାନ (ସମାଧି) ମାଧ୍ୟମରେ ଗୁଣି ଅର୍ଥାତ୍ ଆତ୍ମା, ପରମାତ୍ମା ମିଳନ କରାଇ ଯଦି ଚାହିଁବେ ତେବେ ଯଜ୍ଞାରମ୍ଭ ଓ ପୂର୍ଣ୍ଣାହୂତି ଦିବସ ସଂପର୍କରେ ଠାବ ପାଇବେ ବା ଜାଣି ପାରିବେ । ଅନ୍ୟମାନଙ୍କ ପାଇଁ ଯଜ୍ଞ ନହେବାଯାଏ ଦିବସଟି ସଂପୂର୍ଣ୍ଣ ଅଜଣା ରହିବ ।

''ଚଉରାଅଶି ମଣ୍ଡଳ ଏ ଶାନ୍ତି ଭୋଗ ରାମ ।
କେଶବ ଆହୂତି ତିନି ପୂର୍ଣ୍ଣ କରି ନାମ ।।୮।।

ହେ ମୋର ପ୍ରିୟ ପୁତ୍ର ରାମ ! ଏହି ଚରମ ଯଜ୍ଞରେ ଅବ୍ୟକ୍ତପୁରୁଷ, ପୁରୁଷୋତ୍ତମ, ତ୍ରିଲୋକସ୍ୱାମୀ କେଶବ ତିନି ପୂର୍ଣ୍ଣ କରି ଆହୂତି ଦେବେ । ଅର୍ଥାତ୍ ଯଜ୍ଞର ପ୍ରଥମ ତିନି ଆହୂତି ଓ ଶେଷରେ ପୂର୍ଣ୍ଣାହୂତିର ତିନି ଆହୂତି ସେ ନିଜେ ଦେବେ । ତାହାରି ପ୍ରଭାବରେ ୮୪ ମଣ୍ଡଳରେ ସମସ୍ତ ଅଶାନ୍ତି ଦୂର ହୋଇ ଶାନ୍ତି ଭୋଗ ବା ପ୍ରତିଷ୍ଠା ହେବ ।

ଦ୍ୱାପରେ ବାରୁଣି ଋଷି ତପସ୍ଥଳି ଥୋଇ ।
ବାରୁଣା ମଠ ଯେ ନାମ ବୋଲାଏ ଏଠାଇ ।।୯।।
ତ୍ରେତୟାରେ ଶାଠିଲ ମୁନି ସିଦ୍ଧି କରିଯାଏ ।
ସତ୍ୟରେ ଶମ୍ଭୁଜୀ, ଯେ,ମନ୍ତ୍ର ସିଦ୍ଧି ହୁଏ ।। ୧୦।।
କଳିରେ ''ଚରମଯଜ୍ଞ'' ହେବ ବାବୁ ରାମ ।
ପାମର ଅଚ୍ୟୁତ ଶୁଣି ହେବୁଟି ଏ ବାମ ।।୧୧।।

ଏଠାରେ ମହାପୁରୁଷ ପୁନର୍ବାର ଉକ୍ତ ଶିବସାରୀ ତୋଟା ବା କେଳା ପଡିଆର ଯୁଗାନ୍ତକାରୀ ମାହାତ୍ମ୍ୟ ସଂପର୍କରେ ଅଧିକ ତଥ୍ୟ ପ୍ରଦାନ କରିଛନ୍ତି । ସାଙ୍କେତିକ ଠାରରେ ସୂଚନା ମାତ୍ର ଦେଇଛନ୍ତି । ତାହାର ପୂର୍ବାପର ବିଶଦ ବିବରଣୀ ଉପସ୍ଥାପିତ କରାଯାଉଅଛି । ସତ୍ୟଯୁଗରେ ଶମ୍ଭୁଜୀ ନାମକ ଏକ ଋଷି ଉକ୍ତ ପବିତ୍ର ସ୍ଥାନରେ ତପସ୍ୟା କରି ସିଦ୍ଧି ଲାଭ କରିଥିଲେ । ପ୍ରଭୁଙ୍କୁ ଦର୍ଶନ କରିବା ସମୟରେ ବରଭିକ୍ଷା କରିଥିଲେ, ''ପ୍ରଭୋ ! ଏବେ ତ ସତ୍ୟଯୁଗ ଚାଲିଛି । କ୍ରମାନ୍ୱୟରେ ତ୍ରେତୟା ଓ ଦ୍ୱାପର ଯୁଗ ପରେ କଳିଯୁଗ ଭୋଗ ନ ହେବା ଯାଏ ଏହି କଳ୍ପର ପ୍ରଥମ ଛନ୍ଦପୁଷ୍ପର ମିମାଂସା ହୋଇ ପାରିବ ନାହିଁ । ତେଣୁ ଆପଣ ଯେତେବେଳେ କଳି ଶେଷରେ କେଶବ ନାମ ଧରି ମାନବ ଶରୀରରେ ମର୍ତ୍ତ୍ୟଲୀଳା ସଂପାଦନ ପାଇଁ ଅବତରଣ କରିବେ ମୋର ଏହି ସିଦ୍ଧପୀଠରେ କଳିର ଚରମ ଯଜ୍ଞ କରି ମୋତେ ଦର୍ଶନ ଦେଇ ଧନ୍ୟ କରାଇବେ । ସେଇ ଶୁଭ ମୁହୂର୍ତ୍ତ ପର୍ଯ୍ୟନ୍ତ ସୂକ୍ଷ୍ମରେ ଏହି ସ୍ଥାନରେ ମୁଁ ଉପସ୍ଥିତ ରହିବି ।'' ପ୍ରଭୁ ସ୍ୱୀକାର କରି ଋଷିବରଙ୍କୁ ସୂକ୍ଷ୍ମରେ ଏହି ସ୍ଥାନରେ ରହିବାର ଆଶୀର୍ବାଦ ପ୍ରଦାନ କରିଥିଲେ । ଠିକ୍ ସେହିପରି

ତ୍ରେତୟା ସଭ୍ୟତାରେ ଶାଠିଲ ମୁନି ଏହି ସ୍ଥାନରେ ସିଦ୍ଧି ପ୍ରାପ୍ତ ହୋଇ ଅନୁରୂପ ବରମାଗି ସୂକ୍ଷ୍ମରେ ଅବସ୍ଥାନ କଲେ । ଦ୍ୱାପର ଶେଷରେ ବାରୁଣୀ ଋଷି ଏହିଠାରେ ତପସ୍ୟା କରୁଥିଲେ ଓ ଆଶ୍ରମ କରିଥିଲେ । ତାଙ୍କରି ନାମାନୁସାରେ ସ୍ଥାନଟିର ନାମ ଦ୍ୱାପର ଯୁଗରୁ ବାରୁଣାମଠ ନାମରେ ପରିଚିତ ହୋଇଥିଲା । ମହାଭାରତ ଯୁଦ୍ଧର ପୂର୍ବାବସ୍ଥାରେ ପଞ୍ଚପାଣ୍ଡବ ଭ୍ରାତା,ମାତା କୁନ୍ତୀ ଓ ପତ୍ନୀ ଦ୍ରୌପଦୀଙ୍କ ସହ ଅଜ୍ଞାତବାସରେ ଥିବା ସମୟରେ ଘଞ୍ଚ ଅରଣ୍ୟ ମଧ୍ୟରେ ସ୍ଥିତ ଏହି ବାରୁଣା ମଠରେ କିଛିଦିନ ଅବସ୍ଥାନ କରିଥିଲେ । ସେହି ସମୟରେ ଦ୍ୱାରକାଧିପତି ପ୍ରଭୁ ଶ୍ରୀକୃଷ୍ଣ ସଖା ମାନଙ୍କ ନିକଟକୁ ଆସିବା ଅବସରରେ ବାରୁଣୀ ଋଷିଙ୍କୁ ଦର୍ଶନ ଦେଇଥିଲେ । ଉକ୍ତ ଦୁର୍ଲଭ ମୁହୂର୍ତ୍ତରେ ଋଷିପ୍ରବରଙ୍କର ୨୧ ଜଣ ବାଳକ ଶିଷ୍ୟ ସେଠାରେ ଉପସ୍ଥିତଥିଲେ । ସେମାନେ ପ୍ରଭୁଙ୍କୁ ବର ମାଗିଥିଲେ, ''ପ୍ରଭୋ ! ଶ୍ରୀଗୁରୁଦେବଙ୍କ ଅପାର କରୁଣାରେ ସାଧନରତ ଆମେ ଋଷି କୁମାରଗଣ ଆପଣଙ୍କ ଏହି ଦୁର୍ଲଭ ମାନବ ଶରୀର ଦର୍ଶନ କରି କୋଟି ଜନ୍ମର ପାପମୁକ୍ତ ହୋଇ ଚରମ ସୌଭାଗ୍ୟ ଲାଭ କଲୁ । କିନ୍ତୁ ସାଧନର ଶେଷରେ ଆତ୍ମଦର୍ଶନ କେବେ କରିବୁ ତାହା କେବଳ ଆପଣଙ୍କୁ ହିଁ ଜଣା । ତେବେ ଶ୍ରୀ ଗୁରୁଦେବଙ୍କ ଶ୍ରୀମୁଖରୁ ଆମେ ଶୁଣିଛୁ, କଳି ଶେଷରେ ଆପଣ କେଶବ ନାମ ଧରି ଧରାପୃଷ୍ଠକୁ ମାନବ ଶରୀରରେ ଅବତରଣ କରିବେ ଏବଂ ଚରମଯଜ୍ଞରେ ଆହୂତି ପ୍ରଦାନ କରିବେ । ତେଣୁ ହେ ଯଦୁପତେ ! ଆମକୁ ଏହି ଆଜ୍ଞା ହେଉ, ସତ୍ୟଯୁଗରୁ ପ୍ରତିଷ୍ଠିତ ଏହି ସିଦ୍ଧ ପୀଠରେ ହିଁ ଆପଣ ଚରମଯଜ୍ଞର ସଂକଳନ ଓ ଯଜ୍ଞାହୂତି ଅନୁଷ୍ଠାନ ସଂପୂର୍ଣ୍ଣ କରିବେ । ତା' ପୂର୍ବରୁ ସୂକ୍ଷ୍ମରେ ଆସି ଆମମାନଙ୍କୁ ଦିବ୍ୟରୂପ ଦର୍ଶନ ଦେଇ ଯଜ୍ଞସୂଚନା ଦେଇଯିବେ । ଭକ୍ତବତ୍ସଳ ସେମାନଙ୍କ ଅଭି ପୂର୍ଣ୍ଣ କରିବା ପାଇଁ ବଚନବଦ୍ଧ ଥିଲେ । ସେହି ଦେବଶିଶୁ ଋଷିବାଳକ ଓ ଋଷିକନ୍ୟା ମାନେ ହେଲେ - ୧, ବ୍ରତକୁମାର, ୨ ଶାନ୍ତିପ୍ରଦ, ୩. ତତ୍ତ୍ୱାଚାର୍ଯ୍ୟ, ୪. ବାସୁକୁମାର, ୫.ଅସ୍ତ୍ରବସୁ, ୬. ଉର୍ମିବ୍ରତ, ୭. ଅୟିତକ୍ରକ, ୮.ବେଗୁନପ୍ରଦା, ୯. ଶ୍ରବଣଚନ୍ଦ୍ର, ୧୦.କୌରତର୍ଯ୍ୟା, ୧୧. ଶ୍ରୀମତୀଜଙ୍ଘା, ୧୨. ଦୁଲାଲୀ, ୧୩. ଆର୍ଯ୍ୟାକନ୍ୟା ବାନ୍ତାଳି, ୧୪. ଆର୍ଯ୍ୟାମୁନି ରାମରାଙ୍ଗ, ୧୫. ବିଦଭଦ୍ରା, ୧୬. ଅସୁମାରି, ୧୭. କୁଳଚନ୍ଦ୍ର, ୧୮. ତପତି, ୧୯. ପ୍ରିତିସାରୀ, ୨୦.ଅବନିଚାର ଓ ୨୧. ଶ୍ୱେତ ସୁନି । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଋଷିକୁମାର ଓ କନ୍ୟାମାନେ ଆତ୍ମଦର୍ଶନ ଲାଭ କରି ନିଜ ନିଜର ସ୍ୱତନ୍ତ୍ରତା ପ୍ରତିଷ୍ଠିତ କରିଥିଲେ । ସେହି ସେହି ଋଷିମାନଙ୍କ ନାମାନୁସାରେ ଆଜିର ଅନେକ ଗ୍ରାମ ଏହି ତୋଟାର ନିକଟବର୍ତ୍ତୀ ଅଞ୍ଚଳରେ ରହିଛି । ଯଥା - ବେଗୁନିପ୍ରଦାଙ୍କ ନାମାନୁସାରେ ପୂର୍ବରୁ ଆଲୋଚନା କରାଯାଇଥିବା ''ବେଗୁନିଆପଦା'' ଗ୍ରାମ । ବାନ୍ତାଳିଙ୍କ ନାମରେ ''ବନ୍ତଳା'' । ରାମରାଙ୍ଗଙ୍କ ନାମ ଅନୁସାରେ ''ରାମରାଙ୍ଗ'' ଗ୍ରାମ ଇତ୍ୟାଦି । ଏହିମାନଙ୍କୁ ଦେଇଥିବା ବଚନ ଅନୁସାରେ ପ୍ରଭୁ ଶ୍ରୀପତି ସୂକ୍ଷ୍ମରେ ଏହି ସଂକଳନ ଉତ୍ସବର ଅନେକ ପୂର୍ବରୁ ଏହି ସ୍ଥାନକୁ ଆସି ଋଷିମାନଙ୍କୁ ଦର୍ଶନ ଦେଇ ତାଙ୍କ ମର୍ତ୍ତ୍ୟାବତରଣର ପ୍ରମାଣ ଦେବାସହ ସ୍ଥାନର ଶୁଦ୍ଧିକରଣ କରି ଯାଇଥିଲେ । ମହାପୁରୁଷ ଏହି ବର୍ଣ୍ଣନାର ଦ୍ୱିତୀୟପଦରେ ତା'ର ସୂଚନା ଦେଇଛନ୍ତି ଯାହା ପୂର୍ବରେ ଆଲୋଚନା କରାଯାଇଅଛି । ଯଥା :- ''ଶିବସାରୀ ତୋଟା ବେଗୁନିଆପଦା ଜାଣ; ପରୁଷ ସୂକ୍ଷମେ ଆସି, ଦିଅଇ ପ୍ରମାଣ'' ।

ଯୁଗଯୁଗଧରି ଅପୂର୍ବ ମହିମାରେ ଗୌରବମଣ୍ଡିତ ଏହି ଶିବସାରୀ ତୋଟା ଆଜି ପୃଥିବୀରେ ପୁରାଣ ପୃଷ୍ଠା ଉଦ୍ଦିମନ୍ତ କରଛି । ପ୍ରଭୁ ତ୍ରିଲୋକପତି ସ୍ୱୟଂ ଏଠାରେ ଦିବ୍ୟ ସିଂହାସନରେ ସ୍ଥୂଳ ଶରୀରରେ ବିରାଜିତ ହୋଇ ଚରମ ଯଜ୍ଞର ସଂକଳନ କାର୍ଯ୍ୟ ସମାପ୍ତ କରିଛନ୍ତି ଓ ସତ୍ୟଯୁଗରୁ ଅପେକ୍ଷାରତ ଋଷିପ୍ରବରମାନଙ୍କର ଅଭିଷ୍ଟ ପୂର୍ଣ୍ଣ କରିଛନ୍ତି । କେବେ ' ଚରମଯଜ୍ଞ' ଅନୁଷ୍ଠିତ ହେବ ଓ ଜଗତ୍ପତି ସ୍ୱୟଂ ଆହୂତି ପ୍ରଦାନ କରିବେ ତାହା କେବଳ ତାଙ୍କ କରୁଣା ଉପରେ ନିର୍ଭର କରେ । ତେବେ ଯଦି ତାଙ୍କର ଇଚ୍ଛା ଓ ଆଶୀର୍ବାଦ ଥାଏ, ତେବେ ଯଜ୍ଞ ସମୟରେ''ଯଜ୍ଞ'' ର ଲୁକାୟିତ ତତ୍ତ୍ୱ, ଅର୍ଥ ଓ କାରଣ ପରିଷଦ ନିଶ୍ଚୟ ପ୍ରସାର, ପ୍ରଚାର କରିବାକୁ ଅନୁଷ୍ଠିତ ହେବ । ଏ ସ୍ମରଣିକା ପାଠକ ଓ ଶ୍ରୋତା ମାନଙ୍କର ପ୍ରାର୍ଥନା ତଥା ପୁରୁଷୋତ୍ତମଙ୍କ ଇଚ୍ଛା ଓ କରୁଣା ଏକ ବିନ୍ଦୁରେ ମିଳିତ ହେଲେ ସମସ୍ତ ରହସ୍ୟ ଉନ୍ମୋଚିତ ହେବ । ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଯଜ୍ଞ ସଂକଳନୀର ଏହି ଯେଉଁ ଅମରଗାଥା ବର୍ଣ୍ଣିତ ହେଲା, ଶ୍ରଦ୍ଧା,ଭକ୍ତି ଓ ବିଶ୍ୱାସ ସହ ଯିଏ ପାଠ କରିବେ, ତାଙ୍କର ଯେ କେତେ ଜନ୍ମର ପାପ, କୁକର୍ମ ବିନାଶ ହେବ ତାହା ହିସାବ କରିବା ଅସମ୍ଭବ । ତେଣୁ ବିଶ୍ୱ ମଂଗଳ କାମନାରେ ଶ୍ରୀପାଦପଦ୍ମରେ ବିନୀତ ପ୍ରାର୍ଥନା କରୁଛୁ , ମଙ୍ଗଳମୟଙ୍କ ମଙ୍ଗଳ ଇଚ୍ଛା ହିଁ ପୂର୍ଣ୍ଣ ହେଉ । ଏ ଜଗତ୍ ଉଦ୍ଧାର ହେଉ । ଅଜ୍ଞାନର କାଳିମା ଦୂର ହୋଇ ପ୍ରତ୍ୟେକ ହୃଦୟରେ ଭକ୍ତିଯୁକ୍ତ ଜ୍ଞାନର ପ୍ରଦୀପ ପ୍ରଜ୍ଜ୍ୱଳିତ ହେଉ ।

# ଆଶ୍ରମ ସନ୍ଦେଶ

| | |
|---|---|
| ତା ୧୪।୪।୯୮ରିଖ- (ମଙ୍ଗଳବାର) | ପବିତ୍ର ମହାବିଷୁବ ସଂକ୍ରାନ୍ତି । ଠାକୁମା ଙ୍କର ଶୁଭ ଜନ୍ମ ଜୟନ୍ତୀ ତାଙ୍କର ପୂଜାର୍ଚ୍ଚନା,ଭଜନ କୀର୍ତ୍ତନ ଓ ସତ୍‌ସଂଙ୍ଗ ମାଧମରେ ମହାସମାରୋହରେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ପାଳିତ ହୋଇଅଛି । |
| ତା୨୯।୪।୯୮ରିଖ - (ବୁଧବାର) | ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ ଓ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ପ୍ରତିଷ୍ଠାଦିବସ ମଂୟୁରଭଂଜ ଜିଲ୍ଲା ଶୁକୁଳି ଠାରେ ମହା ଆଡ଼ମ୍ବରରେ ପାଳିତ ହୋଇଅଛି । |
| ତା ୦୮।୫।୯୮ ରିଖ- (ଶୁକ୍ରବାର) | ଶ୍ରୀଗୁରୁସ୍ୱାମୀଙ୍କର କେନ୍ଦୁଝର ଯାତ୍ରା ଆରମ୍ଭ । |
| ତା୧୦।୫।୯୮ରିଖ - (ରବିବାର) | କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ରାଜନଗର ଠାରେ ବୈତରଣୀ ନଦୀ ତୀରରେ ଶୈବ୍ୟା, କାବେରୀ ତୀର୍ଥ ପ୍ରତିଷ୍ଠା ଉତ୍ସବ ପାଳନ ଆରମ୍ଭ । ଏହି ଉପଲକ୍ଷେ ଅଦ୍ୟ ଯଜ୍ଞର ଅଙ୍କୁରାରୋପଣ, କଳସ ଯାତ୍ରା ଓ ଅଖଣ୍ଡନାମ ପ୍ରତିଷ୍ଠା କରାଯାଇଥିଲା । |
| ତା ୧୧।୫।୯୮ ରିଖ- (ରବିବାର) | ସୋମବାର- ଶୈବ୍ୟା,କାବେରୀ ତୀର୍ଥ ପ୍ରତିଷ୍ଠା ସ୍ୱୟଂ ଗୁରୁସ୍ୱାମୀଙ୍କ ଦ୍ୱାରା ସମାହିତ ହୋଇଥିଲା । ଯଜ୍ଞାହୂତି, ନାମ ଓ ସତ୍‌ସଂଗ ମାଧ୍ୟମରେ ଶ୍ରୀସ୍ୱାମୀ ନିଜେ ଉପସ୍ଥିତ ରହି ସହସ୍ରାଧିକ ଭକ୍ତଙ୍କ ଗହଣରେ ପବିତ୍ର ଘାଟ ଓ ସତ୍‌ସଂଗ ମଂଚରେ ଉପସ୍ଥିତ ରହି ସମସ୍ତଙ୍କୁ ଧନ୍ୟ କରାଇଥିଲେ । |
| ତା ୧୮।୫।୯୮ ରିଖ- (ସୋମବାର) | ଏହିଦିନ ପର୍ଯ୍ୟନ୍ତ ଶ୍ରୀଗୁରୁସ୍ୱାମୀ କେନ୍ଦୁଝରରେ ଅବସ୍ଥାନ କରିଥିଲେ । |
| ତା୧୯।୫।୯୮ ରିଖ - (ମଂଗଳବାର) | ଶ୍ରୀ ଗୁରୁସ୍ୱାମୀଙ୍କର ଆଶ୍ରମ ପ୍ରତ୍ୟାବର୍ତ୍ତନ । |
| ତା ୨୪।୫।୯୮ ରିଖ- (ରବିବାର) | ମୟୁରଭଂଜ, ଶୁକୁଳି ନିକଟସ୍ଥ ବୈଦ୍ୟନାଥ ଗ୍ରାମରେ ଗୌନମୁନି ସ୍ମରଣେ ଯଜ୍ଞାନୁଷ୍ଠାନର ଅଙ୍କୁରାରୋପଣ, କଳସ ଯାତ୍ରା ଓ ନାମଯଜ୍ଞ ଆରମ୍ଭ । ଶ୍ରୀ ଗୁରୁସ୍ୱାମୀଙ୍କର ଶୁକୁଳିଠାରେ ଆବିର୍ଭାବ । |
| ତା୨୫।୫।୯୮ ରିଖ- (ସୋମବାର) | ଉପରୋକ୍ତ ଉତ୍ସବ ପାଳନ କ୍ରମରେ ଯଜ୍ଞାହୂତି, ଶାନ୍ତିଯଜ୍ଞ,ନାମଯଜ୍ଞ,ଓ ସତ୍‌ସଂଙ୍ଗ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଗୁରୁସ୍ୱାମୀ ହଜାର ହଜାର ପ୍ରେମୀଭକ୍ତଙ୍କ ଗହଣରେ ମଂଚାସୀନ ହୋଇଥିଲେ । |
| ତା ୨୬।୫।୯୮ ରିଖ- (ମଂଗଳବାର) | ଶ୍ରୀଗୁରୁସ୍ୱାମୀଙ୍କର ଆଶ୍ରମ ପ୍ରତ୍ୟାବର୍ତ୍ତନ । |
| ତା ୦୯।୬।୯୮ ରିଖ- (ମଙ୍ଗଳବାର) | ସ୍ୱର୍ଣ୍ଣକ୍ଷେତ୍ର ପରିସର ମଧ୍ୟରେ ଚାରିପିତୃ ସ୍ମାରକ ଉତ୍ସବ ଉପଲକ୍ଷେ ଯଜ୍ଞର ଅଙ୍କୁରାରୋପଣ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । |
| ତା ୧୦।୬।୯୮ ରିଖ- (ବୁଧବାର) | ଚାରିପିତୃଙ୍କ ଉଦ୍ଦେଶ୍ୟରେ ଯଜ୍ଞାହୂତି ପ୍ରଦାନ ସହ ଶ୍ରୀଗୁରୁସ୍ୱାମୀ ସ୍ୱୟଂ ତାଙ୍କର ପୂର୍ବ ଯୁଗମାନଙ୍କର ପିତୃ ପିତାମହଙ୍କ ଉଦ୍ଦେଶ୍ୟରେ ତର୍ପଣ ଓ ଶ୍ରାଦ୍ଧ ଅର୍ପଣ କରିଥିଲେ । |

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି